# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ନଭେମ୍ବର ୧୨/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 12/2023 | Page 16 | ₹ 7.00 | DHENKANAL

୪୯ଶ ଭାଗ ୩୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 49 ISSUE 347 | ମୂଲ୍ୟ₹୭/-






KP GROUP
Quality Since 1965
Safal
PAN MASALA
କେ. ପି. ଗ୍ରୁପ୍ ତରଫରୁ ଆପଣ ସମସ୍ତଙ୍କୁ
ଦୀପାବଳିର
ହାର୍ଦ୍ଦିକ ଶୁଭକାମନା
KP GROUP
Quality Since 1965
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
NOT FOR MINORS. 0% TOBACCO & NO NICOTINE
CHEWING OF PAN MASALA IS INJURIOUS TO HEALTH.

DHARITRI
ଭୁବନେଶ୍ୱର, ରବିବାର, ନଭେମ୍ବର ୧୨/୨୦୨୩
Bhubaneswar, Sunday, November 12/2023



## ମାର୍ଶ ପ୍ଲେୟର ଅଫ୍ ଦି ମ୍ୟାଚ୍

ବାଂଲାଦେଶ ବିପକ୍ଷ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଅଷ୍ଟ୍ରେଲିଆର ମିଚେଲ ମାର୍ଶ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୧୧

୦୪

## ଘର କିଣିଲେ ଅନନ୍ୟା

ଧନ୍‌ତେରସ ଅବସରରେ ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ନିଜ ପାଇଁ ଏକ ଘର କିଣିଛନ୍ତି।



### ଦୀପାବଳି ଶୁଭେଚ୍ଛା

ପବିତ୍ର ଦୀପାବଳି ଅବସରରେ ଧରିତ୍ରୀର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।

### ଧରିତ୍ରୀର ଛୁଟି

ଦୀପାବଳି ପାଇଁ ଧରିତ୍ରୀ କାର୍ଯ୍ୟାଳୟ ତା ୧୨।୧୧।୨୦୨୩ ରିଖ ରବିବାର ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂସ୍କରଣ ତା ୧୪।୧୧।୨୦୨୩ ରିଖ ମଙ୍ଗଳବାର ସକାଳେ ପ୍ରକାଶ ପାଇବ।

### ଆଜିର ସମ୍ପାଦକୀୟ

**ସତ ସାମ୍ନାକୁ ଆସିଛି**



ଭୁବନେଶ୍ୱର ଲକ୍ଷ୍ମୀସାଗର ବେଙ୍ଗଲି କଲୋନୀ ସଂଘଶ୍ରୀ କ୍ଲବ୍ ପକ୍ଷରୁ ନିର୍ମିତ ମା’ କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି। (ମନୋରଞ୍ଜନ ମିଶ୍ର)

# ଛାତ୍ରଙ୍କ ଜୀବନ ନେଲା ଭିଡିଓ ଗେମ୍

**ବାହାନଗା, ୧୧।୧୧ (ଅରୂପ୍ କୁମାର ଦାସ)**

ଅନଲାଇନ ଗେମ୍‌ର ଜାଲରେ ପଡି ଜଣେ ଛାତ୍ର ଜୀବନ ହାରିଛନ୍ତି। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ବାଲେଶ୍ୱର ଜିଲା ବାହାନଗା ବ୍ଲକ କୋଟିଆକୋଇଲିସ୍ଥିତ ଅରଡା ଗ୍ରାମରେ। ପୁଅର ଏଭଳି ଚରମ ନିଷ୍ପତ୍ତିରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ସୂଚନା ଅନୁଯାୟୀ, ଶରତ ମଲ୍ଲିକଙ୍କ ପୁଅ ଆଶିଷ ଅନନ୍ତପୁରସ୍ଥିତ ସାରସ୍ୱତ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପାଠ ପଢନ୍ତି। ସେ ଦୁଇମାସ ଧରି ଅନଲାଇନରେ ଗେମ୍ ଖେଳୁଥିଲେ। ଏପରି ଖେଳିବା ମଧ୍ୟରେ ସେ କିଛି ଅର୍ଥ ହରାଇଥିଲେ। ଶୁକ୍ରବାର ଆଶିଷ କଲେଜରୁ ଫେରିବା ପରେ ସନ୍ଧ୍ୟାରେ ଘର ଭିତରେ କବାଟ ବନ୍ଦ କରି ରହିଥିଲେ। ତାଙ୍କ ମା’ କବାଟ ବାଡେଇ ଡାକିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ। ପରେ



ଆଶିଷ ମଲ୍ଲିକ

ଗ୍ରାମବାସୀଙ୍କ ସହାୟତାରେ କବାଟ ଭାଙ୍ଗି ଭିତରକୁ ପଶିବା ପରେ ସେ ଘର ଭିତରେ ଫ୍ୟାନରେ ଦଉଡି ଲଗାଇ ଝୁଲୁଥିବା ଅବସ୍ଥାରେ ଦେଖିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ନିକଟସ୍ଥ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନନ୍ତପୁର ଫାଣ୍ଡି ପୋଲିସ୍ ମେଡିକାଲରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଏନେଇ ସୋର ଥାନରେ ପୋଲିସ ଏକ ମାମଲା(ନଂ. ୮୩/୨୩) ରୁଜୁ କରି ତଦନ୍ତ ଚଳାଇଛି ।

# ଲୁଟୁଛନ୍ତି ଅନ୍‌ଲାଇନ ଠକ: ଟାର୍ଗେଟରେ ମହିଳା, ବ୍ୟବସାୟୀ

**ନୂଆଦିଲ୍ଲୀ,୧୧।୧୧**

ଜାଲ୍ କୋରିଅର ସର୍ଭିସ୍ ଓ ନକଲି ୱେବ୍‌ସାଇଟ୍ ଖୋଲି ଦେଶର ଅନେକ ହଜାର ଲୋକଙ୍କୁ ବହୁ କୋଟି ଟଙ୍କାର ଚୂନ ଲଗାଇଥିବା ଦୁଇଟି ବଡ଼ ରାକେଟ୍‌ର ପର୍ଦ୍ଦାଫାଶ ହୋଇଛି। ବିହାରର ନାଳନ୍ଦାରୁ ଗୋଟିଏ ରାକେଟର ମାଷ୍ଟରମାଇଣ୍ଡ୍ ସୌରଭ କୁମାର (୨୮)ଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ପୋଲିସ ଗୋଟିଏ ଲାପ୍‌ଟପ୍ ଓ ୫ଟି ସ୍ମାର୍ଟଫୋନ୍ ଜବତ କରିଛି। ବିହାରର ଅନ୍ୟ ଏକ ଅନୁରୂପ ଗ୍ୟାଙ୍ଗ୍ ସଦସ୍ୟମାନେ ନିଜକୁ ଟିଏମ୍‌ଟି ବାର୍‌ସର ଗ୍ଲୋବାଲ୍ ଡିଷ୍ଟ୍ରିବ୍ୟୁଟର ପରିଚୟ ଦେଇ ଦିଲ୍ଲୀର ବ୍ୟବସାୟୀମାନଙ୍କୁ ଲୁଟିଛନ୍ତି। ଏଥିପାଇଁ ସେମାନେ ଫେକ୍ ଗୁଗଲ ଆଡ୍ସ ତିଆରି କରି ସେଗୁଡ଼ିକର ପ୍ରସାର ବୃଦ୍ଧି ପାଇଁ ବୁଷ୍ଟିଂ କରାଇଥିଲେ। ଗତ ବର୍ଷକ ଭିତରେ ସେମାନେ ୧୦୦ରୁ ଅଧିକ ବ୍ୟବସାୟୀଙ୍କଠାରୁ ବିପୁଳ ପରିମାଣର ଅର୍ଥ ଠକିନେଇଛନ୍ତି।

ଝାଡ଼ଖଣ୍ଡର ସୌରଭ ବଡ଼ ବଡ଼ କୋରିୟର କମ୍ପାନୀଗୁଡ଼ିକର ଫେକ୍ ୱେବ୍‌ସାଇଟ୍ ତିଆରି କରି ସର୍ଚ୍ଚ ଇଞ୍ଜିନରେ ସେଗୁଡ଼ିକର ବିଜ୍ଞାପନ ଦେଉଥିଲେ। ଏହା ଜରିଆରେ ସେ ଦିନକୁ ପ୍ରାୟ ୩୦୦ ଗ୍ରାହକଙ୍କ ନାମ, ମୋବାଇଲ ନମ୍ବର ଓ ଅନ୍ୟ ବ୍ୟକ୍ତିଗତ ତଥ୍ୟ ହାସଲ କରୁଥିଲେ। ସେହି ତଥ୍ୟକୁ ସୌରଭ ନିଜ ସହଯୋଗୀମାନଙ୍କୁ ବିକ୍ରି କରୁଥିଲେ। ସହଅଭିଯୁକ୍ତମାନେ ତଥ୍ୟ ପାଇବା ପରେ ଜାଲରେ ଫସାଇବା ପାଇଁ ଲୋକଙ୍କୁ ଖୋଜୁଥିଲେ। ଯୋଗାଯୋଗ କରିବାବେଳେ ସେମାନେ ନିଜକୁ କୋରିଅର ଏଜେଣ୍ଟ ଭାବେ ପରିଚୟ ଦେଉଥିଲେ। ଏଥିସହ ଲୋକଙ୍କୁ ସେମାନଙ୍କ କୋରିୟର ଓଜନ ଅଧିକ ଥିବା ଦର୍ଶାଇ ୫ରୁ ୧୦ ଟଙ୍କା ଅନ୍‌ଲାଇନ୍‌ରେ ପଇଠ କରିବାକୁ କହୁଥିଲେ। ଦେୟ ପଇଠ ଲାଗି ଏକ ପେମେଣ୍ଟ ଲିଙ୍କ୍ ଶେୟାର କରୁଥିଲେ। ଏପରି କରି ସେମାନେ ଲୋକଙ୍କ ଗୋପନୀୟ ତଥ୍ୟ ହାସଲ କରିବାରେ ସକ୍ଷମ ହେଉଥିଲେ। ଏହା ବଳରେ ସେମାନେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବ୍ୟାଙ୍କ ଆକାଉଣ୍ଟରୁ ବିପୁଳ ଅର୍ଥ ହଡ଼ପ କରିଥିବା ଦିଲ୍ଲୀ ଡିସିପି (ଉତ୍ତର) ମନୋଜ ମୀନା ସୂଚନା ଦେଇଛନ୍ତି।

ଜଣେ ମହିଳା ଆଇନଜୀବୀ ଠକେଇର ଶିକାର ହେବା ପରେ ତାଙ୍କ ଅଭିଯୋଗକ୍ରମେ ନର୍ଥ ଡିଷ୍ଟ୍ରିକ୍ଟ ସାଇବର ଥାନାରେ ଅକ୍ଟୋବର ୧୮ରେ ଏକ ମାମଲା ରୁଜୁ ହୋଇଛି। ୩୫ ବର୍ଷୀୟା ଆଇନଜୀବୀ କହିଛନ୍ତି, ତାଙ୍କ ପାଖକୁ କୋରିୟର ଡେଲିଭରି ସମ୍ପର୍କିତ ଏକ ଫୋନ୍ କଲ୍ ଆସିଥିଲା। କଲ୍ କରିଥିବା ବ୍ୟକ୍ତି ତାଙ୍କୁ ଘର ଠିକଣା ମାଗିବା ସହ ଏକ ଲିଙ୍କ୍ ପଠାଇଥିଲେ। ମହିଳା ଉକ୍ତ ଲିଙ୍କ୍‌କୁ କ୍ଲିକ୍ କରିବା ମାତ୍ରେ ତାଙ୍କ ଫୋନ୍ ହ୍ୟାକ୍ ହୋଇଯାଇଥିଲା। ସଙ୍ଗେ ସଙ୍ଗେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ)ର ଏକ ଆପ୍ ଜରିଆରେ ୯୭,୯୭୦ ଟଙ୍କା କଟିଯାଇଥିବା ନେଇ ମେସେଜ୍ ଆସିଥିଲା। ☞ପୃଷ୍ଠା–୩

### ୨ ବିହାରୀ ରାକେଟ୍‌ର ପର୍ଦ୍ଦାଫାଶ








# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଢମ ସ୍ତିରୀ,**
**ଅଣ୍ଟାରୁ ପଡୁଛି ଶିଝା ବିରି ।**

ଢମ ଗପୁଥିବା ବା ବଡ଼େଇ କରି କହୁଥିବା ସ୍ତ୍ରୀଲୋକର ପ୍ରକୃତ ଧନ ଦରବର ଚିତ୍ର । ନିଜେ ଯେତେ ନୁହେଁ ତାହାକୁ ଅତିରଞ୍ଜିତ କରି ଅନ୍ୟ ଆଗରେ ଗପିବା ଦ୍ୱାରା ନିଜ ଗୁମର ପଦାରେ ପଡ଼ିଯାଇଥାଏ । ଫଳରେ ଲୋକହସା ହେବା ହିଁ ସାର ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି ।

**ଢଳ ଢଳ ଆଖି,**
**କାନ୍ଦ ମାଡୁଛି ଦେଖି ।**

ଯାହାର ହୃଦୟ ଯେତେ କୋମଳ ତା'ର ମନ ଅନ୍ୟ ପାଇଁ ସେତେ ବ୍ୟାକୁଳ । ଏଭଳି ବ୍ୟକ୍ତି ଅନ୍ୟ ଉପରେ ଦୁଃଖ ବିପତ୍ତି ପଡୁଥିବାର ଦେଖିଲେ ତାଙ୍କ ମନରେ କୋହ ସୃଷ୍ଟି ହେବା ସହ ଆଖିରୁ ଲୁହ ବାହାରି ଆସିଥାଏ । ସମଦରଦୀ ବ୍ୟକ୍ତି ଅନ୍ୟର ଦୁଃଖ କଷ୍ଟକୁ ସହ୍ୟ କରିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ଜଙ୍ଗଲରେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର

**ସୋର, ୧୧।୧୧(ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ବ୍ଲକ ମାଣିପୁର ପଞ୍ଚାୟତ ଖୁଣ୍ଟା ନିକଟ ଜଙ୍ଗଲ ମଧ୍ୟରେ ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର କରାଯାଇଛି। ଯୁବତୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ଅଭିଯୁକ୍ତ ସେଠାରୁ ଚମ୍ପଟ ମାରିଥିଲେ। ଲୋକେ ଯୁବତୀଙ୍କୁ ଉଦ୍ଧାର କରି ସୋର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଯୁବତୀଙ୍କୁ ସୋରସ୍ଥିତ ସୁଧାର ଗୃହରେ ରଖି ଅଭିଯୁକ୍ତଙ୍କୁ ଖୋଜାଖୋଜି ଆରମ୍ଭ କରିଥିଲା। ପୋଲିସ ବିଳମ୍ବିତ ରାତିରେ ଜଙ୍ଗଲ ମଧ୍ୟରୁ ଅଭିଯୁକ୍ତଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଥିଲା। ଏ ସଂକ୍ରାନ୍ତରେ ଯୁବତୀଙ୍କ ଭିଣୋଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୭୮୧/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶନିବାର ସକାଳେ ଅଟକ ଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ପରେ ସୋର ମେଡିକାଲରେ ଡାକ୍ତରୀମାଇନା ପରେ ଅପରାହ୍ନରେ କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ଉଦଳା ଥାନା ଅଞ୍ଚଳର ଆଦିବାସୀ ଦିବ୍ୟାଙ୍ଗ (ଅନ୍ଧ ଓ ବଧିର) ଯୁବତୀଜଣକ ଔପଦା ଥାନା ବଡପୋଖରୀସ୍ଥିତ ତାଙ୍କ ଭିଣୋଇଙ୍କ ଘରକୁ ବୁଲିବାକୁ ଆସିଥିଲେ। ଶୁକ୍ରବାର ଉକ୍ତ ଯୁବତୀ ରାସ୍ତାରେ ଚାଲି ଚାଲି ସୋର ଅଭିମୁଖେ ଆସୁଥିବା ବେଳେ ଔପଦା ଥାନା ଗଜାଆମ୍ବ ଗ୍ରାମର ବାଇଧର ସିଂ (୩୨) ତାଙ୍କୁ ଲିଫ୍ଟ ଦେବା ବାହାନାରେ ବାଇକରେ ବସାଇଥିଲେ। ତାଙ୍କୁ ସୋର ଅଭିମୁଖେ ଆଣୁଥିବା ବେଳେ ମାଣିପୁର ପଞ୍ଚାୟତ ଖୁଣ୍ଟା ନିକଟରେ ଏକ ଜଙ୍ଗଲ ମଧ୍ୟକୁ ନେଇ ବଳାତ୍କାର କରିଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ଯିବାରୁ ବାଇଧର ଫେରାର ହୋଇଯାଇଥିଲେ।

# ଚୋରା ମୋରମ ଖଣିରେ ଅତଡ଼ା ଖସି ମହିଳା ମୃତ

**କଣ୍ଟିପାଳ(ସୁଶାନ୍ତ କୁମାର ସାହୁ)/ହାଟଡ଼ିହୀ(ଶୁଭକାନ୍ତ ନାୟକ),୧୧।୧୧**

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ଅଧୀନ ଅସିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ଚୋରା ମୋରମ ଖଣିରୁ କାଠ ଗୋଟାଉଥିବା ବେଳେ ଅତଡା ଖସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ରମେଶ ମୁଣ୍ଡାଙ୍କ ସ୍ତ୍ରୀ ରୀନା।

ପୋଲିସ ସୂଚନା ଅନୁଯାୟୀ, ରୀନା ଶନିବାର ସକାଳେ କାଠ ଗୋଟାଇବା ପାଇଁ ଗାଁ ନିକଟସ୍ଥ ଚୋରା ମୋରମ ଖଣି ଅଞ୍ଚଳକୁ ଯାଇଥିଲେ। କାଠ ଗୋଟାଇବା ବେଳେ ମୋରମ ଅତଡ଼ା ଖସିବାରୁ ଉପରେ ଥିବା ଏକ ବାଉଁଶ ବୁଦା ତାଙ୍କ ଉପରେ ପଡ଼ିଥିଲା। ସେ ତଳେ ଚାପି ହୋଇ ରହିଯାଇଥିଲେ। ସେଠାରେ ଉପସ୍ଥିତ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ସ୍ୱାମୀ ରମେଶ ମୁଣ୍ଡା କହିଛନ୍ତି। ନନ୍ଦୀପଦା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୨୩/୨୦୨୩) ରୁଜୁ ହୋଇଛି।

# କେନ୍ଦ୍ରମନ୍ତ୍ରୀଙ୍କ ପିଏ ପରିଚୟ ଦେଇ ଚାକିରି ନାଁରେ ଲୁଟିଥିଲେ ୫୯ ଲକ୍ଷ

**କଟକ,୧୧।୧୧(କାର୍ତ୍ତିକ ସାହୁ)**

**ଅଭିଯୁକ୍ତ ଗିରଫ**


ସନ୍ତୋଷ ମୋହୁରି

କେତେବେଳେ କେନ୍ଦ୍ରମନ୍ତ୍ରୀଙ୍କ ପିଏ ତ କେତେବେଳେ ସେନା ଅଧିକାରୀ, ପୁଣି ଆଉ କେତେବେଳେ ଡିଆର୍‌ଡିଓ କର୍ମଚାରୀ ଭାବେ ପରିଚୟ ଦେଉଥିଲେ। ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇବା ପରେ ସରକାରୀ ଓ ବେସରକାରୀ ସ୍ତରରେ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଉଥିଲେ। କଟକର ଅନେକ ଲୋକଙ୍କଠାରୁ ମୋଟ୍ ୫୯ ଲକ୍ଷ ୨୫ ହଜାର ୧୦୦ ଟଙ୍କା ଲୁଟିଥିବା ଅଭିଯୋଗରେ ସାଇବର ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବ୍ରହ୍ମପୁର ବିଦ୍ୟାନାଥପୁର ସିଦ୍ଧାର୍ଥ ନଗର ଅଞ୍ଚଳର ସନ୍ତୋଷ ମୋହୁରି ଓରଫ ସନ୍ତୋଷ ମହାନ୍ତି ଓରଫ ହାଡ଼ିବନ୍ଧୁ(୩୩)। ତାଙ୍କଠାରୁ ଗୋଟିଏ ଲାପ୍‌ଟପ୍, ୮ ମୋବାଇଲ ଫୋନ୍, ୧୩ ସିମ୍‌କାର୍ଡ, କମ୍ପ୍ୟୁଟର ହାର୍ଡ ଡ୍ରାଇଭ, ଦୁଇଟି ପେନ୍‌ଡ୍ରାଇଭ, ୫ ପାସ୍‌ବୁକ, ବିଭିନ୍ନ ବ୍ୟାଙ୍କର ୫ ଚେକ୍‌ବୁକ୍, ୧୮ଟି ଡେବିଟ୍ କାର୍ଡ, ଦୁଇଟି ପ୍ୟାନ୍ କାର୍ଡ, ଗୋଟିଏ ଆଧାର କାର୍ଡ, ବାୟୁସେନାର ଗୋଟିଏ ପରିଚୟ ପତ୍ର, ଡିଆର୍‌ଡିଓ ଏବଂ ଭିଜିଲାନ୍ସ ବିଭାଗର ଦୁଇଟି ନକଲି ସାର୍ଟିଫିକେଟ ଜବତ କରାଯାଇଛି।

ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୂଳିଆ ବ୍ରାହ୍ମଣୀ ଗାଁର ନରେନ୍ଦ୍ର ସିଂହ(୫୪) ଦରଖାପାଟଣାରେ ଥିବା ହନୁମାନ ବାବା(ଚିନ୍ତାମଣି ପରିଡ଼ା)ଙ୍କ ଘରକୁ ନିୟମିତ ଯାଉଥିଲେ। ସେଠାକୁ ଆସୁଥିବା ସନ୍ତୋଷ ନିଜକୁ କେନ୍ଦ୍ରମନ୍ତ୍ରୀଙ୍କ ପିଏ ଏବଂ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କ ପୁତୁରା ଭାବେ ପରିଚୟ ଦେଉଥିଲେ। ସନ୍ତୋଷ ଏପ୍ରିଲରେ ହନୁମାନ ବାବାଙ୍କ ନିକଟକୁ ଆସି ଭାରତୀୟ ରେଲୱେ ଏବଂ ଆଇଓସିଏଲରେ ଚାକିରି କରାଇଦେବେ ବୋଲି କହିଥିଲେ। ହନୁମାନ ବାବା ଏକଥା ତାଙ୍କ ନିକଟକୁ ଆସୁଥିବା ଭକ୍ତ ଓ ସେମାନଙ୍କ ସମ୍ପର୍କୀୟଙ୍କୁ କହିଥିଲେ। ବାବାଙ୍କ କଥାରେ ବିଶ୍ୱାସ କରି କୌଣସି ସତ୍ୟାସତ୍ୟ ଯାଞ୍ଚ ନ କରି ସନ୍ତୋଷଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବିଭିନ୍ନ ପର୍ଯ୍ୟାୟରେ ଉପରୋକ୍ତ ପରିମାଣର ଟଙ୍କା ଜମା କରିଥିଲେ। ଜଣେ ଆବେଦନକାରୀଙ୍କୁ ରେଲୱେର ନକଲି ଚୟନ ତାଲିକା ପଠାଇ ଖୁବ୍‌ଶୀଘ୍ର ନିଯୁକ୍ତି ପତ୍ର ମିଳିବ ବୋଲି କହିଥିଲେ। ପରେ ସେ ଫୋନ୍ ସୁଇଚ୍ ଅଫ୍ କରିଦେଇଥିଲେ। ଠକାମିର ଶିକାର ହୋଇଥିବା ନରେନ୍ଦ୍ର ଏନେଇ ଗତ ୮ରେ ସାଇବର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୪୫/୨୩) ରୁଜୁକରି ତଦନ୍ତ କରିଥିଲା। ଅଭିଯୁକ୍ତ ବିଭିନ୍ନ ନକଲି କାଗଜପତ୍ର, ପରିଚୟପତ୍ର ବ୍ୟବହାର କରି ନିଜର ୩ଟି ନାଁ ମଧ୍ୟ ପ୍ରସ୍ତୁତ କରିଥିଲେ। ସେ ଲୋକ ଦେଖି ବିଭିନ୍ନ ସମୟରେ ବିଭିନ୍ନ ନାମରେ ଭିନ୍ନ ପଦବୀର ପରିଚୟ ଦେଉଥିଲେ ବୋଲି ସାଇବର ଥାନା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଆଇଆଇସି ଚନ୍ଦ୍ରିକା ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ପୀଡ଼ିତାଙ୍କୁ ଭେଟିଲା କଂଗ୍ରେସର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

**ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା**

## ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଜିଲା ବନ୍ଦ ଡାକରା ଦେବ ଦଳ

**ନବରଙ୍ଗପୁର,୧୧।୧୧(ସଦାଶିବ ପ୍ରହରାଜ)**



ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

ଗଣବଳାତ୍କାରର ଶିକାର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅଞ୍ଚଳର ଏକ ଆଶ୍ରମ ବିଦ୍ୟାଳୟର ଜଣେ ୬ଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଶନିବାର କଂଗ୍ରେସର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଭେଟିଛି। ଟିମ୍ ଅଧ୍ୟକ୍ଷ ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ପୀଡ଼ିତାଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ଅଧ୍ୟକ୍ଷ ବାହିନୀପତି ଏବଂ ଟିମ୍ ଏସ୍‌ପି ରୋହିତ୍ ବର୍ମା ଓ ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ସହ ସାକ୍ଷାତ କରିଛନ୍ତି। ଏହାପରେ ନବରଙ୍ଗପୁର କଂଗ୍ରେସ ଭବନରେ ଏକ ଖବରଦାତା ସମ୍ମିଳନୀ କରିଛନ୍ତି।

ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତାମାନେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ପୁଣି ଥରେ ଜଣେ ନାବାଳିକା ଛାତ୍ରୀଙ୍କୁ ବଳାତ୍କାର କରାଯାଇଛି ବୋଲି କଂଗ୍ରେସ ନେତାମାନେ କହିଛନ୍ତି। ଏଥିସହ ସେମାନେ ୩ଟି ଦାବି ରଖିଛନ୍ତି। ୨ ଅଭିଯୁକ୍ତ ଶିକ୍ଷକଙ୍କୁ ଚାକିରିରୁ ବହିଷ୍କାର, ଏତେ ବଡ଼ ଘଟଣା ଘଟିଥିଲେ ମଧ୍ୟ ଜିଲା ମଙ୍ଗଳ ଅଧିକାରୀ ଜିଲାରେ ଅନୁପସ୍ଥିତ ଅଛନ୍ତି। ତେଣୁ ତାଙ୍କୁ ନିଲମ୍ବିତ କରିବା ସହ ଅନ୍ୟତ୍ର ବଦଳି ଓ ପୋକ୍‌ସୋ ଆଇନ ଅନୁଯାୟୀ ପୀଡ଼ିତା ଛାତ୍ରୀଙ୍କୁ କ୍ଷତିପୂରଣ ବାବଦକୁ ସର୍ବନିମ୍ନ ୧୦ ଲକ୍ଷ ଟଙ୍କା ସରକାରୀ ସହାୟତା ଦେବାକୁ ଦାବି ହୋଇଛି। ୧୫ ଦିନ ଭିତରେ ଦାବି ପୂରଣ ନ ହେଲେ ନବରଙ୍ଗପୁର ଜିଲା ବନ୍ଦ ଡାକରା ଦିଆଯିବ ବୋଲି ବିଧାୟକ ବାହିନୀପତି ଚେତାବନୀ ଦେଇଛନ୍ତି। ଏହି ଘଟଣାକୁ ଆଗାମୀ ଦିନରେ ବିଧାନସଭାରେ ଉପସ୍ଥାପନ କରିବେ ବୋଲି ସେ କହିଛନ୍ତି। ଏହି ସମୟରେ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଏଆଇସିସି ସଭ୍ୟା ମନୋସା ତ୍ରିପାଠୀ, ଆଇନଜୀବୀ ରାମପ୍ରସାଦ ପାତ୍ର, ସରପଞ୍ଚ ଦିବାକର ପୂଜାରୀ, ଜିଲା ପରିଷଦ ସଭ୍ୟା ଲିପିକା ମାଝି, ଜିଲା ସଭାନେତ୍ରୀ ହାରାବତୀ ଗଣ୍ଡ, ଅବଦୁଲ ଫିରୋଜ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାନୁଯାୟୀ, ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଘଟଣାରେ କୁନ୍ଦେଇ ପୋଲିସ ସ୍କୁଲ ପ୍ରଧାନ ଶିକ୍ଷକ ସଚିନ୍ଦ୍ର ବିଶ୍ୱାସ ଏବଂ ସହକାରୀ ଶିକ୍ଷକ କେଶବ ମାଝିଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଏବେ ଅଭିଯୁକ୍ତ ୨ ଶିକ୍ଷକ ବିଚାରାଧୀନ ହେପାଜତରେ ଜେଲରେ ଅଛନ୍ତି। ପୋଲିସ ନାବାଳିକାଙ୍କ ବୟାନ ରେକର୍ଡ କରିଛି।

## କ୍ଷତିପୂରଣ ଦାବିକଲା ଭାଜପା

ନାବାଳିକା ଛାତ୍ରୀଙ୍କୁ ଗଣବଳାତ୍କାର ମାମଲାରେ ୨ ଶିକ୍ଷକଙ୍କ ବିରୋଧରେ ଗ୍ରାମବାସୀ ଜିଲା ମଙ୍ଗଳ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କାହିଁକି ସେମାନଙ୍କୁ ବଦଳି କରାଗଲା ନାହିଁ ବୋଲି ଭାଜପା ନେତାମାନେ ପ୍ରଶ୍ନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ଯଦି ପୂର୍ବରୁ ଏହି ୨ ଜଣ ଶିକ୍ଷକଙ୍କୁ ଏଠାରୁ ବଦଳି କରାଯାଇଥାନ୍ତା ତେବେ ଏଭଳି ଘଟଣା ଘଟି ନ ଥାନ୍ତା ବୋଲି ଖବରଦାତା ସମ୍ମିଳନୀ କରି ନବରଙ୍ଗପୁର ପୂର୍ବତନ ଏମ୍‌ପି ତଥା ରାଜ୍ୟ ଭାଜପା ଉପସଭାପତି ବଳଭଦ୍ର ମାଝି ଓ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ପୀଡ଼ିତାଙ୍କୁ ୩୦ ଲକ୍ଷ କ୍ଷତିପୂରଣ ଓ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ଦିଆଯାଉ ବୋଲି ବଳଭଦ୍ର ଦାବି କରିଛନ୍ତି। ଭାଜପାର ଏକ ପ୍ରତିନିଧି ଦଳ ଡାକ୍ତରଖାନାକୁ ଯାଇ ପୀଡ଼ିତା ଓ ପରିବାରବର୍ଗଙ୍କୁ ସାକ୍ଷାତ କରିଛନ୍ତି। ଏଥିସହ ସ୍କୁଲକୁ ଯାଇ ଅନ୍ୟ ଶିକ୍ଷକ ଓ ଥାନାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଖବରଦାତା ସମ୍ମିଳନୀରେ ବରିଷ୍ଠ ଭାଜପା ନେତା ରମେଶ ସାହୁ, ଯୁବନେତା ଗୌରୀଶଙ୍କର ମାଝି, ଜିଲା ସଭାପତି ଜଗଦୀଶ ବିଷୋୟୀ, ଶ୍ରୀଧର ପାତ୍ର, ଦେବଦାସ ମହାକୁଡ, ମିନତୀ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁକାନ୍ତି ବେହେରା ଓ ନଗର ସାଧାରଣ ସମ୍ପାଦକ ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିଯୁକ୍ତ ୨ଶିକ୍ଷକ ନିଲମ୍ବିତ

ନାବାଳିକା ଛାତ୍ରୀଙ୍କୁ ଗଣବଳାତ୍କାର ଅଭିଯୋଗରେ ଗିରଫ ୨ ଶିକ୍ଷକଙ୍କୁ ଜିଲାପାଳ କମଳ ଲୋଚନ ମିଶ୍ର ନିଲମ୍ବନ କରିଛନ୍ତି। ସେବାଶ୍ରମ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଚିନ୍ଦ୍ର ବିଶ୍ୱାସଙ୍କୁ ଚିଠି ନମ୍ବର ୨୭୨୮/୨୩ ଓ ଶିକ୍ଷକ କେଶବ ମାଝିଙ୍କୁ ଚିଠି ନମ୍ବର ୨୭୩୨/୨୩ ଅନୁଯାୟୀ ଜିଲାପାଳ ମିଶ୍ର ନିଲମ୍ବନ କରିଥିବା ଡିଆଇପିଆର୍‌ଓ ହଳଧର ନିଆଲ ସୂଚନା ଦେଇଛନ୍ତି।

# ବାନ୍ଧକଳାରେ ଦୀପାବଳି ଶାଢ଼ି

**ଅମରପାଲି,୧୧।୧୧(ପୀତାମ୍ବର ସାହୁ)**

## ଚର୍ଚ୍ଚାରେ ବୀରମହାରାଜପୁରର ମନୋଜ ମେହେର



ସୂକ୍ଷ୍ମ ସୂତାର କାରିଗରିକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାଏ ସୁବର୍ଣ୍ଣପୁର। କେତେବେଳେ ଚଳଚ୍ଚିତ୍ର ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାଏଙ୍କ ପାଇଁ ତ ଆଉ କେତେବେଳେ ବିଦ୍ୟା ବାଲାନଙ୍କ ପାଇଁ ଶାଢ଼ି ବୁଣି ବେଶ୍ ନାଁ କରିଛନ୍ତି ସୁବର୍ଣ୍ଣପୁର ଜିଲାର ବାନ୍ଧଶିଳ୍ପୀ। କିଛିଦିନ ଆଗରୁ ଜିଲାର ବାନ୍ଧଶିଳ୍ପୀମାନେ ମା' ଶାଢ଼ି, ଫ୍ରେଣ୍ଡସ୍ ଶାଢ଼ି, ଗଂଜପା ଶାଢ଼ି ଓ ଯୋଗ ଶାଢ଼ି ତିଆରିକରି ଚର୍ଚ୍ଚାକୁ ଆସିଥିବା ବେଳେ ଏବେ ପୁଣି ତିଆରି କରିଛନ୍ତି ଦୀପାବଳି ଶାଢ଼ି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ କେନ୍ଦୁପାଲି ଗ୍ରାମର ମନୋଜ ମେହେର ଦୀପାବଳି ଶାଢ଼ି କରି ଏବେ ଚର୍ଚ୍ଚାରେ। ଗ୍ରାମର ବାନ୍ଧଶିଳ୍ପୀ ମଗ୍ଗୁଲୁ ମେହେର ଓ ନଳିନୀ ମେହେରଙ୍କ ପୁଅ ମନୋଜ କରିଛନ୍ତି ଏହି ଦୀପାବଳି ଶାଢ଼ି। ହସ୍ତତନ୍ତ ଓ ବାନ୍ଧକଳାକୁ ନେଇ ମେହେର ବା ଭୁଲିଆ ସମ୍ପ୍ରଦାୟର ଜୀବନଜୀବିକା। ଏମାନଙ୍କ ହାତର ସ୍ପର୍ଶରେ ଜୀବନ୍ତ ହୁଏ ବାନ୍ଧକଳା। ହସ୍ତତନ୍ତ ଭିତରେ ସମାଜର ବିଭିନ୍ନ ସଂସ୍କୃତି ଓ ପରମ୍ପରାକୁ ସ୍ଥାନିତ କରିବାରେ ସିଦ୍ଧହସ୍ତ ଏଠିକାର ବାନ୍ଧଶିଳ୍ପୀ। ତିଆରି ହୋଇଥିବା ଦୀପାବଳି ଶାଢ଼ି ସୂକ୍ଷ୍ମ ମାଲବରି ସିଲ୍କ ସୂତାରେ ପ୍ରସ୍ତୁତ ହୋଇଛି। ଶାଢ଼ିର ଦେହସାରା ମେହେର ସମ୍ପ୍ରଦାୟର ତନ୍ତ ସାମଗ୍ରୀ ଯଥା ଚହଟା, କୁଂଚି, ଖୁଂଟାପଟା, ଅସାରୀ, କମଡ଼ା, ନରି, ମଙ୍ଗ ସହ ଦୀପାବଳିରେ ପ୍ରସ୍ତୁତ ହେଉଥିବା ପିଠା ମଣ୍ଡା, ଠେରରା ଭଳି ଜିନିଷକୁ ସ୍ଥାନିତ କରାଯାଇଛି। ଏହାସହ ସେହିଦିନ ଭୁଲିଆ ସମ୍ପ୍ରଦାୟ ଦ୍ୱାରା ଗାଁ ଦାଣ୍ଡରେ ଆଖୁଦଣ୍ଡ ଧରି ବାହାରୁଥିବା ଶୋଭାଯାତ୍ରାର ଝଲକ ସହ ସେତେବେଳେ ଗାନ କରାଯାଉଥିବା ଗୀତ ଅଜା ବାହାବେ, ଖଣ୍ଡ ଖଜା ଖାବେ, ଅନ୍ଧାରେ ଆବେ, ଉଜଳେ ଯାବେ ପଦକୁ ମଧ୍ୟ ସ୍ଥାନିତ କରାଯାଇଛି।

ତେବେ ଉକ୍ତ ଶାଢ଼ି ତିଆରି କରିବାକୁ ପ୍ରାୟ ଏକ ମାସ ସମୟ ଲାଗିଥିବା ବେଳେ ପରିବାରର ସମସ୍ତେ ମିଶି ଏହାକୁ ତିଆରି କରିଛନ୍ତି। ଏହାର ମୂଲ୍ୟ ପ୍ରାୟ ୩୦ ହଜାର ଟଙ୍କା ରହିଥିବା ପ୍ରକାଶ କରିଛନ୍ତି ମନୋଜ। ଏହାକୁ ତିଆରି କରିବାରେ ସାହାଯ୍ୟ କରିଛନ୍ତି ତାଙ୍କ ଗୁରୁ ପ୍ରଫୁଲ୍ଲ ମେହେର। ପାରମ୍ପରିକ ମଙ୍ଗାରେ ପ୍ରସ୍ତୁତ ହୋଇଥିବା ଏସବୁ ବସ୍ତ୍ରର ଚାହିଦା ରହିଥିବା ବେଳେ ବିଶ୍ୱଦରବାରରେ ନିଜ ଅଞ୍ଚଳ ତଥା ନିଜର ପରିଚୟ କରିବା ପାଇଁ ଏହି ଶାଢ଼ି କରିଥିବା କହିଛନ୍ତି ମନୋଜ। ବର୍ଷକୁ ଥରେ ମେହେର ବା ଭୁଲିଆ ସମ୍ପ୍ରଦାୟର ଦୀପାବଳି ମୁଖ୍ୟ ପର୍ବ ହୋଇଥିବାରୁ ଏହି ଦିନରେ ସେମାନଙ୍କ ଜୀବନଜୀବିକା ତନ୍ତକୁ ଧୋଇ ତନ୍ତଶାଳାରେ ପୂଜା କରିବା ସହ ପୂର୍ବପୁରୁଷଙ୍କୁ ଡାକନ୍ତି। ତେବେ ଧୀରେ ଧୀରେ ଆଧୁନିକତାର ଛାପରେ କାଠ ବଦଳରେ ତନ୍ତ ସାମଗ୍ରୀ ମଧ୍ୟ ଲୁହାରେ ପରିବର୍ତ୍ତନ ହେଲାଣି। ଦୀପାବଳିରେ ଆଗଭଳି ତନ୍ତ ସାମଗ୍ରୀକୁ ଖୋଲି ଧୋଇବା କିମ୍ବା ସେହିଭଳି ପିଠା କରିବାର ମଧ୍ୟ କମିଗଲାଣି। ଭୁଲିଆ ସମ୍ପ୍ରଦାୟର ଏହି ନିଆରା ପରମ୍ପରାକୁ ଉଜ୍ଜୀବିତ ରଖିବା ଲକ୍ଷ୍ୟରେ ଏଭଳି ଏକ ଦିଆଲି ଶାଢ଼ି ପ୍ରସ୍ତୁତିର ପରିକଳ୍ପନା କରାଯାଇଥିବା ତାଙ୍କ ଗୁରୁ ପ୍ରଫୁଲ୍ଲ କହିଛନ୍ତି। ବୁଣାକାର ମନୋଜଙ୍କୁ ରାଜ୍ୟ ହସ୍ତତନ୍ତ ବିଭାଗ ପକ୍ଷରୁ ପୁରସ୍କୃତ ମଧ୍ୟ କରାଯାଇସାରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ, କିନ୍ତୁ ଆପଣ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ଆନୁଷ୍ଠାନିକ କାର୍ଯ୍ୟ ପରିପ୍ରେକ୍ଷୀରେ ସୁମଧୁର ଅନୁଭୂତିକୁ ନେଇ ଦିନଟିକୁ ବିତାଇବେ। ଗୃହ, ଭୂମି, ଗାଡ଼ି, ମୋଟର, ବନ୍ଧୁବାନ୍ଧବ, ସହକର୍ମୀ ପ୍ରମୁଖଙ୍କୁ କେନ୍ଦ୍ରକରି କଳହର ଆଶଙ୍କା ଦେଖାଦେଇପାରେ। ସନ୍ତାନହେତୁକ ଚିନ୍ତା ଟଳିବ।

**ବୃଷ** ଆକସ୍ମିକ ଭାବରେ ନିମନ୍ତ୍ରିତ ହୋଇ ଆଲୋଚନାରେ ନିଜକୁ ସାମିଲ କରିବାକୁ ପଡ଼ିପାରେ। ଦୀର୍ଘ ଦିନର ସୁଚିନ୍ତିତ ନୂତନ ଗୃହ, ଅନୁଷ୍ଠାନ, ବାଣିଜ୍ୟାରମ୍ଭ କରିପାରନ୍ତି। ଜଣେ ଅନ୍ତରଙ୍ଗ ବନ୍ଧୁ କିମ୍ବା ବାନ୍ଧବୀଙ୍କ କଥା ବାରମ୍ବାର ମନରେ ଆଲୋଡ଼ନ ସୃଷ୍ଟି କରିବ। ଅସାବଧାନତାବଶତଃ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟ ହୋଇପାରେ।

**ମିଥୁନ** ପାରିବାରିକ ଅସ୍ଥିରତା ଓ ଅଶାନ୍ତି କାରଣରୁ ମନ ଭଲ ରହିବ ନାହିଁ। ପରିସ୍ଥିତିବଶତଃ ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ହେତୁ ମନ ଅସ୍ଥିର ରହିବ।

**କର୍କଟ** ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ଚେଷ୍ଟା ସଫଳ ହେବାରେ ଜଣେ ଅଜଣା ବ୍ୟକ୍ତି ସାହାଯ୍ୟ କରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ଚିନ୍ତା କରି ମନରେ ସରସତା ରହିବ ନାହିଁ। କିଛି ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ସାମୟିକ ଭାବରେ ଖୁସି ହୋଇ ଯାଇପାରେ। ରଚନାତ୍ମକ କାମ, ଅଧ୍ୟୟନ ଓ ଅଧ୍ୟାପନାରେ ଉନ୍ନତି କରିବେ। ପରିବହନ, ନିର୍ମାଣ, ବାଣିଜ୍ୟ ବ୍ୟବସାୟ ସକାଶେ ଦିନଟି ବହୁତ ଭଲ।

**କନ୍ୟା** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିବେ। ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ନିଜର ଉପସ୍ଥିତ ବୁଦ୍ଧି ଖଟାଇ ପରିବାର ଭିତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେବେ।

**ତୁଳା** ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ସହକର୍ମୀଙ୍କ ହସ୍ତକ୍ଷେପ ଫଳରେ ବାଧାବିଘ୍ନ ଘଟିପାରେ। ମଙ୍ଗଳ ସମେତ ଏକାଧିକଗ୍ରହ ରାଶିରେ ରହୁଥିବାରୁ ଅଗ୍ନି, ବିଦ୍ୟୁତ୍ ଓ ବାରୁଦଠାରୁ ଦୂରେଇ ରହିବା ଭଲ। ରାଜନୀତି, ସାମ୍ବାଦିକତା, କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**ବିଛା** ଆଜି ସକାଳୁ ସକାଳୁ ଦୂରଯାତ୍ରା କରିବାକୁ ପଡ଼ିବ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପଡ଼ିବ।

**ଧନୁ** ଘରର ପରିସ୍ଥିତି ଆପଣଙ୍କ ସକାଶେ ଚିନ୍ତାର କାରଣ ହୋଇପାରେ। ବନ୍ଧୁଙ୍କ ସଦ୍ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ସଭାସମିତିରେ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ।

**ମକର** ମନକଥା ମନରେ ରଖି ମଧୁର ବ୍ୟବହାର ଦ୍ୱାରା ବନ୍ଧୁଙ୍କୁ ଆପ୍ୟାୟିତ କରିବାକୁ ବାଧ ହେବେ। ବ୍ୟତିକ୍ରମ ଓ ପ୍ରତିବନ୍ଧକ ଲାଗି ରହିଲେ ମଧ୍ୟ ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି ହେବ।

**କୁମ୍ଭ** ପାରିବାରିକ ସ୍ତରରେ ସମସ୍ୟା ବିଜଡ଼ିତ ହେବା କାରଣରୁ ମାନସିକ ସ୍ଥିରତା କ୍ଷୁଣ୍ଣ ଆଶଙ୍କା ରହିଛି। ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲଭିବେ। ସାମୟିକ ଭାବପ୍ରବଣତାରେ ହଜି ନ ଯାଇ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଚେଷ୍ଟା କଲେ ଉପକାର ମିଳିବ।

**ମୀନ** ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ନଚେତ୍ କିଛି ଜିନିଷ ହରାଇବାକୁ ପଡ଼ିପାରେ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଅତି ଭଲ ସମ୍ପର୍କ ରହିଥିବା ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। କଳା, ସାହିତ୍ୟରେ ସମସ୍ୟା ସୃଷ୍ଟି ହୋଇପାରେ।

ଆଜି ଆଲୋକର ପର୍ବ ଦୀପାବଳି, କାର୍ତ୍ତିକ କୃଷ୍ଣ ଚତୁର୍ଦ୍ଦଶୀଯୁକ୍ତ ଅମାବାସ୍ୟା ରବିବାର, ପୟାଶ୍ରାଦ୍ଧ, ସୁଖରାତ୍ରି, କାଳୀପୂଜା, ଅମାବାସ୍ୟାର ନିଶାପାଳନ, ନଭେମ୍ବର ୧୨ ତାରିଖ, ରାଷ୍ଟ୍ରୀୟ ପ୍ରସାରଣ ଦିବସ, ପଣ୍ଡିତ ମଦନମୋହନ ମାଳବ୍ୟଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୪୧ ଗତେ ଘ.୦୮।୫୪ ମଧ୍ୟେ, ଘ.୧୨।୫୪ ଗତେ ଘ.୦୨।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୪୦ ଗତେ ଘ.୦୫।୦୪ ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ନଭେମ୍ବର ୧୨/୨୦୨୩ | Bhubaneswar, Sunday, November 12/2023 | ପୃଷ୍ଠା-୧

DADLS-48

ସତ୍ୟମେବ ଜୟତେ
ପବିତ୍ର ଦୀପାବଳି-୨୦୨୩
ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ
ବାର୍ତ୍ତା
ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।
(ରଘୁବର ଦାସ)

ଓଡ଼ିଶା ସରକାର

ମୁଖ୍ୟମନ୍ତ୍ରୀଙ୍କ ଦୀପାବଳି ଶୁଭେଚ୍ଛା
ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ଆପଣମାନଙ୍କୁ ମୋର ଶୁଭେଚ୍ଛା । ସମସ୍ତଙ୍କ ଜୀବନକୁ ରୂପାନ୍ତରର ଆଲୋକରେ ଆଲୋକିତ କରିବା ପାଇଁ ଆସନ୍ତୁ, ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ଏବଂ ଶ୍ରେଷ୍ଠ ଓଡ଼ିଶା ଗଠନ କରି ଓଡ଼ିଶାର ସମ୍ମାନକୁ ନୂତନ ଶିଖରରେ ପହଞ୍ଚାଇବା ।
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା


ପବିତ୍ର ଦୀପାବଳି - ୨୦୨୩ ଉପଲକ୍ଷେ
ବାର୍ତ୍ତା
ଆଲୋକ ଓ ଆନନ୍ଦର ପର୍ବ ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।
(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ,
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା
OIPR-15001/13/0185/2324

# ଖଡ଼ଗପୁର ପରେ ଓଡ଼ିଶାରେ ତତ୍ପରତା

## ▪ ବସ୍‌ରେ ବାଣ ନେଲେ କାର୍ଯ୍ୟାନୁଷ୍ଠାନ
## ▪ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ସଚେତନ କଲା ଅଗ୍ନିଶମ ଟିମ

ଭୁବନେଶ୍ୱର,୧୧।୧୧
(ସୂର୍ଯ୍ୟକାନ୍ତ ବେହେରା)

ପଶ୍ଚିମବଙ୍ଗର ଖଡ଼ଗପୁରରେ ବସ୍ ଜଳିଯିବା ଘଟଣାରେ ଓଡ଼ିଶା କେନ୍ଦ୍ରାପଡ଼ାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ବସ୍‌ରେ ଶର୍ଟସର୍କିଟରୁ ନିଆଁ ଲାଗିଥିବାବେଳେ, ଏଥିରେ ବାଣ ଓ ମହମବତି ଥିବାରୁ ବସ୍‌ଟି କିଛି କ୍ଷଣ ମଧ୍ୟରେ ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଏହି ଘଟଣା ପରେ ଏବେ ବସ୍ ଯାତ୍ରାକୁ ନେଇ ଚିନ୍ତା ଘାରିଛି। ରାତି ପାହିଲେ ଦୀପାବଳି ଥିବାରୁ ଅଧିକାଂଶ ଲୋକ ବସ୍‌ରେ ଯାତ୍ରା କରୁଛନ୍ତି। ତେଣୁ ବାଣ ନେବାର ଆଶଙ୍କା ଥିବାରୁ ଓଡ଼ିଶା ଅଗ୍ନିଶମ ବିଭାଗ ଓ ପରିବହନ ବିଭାଗଙ୍କ ଚେତା ପଶିଛି। ତତ୍ପରତା ଦେଖାଇ ଶନିବାର ଅଗ୍ନିଶମ ଟିମ୍ ବରମୁଣ୍ଡା ବସ୍ ଷ୍ଟାଣ୍ଡରେ ପହଞ୍ଚି ଏକ ବୈଠକ କରି ବସ୍ କର୍ମଚାରୀ ଓ ଲୋକଙ୍କୁ ସତର୍କ କରାଇଛନ୍ତି। ଏପରିକି ଯାତ୍ରୀବାହୀ ବସ୍‌ରେ ବାଣ ନେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିକ୍ରିୟା ରଖି ଭୁବନେଶ୍ୱର ଡେପୁଟି ଫାୟାର ଅଫିସର ଅବନୀ ସ୍ୱାଇଁ ଚେତାବନୀ ଦେଇଛନ୍ତି। ଏହି ସମୟରେ କିଛି ବସ୍ ଯାଞ୍ଚ କରାଯାଇଥିଲା। ହେଲେ କୌଣସି ବିସ୍ଫୋରକ ସାମଗ୍ରୀ ମିଳି ନ ଥିବା ସ୍ୱାଇଁ କହିଛନ୍ତି। ଏହାସହ ସେ ଆହୁରି ମଧ୍ୟ କହିଛନ୍ତି ଯେ, ବସ୍ କିମ୍ବା କୌଣସି ବି ପବ୍ଲିକ ଟ୍ରାନ୍ସପୋର୍ଟରେ ବାଣ ନ ନେବାକୁ ନିୟମ ରହିଛି। ପୂର୍ବରୁ ଏନେଇ ବସ୍ ମାଲିକଙ୍କୁ ସଚେତନ କରାଯାଇଥିଲା। ଏଥିପାଇଁ ପରିବହନ ବିଭାଗ କିମ୍ବା ପୋଲିସକୁ ସହଯୋଗ କରିବାକୁ ସେ କହିଥିଲେ। ସେହିପରି ବରମୁଣ୍ଡା ପଡ଼ିଆରେ ଥିବା ବିଭିନ୍ନ ବାଣ ଦୋକାନରେ ଅଗ୍ନି ନିରାପତ୍ତା ଯାଞ୍ଚ କରାଯାଇଛି। ନିର୍ଦ୍ଦେଶାବଳୀ ଅନୁସାରେ ବାଣ ବିକ୍ରି ହେଉଛି କି ନାହିଁ, ପ୍ରତି ଦୋକାନ ମଧ୍ୟରେ ଦୂରତା ଅଛି କି ନାହିଁ ଓ ଅଗ୍ନିନିର୍ବାପକ ଯନ୍ତ୍ର ରଖିଛନ୍ତି କି ନାହିଁ ଆଦି ଡେପୁଟି ଫାୟାର ଅଫିସରଙ୍କ ନେତୃତ୍ୱରେ ଏକ ଟିମ୍ ଯାଞ୍ଚ କରିଥିଲା।

ସୂଚନାନୁସାରେ ଶୁକ୍ରବାର ରାତିରେ ପଶ୍ଚିମବଙ୍ଗରୁ 'ଶିବମ' ବସ୍ ପାରାଦୀପ ଆସୁଥିଲା। ଉକ୍ତ ବସ୍‌ରେ ସମୁଦାୟ ୩୮ଯାତ୍ରୀ ଥିବାବେଳେ ସେମାନଙ୍କ ମଧ୍ୟରେ କେନ୍ଦ୍ରାପଡାର ୧୬, ଯାଜପୁରର ୬ ଓ ପାରାଦୀପର ୨ଜଣ ଯାତ୍ରୀ ଥିଲେ। ଉକ୍ତ ବସ୍‌ରେ କେନ୍ଦ୍ରାପଡାର ମୃତା ପୁଷ୍ପାଞ୍ଜଳି ନିଜ ସ୍ୱାମୀ ଓ ପୁଅଙ୍କ ସହ ଫେରୁଥିଲେ। ବସ୍‌ରେ ନିଆଁ ଲାଗିଯିବାରୁ ସେ ସମ୍ପୂର୍ଣ୍ଣ ଜଳି ଯାଇଛନ୍ତି। ଅଘଟଣ ପରେ ସେହି ବସରେ ଯାତ୍ରା କରୁଥିବା ୨୮ ଜଣଙ୍କୁ ଅନ୍ୟ ଏକ ବସ୍‌ରେ ଓଡ଼ିଶା ଅଣାଯାଇଛି। ଏନେଇ ଓଡ଼ିଶା ପରିବହନ ବିଭାଗ କମିଶନର ଅମିତାବ ଠାକୁର କହିଛନ୍ତି, ପଶ୍ଚିମବଙ୍ଗ ସରକାର ବସ୍ ଦୁର୍ଘଟଣାର ତଦନ୍ତ କରୁଛନ୍ତି। ସେଠାରେ ରେସ୍କ୍ୟୁ ଅପରେଶନରେ ସହଯୋଗ କରିବାକୁ ଓଡ଼ିଶା ସରକାରଙ୍କ ଅଧିକାରୀମାନେ ମଧ୍ୟ ଖଡଗପୁର ଯାଇଛନ୍ତି। ଆମର ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଓଡ଼ିଶା ଅଣାଯାଇଛି। ଏବେ ଆମେ ସମସ୍ତଙ୍କୁ ଅନୁରୋଧ କରୁଛୁ ଯେ, ବସ୍‌ରେ କୌଣସି ବାଣ କିମ୍ବା ଦହନଶୀଳ ପଦାର୍ଥ ନେବା ଆଣିବା ନ କରନ୍ତୁ। ସବୁ ବସ୍ କିମ୍ବା ଯାତ୍ରୀଙ୍କ ଲଗେଜ ଯାଞ୍ଚ କରିବା ସମ୍ଭବ ନୁହେଁ ବୋଲି ଠାକୁର କହିଛନ୍ତି।

# ନିଶାଦ୍ରବ୍ୟ ମାମଲାରେ ନାବାଳକ ଦୋଷୀ

## ▪ ସ୍ୱତନ୍ତ୍ର ଗୃହରେ ରହିବେ ୩ବର୍ଷ
## ▪ ଆଚରଣ ଶୁଦ୍ଧି ପାଇଁ ଦିଆଯିବ ଶିକ୍ଷା ଏବଂ ପ୍ରଶିକ୍ଷଣ
## ▪ ଓଡ଼ିଶାରେ ପ୍ରଥମ ଘଟଣା

ଭୁବନେଶ୍ୱର,୧୧।୧୧
(ସୂର୍ଯ୍ୟକାନ୍ତ ବେହେରା)

ଏକ ନିଶାଦ୍ରବ୍ୟ ଜବତ ମାମଲାରେ ଖୋର୍ଦ୍ଧା ଜୁଭେନାଇଲ ଜଷ୍ଟିସ ବୋର୍ଡ ଶୁକ୍ରବାର ଜଣେ ନାବାଳକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ମାମଲାର ବିଚାର କରି ବିଚାରପତି ଚିନ୍ମୟ ରଥ ନାବାଳକଙ୍କୁ ୩ ବର୍ଷ ଦଣ୍ଡାଦେଶ ଶୁଣାଇବା ସହ ତାଙ୍କୁ ବ୍ରହ୍ମପୁରରେ ଥିବା ସ୍ୱତନ୍ତ୍ର ହୋମ୍‌କୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ନାବାଳକଙ୍କ ସଂସ୍କାରମୂଳକ ପରିବର୍ତ୍ତନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ କୋର୍ଟ କହିଛନ୍ତି। ଏଥିସହ ଶିକ୍ଷା, ଦକ୍ଷତା, ଆଚରଣରେ ସଂଶୋଧନ ଆଦି ସେବା ଯୋଗାଇଦେବାକୁ ପରାମର୍ଶ ଦିଆଯାଇଛି। ୧୧ଜଣ ସାକ୍ଷୀ ଓ ୪୪ଟି ଦସ୍ତାବିଜ୍ ଆଧାରରେ ଅଦାଲତ ଏହି ରାୟ ଶୁଣାଇଛନ୍ତି। ତେବେ ନିଶାଦ୍ରବ୍ୟ କାରବାର ମାମଲାରେ ଜଣେ ନାବାଳକ ଦୋଷୀ ସାବ୍ୟସ୍ତ ହେବା ଓଡିଶାରେ ପ୍ରଥମ ଘଟଣା ବୋଲି କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାନୁସାରେ, ୨୦୨୧ ଅଗଷ୍ଟ ୧୨ରେ ବ୍ରାଉନସୁଗାର କାରବାରବେଳେ ଏସ୍‌ଟିଏଫ୍ ଟିମ୍ ନାବାଳକଙ୍କ ସମେତ ୩ଜଣଙ୍କୁ ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡ ନିକଟରୁ ଗିରଫ କରିଥିଲା। ଯାଞ୍ଚ ସମୟରେ ସେମାନଙ୍କଠାରୁ ୧କେଜି ୨୬୮ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା। ଆର୍ଥିକ ଲାଭ ପାଇଁ ବ୍ରାଉନସୁଗାର କାରବାର କରୁଥିବା ସେମାନେ ଏସ୍‌ଟିଏଫ୍ ଆଗରେ ସ୍ୱୀକାର କରିଥିଲେ। ଏହାପରେ ଏସ୍‌ଟିଏଫ୍ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରିବା ସହ ଦଫା ୨୧(ସି)/୨୯ରେ ଚାର୍ଜଶିଟ୍ ଦାଖଲ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ରୂପା ରଞ୍ଜନ ମିଶ୍ର ପରିଚାଳନା କରିଥିଲେ।

# ସ୍କୁଲ ଛୁଟି ପରେ ଘରକୁ ଫେରିଲେନି ଦୁଇ ଛାତ୍ର

ସୋର, ୧୧।୧୧(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରେ ଶନିବାର ସ୍କୁଲ ଛୁଟି ହେବା ପରେ ୨ଜଣ ଛାତ୍ର ନିଖୋଜ ହୋଇଥିବା ଅନନ୍ତପୁର ଫାଣ୍ଡିରେ ଅଭିଯୋଗ ହୋଇଛି। ସେମାନେ ଘରକୁ ଫେରି ନ ଥିବାରୁ ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇ ପ୍ରଥମେ ଚାରିଆଡେ ଖୋଜାଖୋଜି କରିଥିଲେ। ଶେଷରେ ପତ୍ତା ନ ମିଳିବାରୁ ନିରୁପାୟ ହୋଇ ଫାଣ୍ଡିରେ ଜଣାଇଛନ୍ତି। ଅନନ୍ତପୁର ପଞ୍ଚାୟତ ଲେଙ୍କାତୋଟା ଗ୍ରାମର ରମେଶ ସାହୁଙ୍କ ପୁଅ ରାଜେଶ ଏବଂ ଅନନ୍ତପୁରର ପୁରାଣ ପ୍ରମାଣିକଙ୍କ ପୁଅ ଅଭିନାଶ ସ୍ଥାନୀୟ ସ୍କୁଲରେ ଦଶମ ଶ୍ରେଣୀରେ ପାଠ ପଢନ୍ତି। ସେମାନେ ନିଖୋଜ ନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ଆସୁଛି ଲଘୁଚାପ: ୧୬ ରୁ ୧୮ ଉପକୂଳରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୧।୧୧ (ଅନିଲ ଦାସ)

ଆସନ୍ତା ୧୪ ତାରିଖରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟିହେବ । ୧୫ ତାରିଖରେ ଏହା ଡିପ୍ ଡିପ୍ରେସନ(ଅବପାତ)ରେ ପରିଣତ ହୋଇ ପଶ୍ଚିମ- ଉତ୍ତର ପଶ୍ଚିମ ଦିଗକୁ ଗତିକରି ଓଡ଼ିଶା ଉପକୂଳମୁହାଁ ହେବ। ଲଘୁଚାପ ଓଡ଼ିଶା ଉପକୂଳ ଦେଇ ଅତିକ୍ରମ କରିବା ବେଳେ ୪୦ରୁ ୫୦ କି.ମି. ବେଗରେ ପବନ ସହ ବର୍ଷା ହେବ। ଏହାର ପ୍ରଭାବରେ ଆସନ୍ତା ୧୫ ତାରିଖ ରାତ୍ରିରୁ ବର୍ଷା ଆରମ୍ଭ ହେବ। ୧୬ରୁ ୧୮ ଯାଏ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ନୟାଗଡ଼ ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଅନୁଗୋଳ, ଢେଙ୍କାନାଳ ଆଦି ଜିଲାରେ ଝଡ଼ ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ୬୦ରୁ ୭୦ ମିଲିମିଟର ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଲଘୁଚାପ ପ୍ରଭାବରେ ନଭେମ୍ବର ୨୦ ତାରିଖ ଯାଏ ଉପକୂଳ ଜିଲାରେ ହାଲୁକା ବର୍ଷା ଲାଗି ରହିବ। ଅନ୍ୟପକ୍ଷରେ ରାଜ୍ୟରେ ହାଲୁକା ଥଣ୍ଡା ଜାରି ରହିଛି। ଶନିବାର କୋରାପୁଟରେ ସର୍ବନିମ୍ନ ୧୧.୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡ଼ିରେ ୧୩.୫, ରାଉରକେଲାରେ ୧୫.୫, ସୁନ୍ଦରଗଡ଼ରେ ୧୫.୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ରାଜ୍ୟର ଅନ୍ୟାନ୍ୟ ଭାଗରେ ସର୍ବନିମ୍ନ ତାପମାତ୍ରା ୨୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି।

ସଂପୂର୍ଣ୍ଣ ସମୟ, ଆଂଶିକ ସମୟ, ଯେ କୌଣସି ସମୟ !
ଉପାର୍ଜନ କରନ୍ତୁ, ଶିକ୍ଷା କରନ୍ତୁ ଏବଂ ଆଗକୁ ବଢ଼ନ୍ତୁ
ଭାରତର ବୃହତ୍ତମ ଜୀବନ ବୀମା କମ୍ପାନୀ ସହିତ।

• ଆପଣଙ୍କର ସମୟ ଅନୁଯାୟୀ କାର୍ଯ୍ୟ କରନ୍ତୁ • ପୁରସ୍କାର ଓ ପରିଚିତି
• ସମନ୍ୱିତ ସୁବିଧା ପ୍ୟାକେଜ୍ • ଫୁଲ୍ ଟାଇମ୍ କିମ୍ବା ପାର୍ଟ ଟାଇମ୍ କ୍ୟାରିଅର... ଆପଣ ସ୍ଥିର କରନ୍ତୁ
ଏଜେଣ୍ଟ ଭାବରେ ଏଲଆଇସିରେ ଯୋଗ ଦେବା ପାଇଁ ଏସଏମଏସ କରନ୍ତୁ 'Agent City-Name' (Agent space City-Name) ଯଥା: 'Agent Mumbai' କୁ 56767474 କିମ୍ବା ଆମର ୱେବସାଇଟ୍ www.licindia.in ମାଧ୍ୟମରେ ପଞ୍ଜୀକରଣ କରନ୍ତୁ ଅଥବା ନିକଟରେ ଥିବା ଏଲଆଇସି ଶାଖା ସହିତ ସମ୍ପର୍କ କରନ୍ତୁ।
Follow us : LIC India Forever
LIC
ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA
LIC/02/16-17/12/ODI
IRDAI Regn No.: 512
ଜୀବନ ସାଥିରେ ବି, ଜୀବନ ପରେ ବି।

ଆଉ ଥରେ ପୃଥିବୀର ଇତିହାସରେ ଆମେ ଏକ ଛକ ଜାଗାରେ ଆସି ପହଞ୍ଚିଛୁ। ଏହା ହେଉଛି ସିଦ୍ଧାନ୍ତ ନେବାର ସମୟ। ଚାରିଆଡୁ ପ୍ରଶ୍ନ ହେଉଛି- ଏହା ପରେ କ'ଣ ଘଟିବ ? ଗୋଟିଏ ଉତ୍ତର ଯଦି ମଣିଷ ଆଧ୍ୟାତ୍ମିକ ହେବା ପାଇଁ ସମ୍ମତ ହୁଅନ୍ତା ! —ଶ୍ରୀମା

# ସତ ସାମ୍ନାକୁ ଆସିଛି



ଆକାର ପଟେଲ

ବିମୁଦ୍ରୀକରଣ ବାର୍ଷିକୀ ଆସିଲା ଓ ଗଲା। ଏହି ବିମୁଦ୍ରୀକରଣ ମହାରାଷ୍ଟ୍ରର ଲାତୁର ସହରରୁ ଯାନ୍ତ୍ରିକ ଇଞ୍ଜିନିୟରିଂରେ ଡିପ୍ଲୋମା କରିଥିବା ଅନିଲ ବୋକିଲଙ୍କ ବିଚାର ଥିଲା। ବୋକିଲ ଅର୍ଥକ୍ରାନ୍ତି ନାମକ ଏକ ସଂସ୍ଥା ଚଳାନ୍ତି ଓ ନିଜକୁ ଜଣେ ଆର୍ଥିକ ସିଦ୍ଧାନ୍ତବାଦୀ ଭାବେ ପ୍ରତିପାଦିତ କରନ୍ତି। ତାଙ୍କ ବିଚାର ଥିଲା ଭାରତ ଭଳି ଦେଶରେ ଜନସଂଖ୍ୟାର ୭୦% ଲୋକ ଦିନକୁ ୧୫୦ ଟଙ୍କାରେ ଚଳୁଥିବାବେଳେ ଆମର କାହିଁକି ୧୦୦ ଟଙ୍କିଆରୁ ଅଧିକ ମୂଲ୍ୟର ନୋଟ୍ ଆବଶ୍ୟକ ହେବ ? ପ୍ରଧାନମନ୍ତ୍ରୀ ବିମୁଦ୍ରୀକରଣର ବିଚାର କିଭଳି ପାଇଥିଲେ ତାହା ଭାରତୀୟ ମୁଦ୍ରାର ୮୬% ଅକାମୀ ହେବା ପରଦିନ ଏକ ସାକ୍ଷାତ୍କାରରେ ବୋକିଲ ପ୍ରକାଶ କରିଥିଲେ। ଜୁଲାଇ ୨୦୧୩ରେ ମୋଦିଙ୍କୁ ଭାଜପାର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯିବା ପରେ ବୋକିଲ ଅହମ୍ମଦାବାଦ ଯାଇ ଅର୍ଥକାନ୍ତିର ପ୍ରସ୍ତାବ ସମ୍ପର୍କରେ ଉପସ୍ଥାପିତ କରିବାକୁ ଚାହିଁଥିଲେ। ମୋଦି ବୋକିଲଙ୍କୁ ସାକ୍ଷାତ୍କାର ପାଇଁ ୧୦ ମିନିଟ୍ ସମୟ ଦେଇଥିଲେ। କିନ୍ତୁ ସେ ତାଙ୍କ କଥା ୯୦ ମିନିଟ୍ ଶୁଣିଥିଲେ ବୋଲି ବୋକିଲ ଅନୁଭବ କରିଥିଲେ। ମୋଦିଙ୍କୁ ବୈଠକରେ ଅବଗତ କରାଯାଇଥିବା ବିମୁଦ୍ରୀକରଣର ଉପକାର ତାଲିକା ଅର୍ଥକ୍ରାନ୍ତି ୱେବ୍‌ସାଇଟରେ ଦର୍ଶାଯାଇଥିଲା। ଏଥିରେ ଉଗ୍ରବାଦୀ ଏବଂ ଜାତୀୟତା ବିରୋଧୀ କାର୍ଯ୍ୟକଳାପ ନିୟନ୍ତ୍ରିତ ହେବ, ଟିକସ ଫାଙ୍କିବା କମିବ, ଦୁର୍ନୀତି ହ୍ରାସ ହେବ ଏବଂ ରୋଜଗାରରେ ଆଖିଦୃଶିଆ ଅଭିବୃଦ୍ଧି ଘଟିବ ବୋଲି କୁହାଯାଇଥିଲା। କିନ୍ତୁ ବିମୁଦ୍ରୀକରଣ କିଭଳି କାର୍ଯ୍ୟକାରୀ ହେବ ଏବଂ ଏହାର ଉପକାର କିଭଳି ହାସଲ କରାଯିବ ସେ ସମ୍ବନ୍ଧରେ କୁହାଯାଇନାହିଁ। ଅର୍ଥକ୍ରାନ୍ତି ମଧ୍ୟ ଟ୍ରାଞ୍ଜାକ୍‌ଶନ ଟ୍ୟାକ୍ସ ସପକ୍ଷରେ ସମଗ୍ର ଟିକସ ବ୍ୟବସ୍ଥା ପ୍ରତ୍ୟାହାର କରିବାକୁ ପ୍ରସ୍ତାବ ଦେଇଛି, ଯେଉଁଥିରେ ନଗଦ କାରବାର ଉପରେ ୨,୦୦୦ ଟଙ୍କା ସୀମା ରହିଛି। କିନ୍ତୁ ଧାରଣାଗୁଡ଼ିକରୁ ମୋଦି କେବଳ ବିମୁଦ୍ରୀକରଣକୁ ବାଛିଲେ। ୮ ନଭେମ୍ବର ୨୦୧୬ ବିମୁଦ୍ରୀକରଣ ଘୋଷଣାକରି ମୋଦି କହିଥିଲେ, ଭାରତର ବଡ଼ ସମସ୍ୟା ଥିଲା ଦୁର୍ନୀତି, କଳାଧନ ଓ ଉଗ୍ରବାଦ। ଦୁର୍ନୀତି ବିରୋଧରେ ଏକ ନିର୍ଣ୍ଣାୟକ ପଦକ୍ଷେପ ଲୋଡ଼ା। ଉଗ୍ରବାଦ ପାଇଁ ଟଙ୍କା ପାକିସ୍ତାନରୁ ନକଲି ଟଙ୍କା ଆକାରରେ ଭାରତକୁ ଆସୁଥିବା ସେ ପ୍ରକାଶ କରିଥିଲେ। ସେ କହିଥିଲେ, ନଗଦ ଟଙ୍କା କାରବାରର ସମ୍ପର୍କ ଦୁର୍ନୀତି ସହ ଅଛି ଏବଂ ସେଥିପାଇଁ ମୋଟ ମୁଦ୍ରାର ୮୦ରୁ ୯୦ ପ୍ରତିଶତ ଥିଲା ୫୦୦ରୁ ୧୦୦୦ ନୋଟ୍‌କୁ ରଦ୍ଦ କରୁଛନ୍ତି ବୋଲି କହିଥିଲେ। ମୋଦି ସ୍ୱୀକାର କରିଥିଲେ, ଏହି ନୀତିରେ କିଛି ଅସୁବିଧା ରହିଛି, କିନ୍ତୁ ଏହା ସମସ୍ୟା ହେବ ନାହିଁ। ଏହାର କାରଣ ଦର୍ଶାଇବାକୁ ଯାଇ କହିଥିଲେ, ସାଧାରଣ ଜନତା ଦେଶ ପାଇଁ କଠିନ ସ୍ଥିତିର ସମ୍ମୁଖୀନ ହେବା ସହ ତ୍ୟାଗ କରିବାକୁ ଉତ୍ସୁକ। ବିଭିନ୍ନ ବିଭାଗ ଦ୍ୱାରା କିଛି ପ୍ରସ୍ତୁତି କରାଯାଇ ନ ଥିଲା। ଏହା ଆମେ ଜାଣୁ କାରଣ ନଭେମ୍ବର ୮ରେ କ୍ୟାବିନେଟ୍ ବୈଠକ ଡକାଯାଇଥିଲା ଏବଂ ଶେଷଯାଏ ନିଷ୍ପତ୍ତି ଗୁପ୍ତ ରଖିବା ଲାଗି ମନ୍ତ୍ରୀମାନଙ୍କୁ ମୋବାଇଲ ବାହାରେ ରଖିବାକୁ କୁହାଯାଇଥିଲା। ଯେହେତୁ ମନ୍ତ୍ରୀମାନେ ଜାଣି ନ ଥିଲେ, ସେମାନଙ୍କ ମନ୍ତ୍ରଣାଳୟଗୁଡ଼ିକ ମଧ୍ୟ ଜାଣି ନ ଥିଲେ କି ଏ ବାବଦରେ ପ୍ରସ୍ତୁତ ହୋଇ ନ ଥିଲେ।

ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ମୋଦିଙ୍କୁ ସତର୍କ କରିଥିଲା। ଏହି ପଦକ୍ଷେପ ଉପରେ ଆଲୋଚନା ଏବଂ ଏହାକୁ ଅସ୍ୱୀକାର କରିବା ପରେ ରଘୁରାମ ରାଜନ ଆର୍‌ବିଆଇ ଗଭର୍ନର ପଦରୁ ଇସ୍ତଫା ଦେଇଥିଲେ। ନୂତନ ଗଭର୍ନର ଉର୍ଜିତ ପଟେଲ ଦାୟିତ୍ୱ ଗ୍ରହଣ କରିବାର ସପ୍ତାହକ ମଧ୍ୟରେ ଏହାକୁ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ। ଏହା ପରେ ଏହି ପଦକ୍ଷେପକୁ ଅନୁମୋଦନ କରିବାକୁ ନଭେମ୍ବର ୮ ଅପରାହ୍ନ ୫.୩୦ରେ (ମୋଦିଙ୍କ ଘୋଷଣା ପୂର୍ବରୁ) ଆର୍‌ବିଆଇ ଦ୍ୱାରା ହୋଇଥିବା ଜରୁରିକାଳୀନ ବୈଠକର ନିଷ୍ପତ୍ତି ପ୍ରକାଶ କରିବାକୁ ସେ ମନା କରିଦେଲେ। ଜାତୀୟ ନିରାପତ୍ତା ଏବଂ 'ଜୀବନ ପ୍ରତି ବିପଦ' ଦର୍ଶାଇ ସେ ଏଭଳି କରିଥିଲେ। ଶେଷରେ ୨୦୧୮ରେ ଯେତେବେଳେ ବୈଠକର ନିଷ୍ପତ୍ତି ଗଣମାଧ୍ୟମରେ ପ୍ରକାଶ ପାଇଲା, ସେତେବେଳେ ପଟେଲ ପଦ ଛାଡ଼ି ଚାଲିଗଲେ। ଆର୍‌ବିଆଇ ବୈଠକର ଲିଖିତ ରେକର୍ଡରେ ଥିଲା ଯେ- ସରକାର ତାକୁ କହିଥିଲେ ; ୨୦୧୧ ରୁ ୨୦୧୬ ମଧ୍ୟରେ ଅର୍ଥନୀତି ୩୦ ପ୍ରତିଶତ ବୃଦ୍ଧି ପାଇଛି। କିନ୍ତୁ ଅଧିକ ମୂଲ୍ୟର ମୁଦ୍ରା ନୋଟ୍ ଅତ୍ୟଧିକ ହାରରେ ବୃଦ୍ଧି ପାଇଛି। ସେହି ନଗଦ ମୁଦ୍ରା କଳାଟଙ୍କାର ସଞ୍ଚାଳକ ଥିଲା। ଆନୁମାନିକ ୪୦୦ କୋଟି ଟଙ୍କାର ଏହି ନକଲି ଟଙ୍କା ଅଛି ଓ ସେଥିପାଇଁ ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ୍‌କୁ ଅକାମୀ କରାଯିବା ଉଚିତ। ସରକାରଙ୍କ କଥା ଉପରେ ଆର୍‌ବିଆଇର ପ୍ରତିକ୍ରିୟା ଥିଲା: ସରକାରଙ୍କ ଦ୍ୱାରା କୁହାଯାଇଥିବା ଅର୍ଥନୈତିକ ଅଭିବୃଦ୍ଧି ପ୍ରକୃତ ଥିଲାବେଳେ ମୁଦ୍ରା ବୃଦ୍ଧି ନାମମାତ୍ର ଥିଲା ଏବଂ ମୁଦ୍ରାସ୍ଫୀତି ପାଇଁ ଆଡ୍‌ଜଷ୍ଟ ହୋଇ ନ ଥିଲା ଏବଂ ଏହି ଯୁକ୍ତି ବିମୁଦ୍ରୀକରଣ ପାଇଁ ସୁପାରିସକୁ ଯଥେଷ୍ଟ ସମର୍ଥନ କରେ ନାହିଁ। କଳାଟଙ୍କା ଜମି କିମ୍ବା ସୁନାରେ ଥିଲା ଏବଂ ନଗଦରେ ନୁହେଁ ଏବଂ ମୁଦ୍ରା ଅକାମୀ ହେବା ଦ୍ୱାରା କଳାଟଙ୍କା ରୋକିବାରେ କିଛି ପ୍ରଭାବ ପଡ଼ିବ ନାହିଁ। ବିମୁଦ୍ରୀକରଣ ଜିଡିପି ଉପରେ ନକାରାତ୍ମକ ପ୍ରଭାବ ପକାଇବ। ମୋଟ ନଗଦ(୧୮ ଲକ୍ଷ କୋଟି ଟଙ୍କା) ତୁଳନାରେ ନକଲି ମୁଦ୍ରାରେ ୪୦୦ କୋଟି ଟଙ୍କା ବହୁତ କମ୍ (କେବଳ ୦.୦୨ ପ୍ରତିଶତ) ଥିଲା।

ଏସବୁ ପ୍ରକାଶ କରିବା ପରେ ମଧ୍ୟ ଆର୍‌ବିଆଇ ବୋର୍ଡ ମୋଦିଙ୍କ ଚିନ୍ତାଧାରାକୁ ସ୍ୱୀକାର କରିଛି। ଅନିଚ୍ଛାକୁ ଗୁପ୍ତ ରଖିବା ପାଇଁ ଏହା କାହିଁକି ଚାହୁଁଥିଲା ତାହା ବି ସ୍ପଷ୍ଟ ହୋଇଛି। ତ୍ରୁଟି ଦର୍ଶାଇବାରେ ଏହା କାର୍ଯ୍ୟ କରିଥିଲା, କିନ୍ତୁ ମୋଦିଙ୍କୁ ସୁରକ୍ଷା ଦେଉଥିଲା। ସେଥିପାଇଁ ଉର୍ଜିତ ପଟେଲ ଲଜ୍ଜାଜନକ ଭାବରେ ଦାବି କରିଥିଲେ ଯେ ଆର୍‌ଟିଆଇ କାର୍ଯ୍ୟକର୍ତ୍ତାମାନେ ସେମାନଙ୍କ ନିକଟରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବାବେଳେ ସେ ନିଷ୍ପତ୍ତିଗୁଡ଼ିକୁ ପ୍ରକାଶ କରିପାରି ନ ଥିଲେ। ଅବଶ୍ୟ, ଘଟଣାଗୁଡ଼ିକ ପ୍ରମାଣିତ କଲା ଯେ, ପ୍ରତ୍ୟେକ କ୍ଷେତ୍ରରେ ଆର୍‌ବିଆଇ ଉଭୟ କ୍ଷତି ଓ ଲାଭ ନ ଥିବାର ଠିକ୍ ପୂର୍ବାନୁମାନ କରିଥିଲା। ବାସ୍ତବରେ ମୋଦି ଆର୍‌ବିଆଇର ଚିନ୍ତାଧାରାକୁ ଅଣଦେଖା କରୁଥିଲେ ଯାହାକୁ ଶୀର୍ଷ ବ୍ୟାଙ୍କ ଲୁଚାଉଥିଲା। ଏବେ ସବୁ ସତ ସାମ୍ନାକୁ ଆସିଛି, ତଥାପି କୌଣସି ପ୍ରକାରେ ସରକାର ଆଗକୁ ବଢ଼ିଛନ୍ତି।

Email:aakar.patel@gmail.com

# ଶକ୍ତି ଉପାସନା ଓ ନାରୀ ଅସ୍ମିତା




ଡ. ପ୍ରଫୁଲ୍ଲ କୁମାର ସାହୁ

ମାନବୀୟ ଚିନ୍ତନରେ ଶକ୍ତିର ପ୍ରତୀକ ନାରୀ। ସେ ସ୍ନେହମୟୀ, କରୁଣାମୟୀ ଓ ମମତାମୟୀ ଜନନୀ। ସଂସାରର ସଞ୍ଚାଳିକା। ବିଶ୍ୱଚକ୍ରର ନାଭିକେନ୍ଦ୍ର। କୁହାଯାଏ ସେ ସୃଜନକାଳରେ ମହାସରସ୍ୱତୀ, ପାଳନ ବେଳାରେ ମହାଲକ୍ଷ୍ମୀ ଓ ବିନାଶ କାଳରେ ମହାକାଳୀ ରୂପରେ ପୂଜିତା।

ଜ୍ଞାନର ଆଲୋକ ବଳରେ ଯିଏ ଅଜ୍ଞାନତା ରୂପକ ଅନ୍ଧକାରକୁ ଦୂର କରନ୍ତି, ସେ ଜ୍ୟୋତିର୍ମୟୀ ବା ସରସ୍ୱତୀ। ସେଥିପାଇଁ ଜ୍ଞାନର ପ୍ରତୀକ ସ୍ୱରୂପ ତାଙ୍କ ହସ୍ତରେ ଅଛି ପୁସ୍ତକ। ଶାସ୍ତ୍ରରେ ଯେଉଁ ଶବ୍ଦକୁ ବ୍ରହ୍ମ ସହିତ ତୁଳନା କରାଯାଇଛି ଶବ୍ଦ ଓ ବାକ୍ୟର ଅଧିଷ୍ଠାତ୍ରୀ ଦେବୀ ଭାବରେ ତାଙ୍କୁ କୁହାଯାଏ ବାକ୍ୟେଶ୍ୱରୀ ବା ବାଗ୍‌ଦେବୀ। ମହାଲକ୍ଷ୍ମୀ ଶସ୍ୟର ଦେବୀ- ଅନ୍ନ ଓ ଆନନ୍ଦର ପ୍ରତୀକ। ସେ ସଚରାଚର ଧରିତ୍ରୀର ମାଆ। ସେହି ଶୋଭାମୟୀ ଶସ୍ୟ ଲକ୍ଷ୍ମୀଙ୍କୁ ସ୍ୱାଗତ ଜଣାଇବା ପାଇଁ ଆରମ୍ଭ ହୋଇଥିଲା ଶାରଦୀୟ ଲକ୍ଷ୍ମୀପୂଜାର ଆୟୋଜନ।

ବିନାଶ କାଳରେ ମା' ଧାରଣ କରନ୍ତି ମହାକାଳୀ ରୂପ, ଯେଉଁ ରୂପ ଧାରଣ କରିଥିଲେ ମହିଷା ସଂହାର ବେଳେ। ସେତେବେଳେ ତାଙ୍କର ରୂପ ଥିଲା ଶ୍ୟାମା। ମୁକ୍ତକେଶ। କ୍ରୋଧରେ ଆଖି ରକ୍ତରଞ୍ଜିତ। ହସ୍ତରେ ଖଣ୍ଡା ଓ ଖର୍ପର ଇତ୍ୟାଦି ଅସ୍ତ୍ର। ଗତି ଅତ୍ୟନ୍ତ କ୍ଷିପ୍ର। ସାଥୀରେ ଅନେକ ସହଚରୀ। ତାଙ୍କ କ୍ରୋଧ ଓ କାରୁଣ୍ୟକୁ ଭିତ୍ତିକରି ଆମେ ତିଆରି କରିଛୁ ଅନେକ ରୂପ। କେଉଁଠି ଭୁଜ ସଂଖ୍ୟା ଚାରି ତ କେଉଁଠି ଆଠ। କେଉଁଠି ଷୋହଳ ତ କେଉଁଠି ସହସ୍ର। ନାମ ବି ଅନେକ। କିନ୍ତୁ ସବୁଠି କ୍ରୋଧ ଜର୍ଜରିତ ଭାବ ଏବଂ ରୂପ ଓ ଆଚରଣରେ ଉଗ୍ରତା। ସେ ପରା ସ୍ନେହମୟୀ ଜନନୀ। ସମଗ୍ର ସଂସାରର ପାଳନକର୍ତ୍ତ୍ରୀ। ଅଥଚ ତାଙ୍କର ଏ ଉଗ୍ରରୂପ କାହିଁକି ? କାରଣ ପୁତ୍ର ହତ୍ୟା ଜନିତ ଉନ୍ମାଦନା। ସେ ପୁତ୍ର ଅନ୍ୟ କେହି ନୁହେଁ, ଦୁଷ୍ଟ ଓ ଅହଂକାରୀ ମହିଷାସୁର। ମତ୍ତଗର୍ବୀ ମହିଷାର ଅତ୍ୟାଚାରରେ ଯେତେବେଳେ ମେଦିନି କମ୍ପିଲା ଓ ତ୍ରିଭୁବନ ଥରହର ହେଲା, ତା'ର ମୁକାବିଲା କରି ନ ପାରି ଶକ୍ତିଙ୍କ ଶରଣାପନ୍ନ ହେଲେ ଦେବତାମାନେ। ସେମାନଙ୍କ ଅନୁରୋଧ ଏଡ଼ି ନ ପାରି ଦୁଷ୍ଟ ସଂହାର ନିମନ୍ତେ କାତ୍ୟାୟିନୀ ରୂପ ଧାରଣ କଲେ ଶକ୍ତିମୟୀ ମା'। ସମର ଭୂମିରେ ସାମ୍ନାସାମ୍ନି ହେଲେ ମା ଓ ପୁଅ। କିନ୍ତୁ ପୁଅର ପରାକ୍ରମ ଆଗରେ ବାରମ୍ବାର ପରାହତ ହେଲା ମା'ର ସମସ୍ତ ଚେଷ୍ଟା। ଅଗତ୍ୟା ମହିଷାସୁରକୁ ମୋହାଚ୍ଛନ୍ନ କରିବା ପାଇଁ ବିବସନା ହେଲେ ମା'। ପ୍ରଦର୍ଶନ କଲେ ସୃଜନ ଓ ସୃଷ୍ଟିର ଉଲଗ୍ନ ସତ୍ୟ। ସେ ଦିବ୍ୟ ଜ୍ୟୋତିକୁ ଚାହିଁପାରିଲାନି ପ୍ରବଳପ୍ରତାପୀ ମହିଷା। ମୁହୂର୍ତ୍ତକ ମଧ୍ୟରେ ଚୂର୍ଣ୍ଣ ହେଲା ତା'ର ଦର୍ପ, ସାମର୍ଥ୍ୟ ଓ ଅହଂକାର। ଅସୁର ଭୂଲୁଣ୍ଠିତ ହେଲା ଅତି ଅସହାୟ ଭାବରେ।



ମା' ଆଖି ସାମ୍ନାରେ ପଡ଼ି ରହିଲା ତ୍ରିଭୁବନ ବିଜୟୀ ପୁତ୍ରର ନିର୍ଜୀବ ଶରୀର। ସହି ପାରିଲେନି ସ୍ନେହମୟୀ ମା'। ବିଳପି ଉଠିଲା ଅନ୍ତରାତ୍ମା। ପାଗଳ କରିଦେଲା ମାତୃତ୍ୱର ମୋହ। ସେ ଜୁଆଡ଼େ ଚାହିଁଲେ ତାଙ୍କ କ୍ରୋଧ ଜର୍ଜରିତ ଆଖି ଆଗରେ ନାଚି ଉଠିଲା ଦୁରାଚାରୀ ମହିଷାର ରୂପ। ତାଙ୍କ ଦୃଷ୍ଟିରେ ସବୁ ପୁଅ ପାଲଟିଗଲେ ମହିଷା। କାହିଁକି ବଞ୍ଚିରହିବେ ସେମାନେ ? ସେମାନଙ୍କର ସଂହାର ଲୋଡ଼ା। କ୍ରୋଧ ଉପରୁ ନିୟନ୍ତ୍ରଣ ହରାଇ ଧାରଣ କଲେ ସଂହାରିଣୀ ମୂର୍ତ୍ତି। ଆଗକୁ ବଢ଼ିଲା ମା' ଓ ତାଙ୍କ ଅନୁଚରୀମାନଙ୍କ ଲୋହିତ ଯାତ୍ରା। ପୁନଶ୍ଚ ଚିନ୍ତାରେ ପଡ଼ିଲେ ଦେବଗଣ। ଦେବୀଙ୍କୁ ଶାନ୍ତ କରିବାର ଅନ୍ୟ କିଛି ଉପାୟ ନ ଦେଖି ଲୋଡ଼ିଲେ ଶିବଙ୍କ ସହଯୋଗ। ଗୋଟେ ଉନ୍ମାଦିନୀ ମା'ର ବାଟ ଓଗାଳିବା ପାଇଁ ଉପାୟ ଖୋଜିଲେ ଭୋଳାନାଥ ଶିବ। ନିମିଷକେ ମିଳିଗଲା ଉପାୟ। ଦେବୀ ଜନନୀ ଭାବରେ ସନ୍ତାନକୁ ଯେତିକି ଭଲ ପାଆନ୍ତି, ପ୍ରିୟତମା ଭାବରେ ସେତିକି ଭଲ ପାଆନ୍ତି ଫୁଲକୁ ଓ ସ୍ୱାମୀକୁ। ଏହି ସିଦ୍ଧାନ୍ତ ନେଇ ପ୍ରଭୁ ହାତରେ ଧରିଲେ ପାରିଜାତ। ଦେବୀଙ୍କ ଗନ୍ତବ୍ୟରେ ଦିଗ କଳି ଉର୍ଦ୍ଧ୍ୱମୁଖ ହୋଇ ଶୋଇପଡ଼ିଲେ ମଝି ରାସ୍ତାରେ। ଫୁଲ ସାଜିଲା ଦେବୀଙ୍କ ଗତିର ପ୍ରତିବନ୍ଧକ। ଫୁଲକୁ ଦେଖୁ ଦେଖୁ ଶାନ୍ତ ପଡ଼ିଗଲା ମନ। ଫୁଲଟି ଧରିବାକୁ ବଢ଼େଇ ଦେଲେ ହାତ, ଅଜାଣତରେ ପାଦ ପଡ଼ିଗଲା ସ୍ୱାମୀଙ୍କ ଛାତିରେ। ଫେରି ଆସିଲା ଚୈତନ୍ୟ। ଦୂରେଇଗଲା ଉନ୍ମାଦନା। ଶକ୍ତି ହେଲେ ଶିବମନସ୍କ। ଏବେ ସେ ଶାନ୍ତ, ବରଦମୁଦ୍ରା ଓ ଅବିଚଳିତା। ଦେବୀଙ୍କର ଏହି ଶାନ୍ତ ସ୍ୱଭାବ ତଥା ଗତିର ସ୍ଥିରତାକୁ ଅନୁଭବ କରି ଅନୁଚରୀମାନେ ଯିଏ ଯେଉଁଠି ଥିଲେ ସେଠାରେ ସେମିତି ସ୍ଥିର ହୋଇ ରହିଗଲେ ଅବିକଳ ମୁଦ୍ରାରେ। ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଗାଁରେ ସେମାନେ ଏବେ ପୂଜା ପାଉଛନ୍ତି ଅଲଗା ଅଲଗା ନାମରେ ଗ୍ରାମଦେବତୀ ଭାବରେ। ଆଜି ସେହି ଶକ୍ତିମୟୀ ମା'ଙ୍କର ଆରାଧନା ମହାକାଳୀ ରୂପରେ।

ନାରୀ ଅମିତ ଶକ୍ତିର ଉତ୍ସ। ଘର, ପରିବାର, ସନ୍ତାନ ଓ ବନ୍ଧୁବାନ୍ଧବ କଥା ବୁଝିବା ସହିତ ବୃତ୍ତିଗତ ଜୀବନରେ ବି ସେ ଛୁଇଁପାରେ ସର୍ବୋଚ୍ଚ ଶିଖର। ଏତେ ସାମର୍ଥ୍ୟର ଅଧିକାରିଣୀ ହୋଇ ସୁଦ୍ଧା ତାକୁ କୁହାଯାଉଛି ଅବଳା ଓ ଦୁର୍ବଳା। ତା'ର ଉତ୍ଥାନ ପାଇଁ ଚାଲିଛି ନାନା ପ୍ରଚାର ସ୍ଲୋଗାନ ଓ ଅଭିଯାନ। ନାରୀ ଶକ୍ତି ବିକାଶର ମୂଳମନ୍ତ୍ର ହେଉଛି ରାଜନୈତିକ ଇଚ୍ଛାଶକ୍ତି, ଯାହାର ଅଭାବରେ ନାରୀ ଅସ୍ମିତା ଆଜି ବନ୍ଧା ପଡ଼ିଛି ପିତୃକୈନ୍ଦ୍ରିକ ସ୍ୱାର୍ଥପରତା ପାଖରେ।

ନାରୀ ଉତ୍ଥାନ ନିମନ୍ତେ ସ୍ୱାଧୀନତା ପରଠାରୁ ଦେଶରେ କାର୍ଯ୍ୟକାରୀ ହେଉଛି ଅନେକ ଆଇନ ଓ ଯୋଜନା। ଏହା ସତ୍ତ୍ୱେ ସମାଜର ବିଭିନ୍ନ କ୍ଷେତ୍ରରେ ନାରୀ ସାବ୍ୟସ୍ତ କରିପାରିନି ଆନୁପାତିକ ପ୍ରତିନିଧିତ୍ୱ। ଏଥିପାଇଁ ରାଜନୈତିକ ପ୍ରତାରଣା ଯେତିକି ଦାୟୀ, ସେତିକି ଦାୟୀ ନାରୀର ସରଳତା। ନାରୀର ମନ ମୋହିବା ପାଇଁ ପୁରୁଷ ତାକୁ ବନ୍ଦନୀୟା ବୋଲି କହି ଅଜାଡ଼ିଦିଏ ଅଜସ୍ର ପ୍ରଶଂସା। ଏଥିରେ ଉଲ୍ଲସିତ ହୋଇ ନାରୀ ପୁରୁଷର ପ୍ରପଞ୍ଚପଣକୁ ବୁଝିପାରେନି କିମ୍ବା ବୁଝିଲେ ମଧ୍ୟ ପ୍ରଶ୍ନ ପଚାରେ ନାହିଁ ସୌଜନ୍ୟ ପାଇବା ଆଶାରେ। ନାରୀର ଏହି ଦୁର୍ବଳତାକୁ ଭିତ୍ତିକରି ନିର୍ବାଚନ ସମୟରେ ମହିଳା କାର୍ଡ ଖେଳନ୍ତି ସବୁ ରାଜନୈତିକ ଦଳ। ଅଥଚ ସେମାନଙ୍କ ଆନୁପାତିକ ପ୍ରାର୍ଥିତ୍ୱକୁ ଦିଅନ୍ତିନି ସ୍ୱୀକୃତି। ଏଭଳି ଅଭିସନ୍ଧିମୂଳକ ଆଭିମୁଖ୍ୟର ଏକ ସଦ୍ୟତମ ଦୃଷ୍ଟାନ୍ତ ହେଉଛି ବହୁଚର୍ଚ୍ଚିତ ନାରୀଶକ୍ତି ବନ୍ଦନ ଅଧିନିୟମ। ଏହି ଆଇନ ଆଣିବା ପାଇଁ ଡକାଗଲା ସଂସଦରେ ସ୍ୱତନ୍ତ୍ର ଅଧିବେଶନ। ବିନା ପ୍ରତିବାଦରେ ସମର୍ଥନ ଦେବାକୁ ବାଧ୍ୟହେଲେ ସବୁ ରାଜନୈତିକ ଦଳ। ସହଜରେ ବିଧେୟକ ଗୃହୀତ ହେଲା ଏବଂ ମହିଳାମାନଙ୍କ ଭିତରେ ଖେଳିଗଲା ଆନନ୍ଦର ଲହରି। ନାରୀନେତ୍ରୀଙ୍କ ପକ୍ଷରୁ ସରକାରଙ୍କ ଉପରେ ଅଜାଡ଼ି ହୋଇପଡ଼ିଲା ପ୍ରଶଂସା। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ଆଇନ କାର୍ଯ୍ୟକାରୀ ହେବନି ୨୦୨୪ ସାଧାରଣ ନିର୍ବାଚନରେ। ପରବର୍ତ୍ତୀ ନିର୍ବାଚନ (୨୦୨୯) କଥା ବି ସନ୍ଦେହଜନକ। କାରଣ ଯେଉଁମାନେ ମହିଳା ଆରକ୍ଷଣ ସମ୍ପର୍କରେ ଲମ୍ବା ଲମ୍ବା ଭାଷଣ ଦିଅନ୍ତି ଓ ଆଇନ ତିଆରି କରନ୍ତି, ସେମାନଙ୍କୁ ଜଣାଅଛି ଆଇନକୁ ଅଖଣ୍ଡି କରି ରଖିବାର କୌଶଳ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ଅରାଏ ସକାଳ



ଡ. ଚନ୍ଦନ କୁମାର ସିଂହ

ସାରା ପୃଥିବୀ, ଏହି ସାରା ସଂସାର ସକାଳ ପରି ତାହାକୁ ଘ୍ରାଣ କରିପାରିଲେ ସକାଳ ସ୍ପର୍ଶ ସମ୍ଭବ ହୁଏ। ତେଣୁ ସକଳ ଘଟରେ ଆସ୍ଥାନଟି ଜୀବନ୍ତ ଲାଗେ। ଏଠାରୁ ସେଠା ଯାଏ ଡୋରଟି ପ୍ରଲମ୍ବିତ ହୋଇଯାଏ। ତେଣୁ ଏହି ପୃଥିବୀ ଓ ଏଇ ସଂସାର ସକାଳ ପରି ପ୍ରାର୍ଥନା ହୋଇଥାଏ, ସକାଳ ପରି ଦୃଶ୍ୟମାନ ହୁଏ। ସକାଳ ପରି ଆସ୍ପୃହାପୂର୍ଣ୍ଣ ପ୍ରାଣରେ ଶକ୍ତି ଓ ପ୍ରୀତି ଉଭୟ ଛଳ ଛଳ ହୋଇଉଠନ୍ତି। ଏହିପରି ଏକ ଭିନ୍ନ ବସୁଧାର ପରିଚୟ ସକଳର ସକାଳ ପିଲେ ପ୍ରିୟ ଚିତ୍ତଭାଇ ବା ପ୍ରଫେସର ଚିତ୍ତରଞ୍ଜନ ଦାସ। କଟକ ଜିଲା(ଏବର ଜଗତ୍‌ସିଂହପୁର ଜିଲା) ବାଗଲପୁର ଗାଁରୁ ଭୁବନେଶ୍ୱର ବାପୁଜୀନଗରସ୍ଥ ବିଶ୍ୱନୀଡ଼ମ୍ ପର୍ଯ୍ୟନ୍ତ ପରିବ୍ୟାପ୍ତ ଏବଂ ସମଦୃଷ୍ଟିର ପୁଣ୍ୟ-ଅଧିକାରୀ ପ୍ରିୟ ଚିତ୍ତଭାଇ ଖୁବ୍ ବେଶି ଯେତେ ପରିମାଣରେ ରକ୍ତଗତ ସମ୍ପର୍କରେ ବନ୍ଧା ହୋଇଥିଲେ, ସକାଳର ଏକାନ୍ତ ମିତପଣରେ ଆହୁରି ଅଧିକ ଭାବେ ବାନ୍ଧି ହୋଇଥିଲେ ଭୂମିସ୍ପର୍ଶ ଅସ୍ମିତାର ଉତ୍ତରାଧିକାରିତ୍ୱରେ।

ସ୍ୱାଧୀନତା ଆନ୍ଦୋଳନ କାଳରେ ସ୍ୱାଧୀନତା ପ୍ରଲୁବ୍ଧ ଚିତ୍ତରଞ୍ଜନ ଦେଶ ପ୍ରଲୁବ୍ଧ ପାଲଟିଗଲେ। କଟକ ଜେଲ୍‌ର ରହଣି ତାଙ୍କ ସକାଳର ସକଳ ଜୀବନକୁ ପାଗ ଦେବାରେ ଏକ ରସାୟନ ପରି କାମ ଦେଇଥିଲା। ଦୁଇଶହରୁ ଅଧିକ କବିତା ସେ ରଚନା କରିଛନ୍ତି ଏହି ସମୟରେ। ଏହି କବିତାଗୁଡ଼ିକ ତାଙ୍କ ଚଲାପଥର ବିବରଣୀ ଭଳି। ଠିକ୍ "ରୋହିତର ଡାଏରୀ" ପରି ଏବେ ବି ଅପ୍ରକାଶିତ ଏଥିରୁ ଅନେକ କବିତା। ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ, ଶାନ୍ତିନିକେତନରେ ଅଧ୍ୟୟନ, ଡେନ୍‌ମାର୍କ ଓ ଫିନ୍‌ଲାଣ୍ଡରେ ଅଧ୍ୟୟନ, ଚମ୍ପିମୁଣ୍ଡା ଜୀବନ, ବିଦ୍ୟାଳୟ ଶିକ୍ଷା-ସାଧନାରେ ଭାଗୀଦାରି, ଆଗ୍ରା-ବିଚ୍‌ପୁରୀ ଗ୍ରାମୀଣ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା, ଓଡ଼ିଶାରେ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରୟୋଗରେ ଅନ୍ୟତମ ନିର୍ନିମେଷ କ୍ଲାନ୍ତରହିତ କାର୍ଯ୍ୟର ଅଧିକାରୀ- ଏସବୁ ତାଙ୍କ ଜୀବନ ସକାଳର ଗୋଟିଏ ଗୋଟିଏ ମିତ୍ର-ବେଭାର। ମିତ୍ରର ଆଖି ଭଳି, ରୋହିତର ଆତ୍ମା ଭଳି, ପୁଣ୍ୟ ଜଳଧିର ପ୍ରଶାନ୍ତ ବ୍ୟାପକତା ଭଳି। ଦେଶର ସ୍ୱାଧୀନତାକୁ ଆହ୍ୱାନ ରୂପେ ଗ୍ରହଣ କରିଥିବା ଚିତ୍ତରଞ୍ଜନ ସ୍ୱାଧୀନୋତ୍ତର କାଳକୁ ମଧ୍ୟ ସକାଳର ଆହ୍ୱାନ ଭଳି ଆଦରି ନେଇଥିଲେ। ତେଣୁ ବ୍ୟବସ୍ଥା ପ୍ରଣୋଦିତ-ପ୍ରଚୋଦିତ ସ୍ୱାଧୀନତା ଭତ୍ତାକୁ ଯେଉଁ କେତେଜଣ ଅମ୍ଲାନ ପୁଣ୍ୟଶ୍ଳୋକ ବରଦାସ୍ତ କରି ନ ଥିଲେ, ସେମାନଙ୍କ ମଧ୍ୟରେ ଆତ୍ମ-ଆତ୍ମା ଶକ୍ତିଶାଳୀ ଚିତ୍ତରଞ୍ଜନ ଥିଲେ ଅନ୍ୟତମ। ମୁଖ୍ୟମନ୍ତ୍ରୀଙ୍କ ଆସନ ନିକଟରେ ତାଙ୍କ ମୌଳିକତା ଯେ କେଡ଼େ ଗମ୍ଭୀର, ଗଭୀର ଓ ଗୌରବୋଜ୍ଜ୍ୱଳ ହୋଇପାରେ ତାହାକୁ ପ୍ରତ୍ୟକ୍ଷ କରିଥିବା ଖୁବ୍ କମ୍ ଲୋକ ହିଁ ଏ କଥାକୁ ସାକ୍ଷୀ ଅଛନ୍ତି। ସେଥିପାଇଁ



ଚିତ୍ତରଞ୍ଜନ ଦାସଙ୍କ ଜନ୍ମଶତବାର୍ଷିକୀ ଉପଲକ୍ଷେ

"ଯଦି ମୁଷ୍ଟିମେୟ କେତେକ ସାଧକ ନିଜ ସଂକଳ୍ପରେ ଅଟଳ ଓ ଅଚଳ ରହିପାରନ୍ତି, ତେବେ ସେମାନେ ଇତିହାସର ଗତିପଥକୁ ବଦଳାଇ ଦେଇପାରନ୍ତି।" ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ପ୍ରିୟ ଓଡ଼ିଶାର କେଉଁ ଦୂରନ୍ତ ପରିଚୟ ଗାଁଟିରେ ଉଭୟ ମାଆ ଓ ମାଟି ତାଙ୍କ ମିତପଣର ଡୋରକୁ କୌଣସି ପ୍ରକାରେ ଅଦ୍ୟାବଧି ସାଇତି ରଖିଛନ୍ତି। ଭାବାବେଗଠାରୁ ଭାବ ତାଙ୍କ ମୌଳିକ ପରିଚୟର ଅନ୍ୟ ଏକ ବଳିଷ୍ଠ ଉପାଦାନ। ସେଥିପାଇଁ ସେ କେବଳ ଜଣେ ଲେଖକ ନ ଥିଲେ, ସଂଗ୍ରାମୀ ନ ଥିଲେ, ଜ୍ଞାନବିତ୍ ନ ଥିଲେ ମଧ୍ୟ, ଜଣେ ସକାଳ-ସ୍ପର୍ଶବିତ୍‌ର ସକଳ ଗରିମାରେ ନମ୍ର ଶ୍ରଦ୍ଧାପୂର୍ଣ୍ଣ ସିକ୍ତ ମଣିଷର ପରିଚୟରେ ସେ ଥିଲେ ଜଣେ ଅତନ୍ଦ୍ର ଯବନ ; ଯିଏ ଠୋ ଠୋ ହୋଇ ହସିପାରୁଥିଲେ ସ୍ୱାଧୀନୋତ୍ତର ଦେଶରେ ଅନେକ ସମ୍ବେଦନଶୀଳ ହୋଇ। ପ୍ରଗତି-ରହିତ ବ୍ୟବସ୍ଥା ଓ ଅବସ୍ଥା ପ୍ରତି ଏସବୁ ଅସହନୀୟ। କିନ୍ତୁ ନିଜ କଲମ ଉପରେ ଅଖଣ୍ଡ ବିଶ୍ୱାସ, ଚିତ୍ତରଞ୍ଜନଙ୍କ ଲେଖାରେ ଅନେକ ଧୁରୀଣ ବିଦ୍ୱାଣିଙ୍କର ପରିଚୟ ମିଳିଯାଏ। ଲେଖକର ଲେଖା କାଳକୁ କଜ୍ଜଳ ପରି। ଆଖିରୁ କଜ୍ଜଳ ଅଳିଆତକ ବାହାର କରି ସଫା କରିଦିଏ। ସାହିତ୍ୟର ଅଧିକାରୀ ଭାବେ ଯେତେ ନୁହେଁ ମିହନତ ଯେ ସାହିତ୍ୟର ମଞ୍ଚ ଚିତ୍ତରଞ୍ଜନଙ୍କ ଭୂମି-ସମୃଦ୍ଧ ସମ୍ବେଦନା ତାହାର ଭୂରି ଭୂରି ପ୍ରମାଣ ଦେଇଥାଏ।

ବାଦ: ବିବାଦ- ସମ୍ବାଦ ପ୍ରକ୍ରିୟାରେ ବିଶ୍ୱାସୀ ଚିତ୍ତରଞ୍ଜନ ଜଣେ ମେଳାନୁରାଗୀ ସଂସାରର ଉଭୟ ଦିଗରୁ ଅଧିବାସୀ ଓ ଆଦିବାସୀ। ମେଳ ଭିତରେ ପିଲାବେଳେ କେଡ଼େ ସହଜ ଓ ହୁଗୁଳାପଣର ମିତ ସିଏ! ପୃଥିବୀର ଦହଗଞ୍ଜକୁ ଦେଖି ଦେଖି ସେ ଏହି ସିଦ୍ଧାନ୍ତଟିର ବିଶ୍ୱାସୀ ଥିଲେ ଯେ ଅଧିକାର ଅପେକ୍ଷା ଅନୁରାଗ ହିଁ ଚଳନ୍ତି ସଂସାର ଓ ଭବିଷ୍ୟ ସଂସାରର ହେତୁ। ତେଣୁ ଯେତେଦୂର ସମ୍ଭବ ଅଣପାରମ୍ପରିକ ଭାବେ ଏହି ମେଳଟିର କଡିକୁ କଡି ସେ ନାଗି ଆସୁଥିଲେ। ମେଳଟି ଯେ ନିଃଶ୍ୱାସ, ମେଳଟି ଯେ ପ୍ରଶ୍ୱାସ, ମେଳଟି ଯେ ବିଶ୍ୱାସ ଏହା ଥିଲା ତାଙ୍କ ବିଚାରର ଏକ ବଡ଼ ପୁଞ୍ଜି। ହଁ, ସେତେବେଳକୁ ଇହ ସଂସାରର ବେଳ ରତ ରତ ହୋଇ ଆସୁଥିଲା କି କ'ଣ କେଜାଣି! ସାପ୍ତାହିକ ଉପନିଷଦ ଆଲୋଚନାରେ ତାଙ୍କ ମୌଳିକ ବକ୍ତବ୍ୟ ଆହୁରି ସ୍ପଷ୍ଟ ହୋଇଆସୁଥିଲା। ଦୃଷ୍ଟିକୋଣଟି ଅତି ଜଳଜଳ ହୋଇ ଦିଶିଯାଉଥିଲା। ଏକ ଦୀର୍ଘ ଯାତ୍ରା କାର୍ତ୍ତିକ କୃଷ୍ଣ ଚତୁର୍ଦ୍ଦଶୀ, ୧୯୨୩ ମସିହାଠାରୁ ଆରମ୍ଭ ହୋଇଥିବା ସେ ଅମ୍ଲାନ ଯାତ୍ରା। ହଁ, ବିଶ୍ୱାସ ସେପଟରେ ଆଉ ଏକ ବିଶ୍ୱାସ, ଧର୍ମ ସେପଟରେ ଆଉ ଏକ ଜାତି, ଦେଶ ସେପଟରେ ଆଉ ଏକ ଦେଶ, ସଂସାର ସେପଟରେ ଆଉ ଏକ ସଂସାର, ତାକୁ ଜଣେ ଚାହିଁବ, ତାକୁ ଜଣେ ହେତୁ କରିବ, ତାକୁ ଜଣେ ସ୍ପର୍ଶ କରିବ, ତେବେ ଯାଇ ଅଗମ୍ୟ ଗମିବ। ଜନ୍ମ ଶତବାର୍ଷିକୀର ପ୍ରତିକ୍ଷଣରେ ଏପରି ଜଣେ ବନ୍ଧୁ ଯେ ମନେପଡ଼ନ୍ତି, ତାହା ସ୍ୱାଭାବିକ ଆଦୌ ନୁହଁ। କେବେ ବି ନୁହେଁ। ସୁଦୂର ଗାଜାଠାରୁ ଆମର ଓଳାଶୁଣୀ ପର୍ଯ୍ୟନ୍ତ ମଣିଷର ବ୍ୟାକୁଳତା ଯେ କିପରି ତିଷ୍ଠି ରହିପାରିବ ; କରପତ୍ର ଯୋଡ଼ି ଶ୍ରୀଛାମୁରେ ହୁଏତ ଜଣେ ଏତକ କଟାଳ କରିପାରିବ,...... ଦେଖୁ ଦେଖୁ କେବା ସହୁ।

ମୋ: ୮୨୪୯୬୫୭୭୭୮

## ଏଇ ଭାରତରେ

ଜୀବାଶ୍ମ ଇନ୍ଧନଚାଳିତ ଦୁଇଚକିଆ ଯାନ ଏବେ ପ୍ରଦୂଷଣର ଏକ ମୁଖ୍ୟ ଉତ୍ସ ହୋଇଛି। ବୈଦ୍ୟୁତିକ ଯାନ ଚଳାଚଳ ବ୍ୟାପକ କରାଯାଇ ଏହାକୁ ଅନେକାଂଶରେ ରୋକାଯାଇପାରିବ ବୋଲି କୁହାଯାଉଛି ଓ ଏଥିପାଇଁ ବିଭିନ୍ନ କମ୍ପାନୀ ବଜାରକୁ ବୈଦ୍ୟୁତିକ ଯାନ ଛାଡ଼ିଲେଣି। ହେଲେ ବେଙ୍ଗାଲୁରୁର ଆଶିଷ ଡୋକାନିଆ ପ୍ରଦୂଷଣ ରୋକିବା ଲାଗି ଜୀବାଶ୍ମ ଇନ୍ଧନଚାଳିତ ଦୁଇଚକିଆ ଯାନକୁ ହାଇବ୍ରିଡ୍ ଇଲେକ୍ଟ୍ରିକ ଯାନରେ ପରିଣତ କରୁଛନ୍ତି। ସେ ୨୦୨୦ରେ ଗ୍ରୀନ୍ ଟାଇଗର ମୋବିଲିଟି କମ୍ପାନୀ ଆରମ୍ଭ କରି ଏହି କାର୍ଯ୍ୟ କରୁଛନ୍ତି। ଏବେ ସୁଦ୍ଧା କମ୍ପାନୀ ୫୦ଟି ପେଟ୍ରୋଲ ଚାଳିତଯାନକୁ ବୈଦ୍ୟୁତିକ ଯାନ କରିସାରିଲାଣି। ବ୍ୟାଟେରି, କନ୍‌ଭର୍ସନ ଓ ଚାର୍ଜରକୁ ନେଇ ବୈଦ୍ୟୁତିକ ଯାନ କରିବାରେ ମୋଟ ୫୫ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଯେଉଁଥିରେ ସ୍ମାର୍ଟ ସିଷ୍ଟମ ରହୁଛି ତାହାର ଦାମ୍ ଆଉ ୫,୦୦୦ ଟଙ୍କା ଅଧିକ। ଆଶିଷ ଏମ୍‌ବିଏ ଡିଗ୍ରୀ ହାସଲ କରିବା ପରେ ଗ୍ରୀନ୍ ସେକ୍ଟରରେ ୧୫ ବର୍ଷ କାମ କରିଛନ୍ତି। ବେଙ୍ଗାଲୁରୁ ବ୍ୟତୀତ କମ୍ପାନୀ ଅନ୍ୟ ସହରଗୁଡ଼ିକରେ ତାହାର କାର୍ଯ୍ୟ ଆରମ୍ଭ କରିବ ବୋଲି କହନ୍ତି ଆଶିଷ।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ନଭେମ୍ବର ୧୯୯୮

- ଦକ୍ଷିଣ ସୁମାତ୍ରାରେ ଏକ ସୁଡ଼ଙ୍ଗ ଭୁଶୁଡ଼ି ପଡ଼ିବା ଯୋଗୁ ସେଠାରେ କାର୍ଯ୍ୟ କରୁଥିବା ୧୪ଜଣ ଶ୍ରମିକଙ୍କ ମୃତ୍ୟୁ।
- ୫ଟି ଅନ୍ତର୍ଜାତୀୟ କୃଷି ଗବେଷଣା କେନ୍ଦ୍ରକୁ ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ପକ୍ଷରୁ ୫୬ ଲକ୍ଷ ଆମେରିକୀୟ ଡଲାର ଯୋଗାଇଦେବା ନେଇ ଘୋଷଣା।
- ଇଟାନଗରଠାରୁ ୬୦ କି.ମି. ଦୂର ନିମ୍‌ଟେ ନିକଟରେ ରାଜ୍ୟ ସଡ଼କ ପରିବହନର ଏକ ବସ୍ ଗଭୀର ଗିରିସଙ୍କଟ ମଧ୍ୟକୁ ଖସି ପଡ଼ିବା ଫଳରେ ୪୦ଜଣଙ୍କ ମୃତ୍ୟୁ ଆଶଙ୍କା।

## ଚିରନ୍ତନୀ

ଜୋଛନାର ପଥେ ସେ ଆସଇ ଝରି
ବସନ୍ତର ବତାସେ ବହଇ ଥରି,
ଏହି ଚାନ୍ଦ ତଳେ କି ବିହାର ବିଧି
ରଚିଥିବେ ରସିକ ଯଶୋଦାନିଧି ?
(ବଂଶୀ ଧ୍ୱନି)

—କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 4 | | | |
| | | | 7 | | 8 | 6 | | |
| | | 8 | | | 6 | 7 | | |
| 2 | | | 9 | 8 | | | | |
| | | 9 | 3 | | | | 8 | |
| | 1 | 4 | | | | | | 7 |
| 9 | | | | | | 2 | 5 | |
| 4 | 7 | 5 | 2 | 1 | | | | |
| | | | 4 | | | | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁରେ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 8 | 3 | 6 | 1 | 5 | 2 | 7 |
| 3 | 6 | 2 | 7 | 5 | 9 | 1 | 8 | 4 |
| 7 | 1 | 5 | 4 | 8 | 2 | 3 | 6 | 9 |
| 5 | 2 | 1 | 8 | 7 | 6 | 4 | 9 | 3 |
| 8 | 3 | 9 | 2 | 4 | 5 | 6 | 7 | 1 |
| 6 | 7 | 4 | 9 | 1 | 3 | 8 | 5 | 2 |
| 2 | 5 | 7 | 6 | 3 | 4 | 9 | 1 | 8 |
| 1 | 8 | 3 | 5 | 9 | 7 | 2 | 4 | 6 |
| 4 | 9 | 6 | 1 | 2 | 8 | 7 | 3 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଟ୍ରାଫିକ୍ ନିୟମ ପାଳନ ହେଉନି

ମହାଶୟ,

ପ୍ରତିଦିନ ରେକର୍ଡ ସଂଖ୍ୟକ ଲୋକ ଗାଡ଼ି ଧକ୍କାରେ ପ୍ରାଣ ହରାଉଛନ୍ତି। ଏହା ଦେଶ ପାଇଁ ଏକ ଦୁଃଖଦ ଘଟଣା। ତେବେ ନିମ୍ନଲିଖିତ ନିୟମଗୁଡ଼ିକ ପ୍ରତି ଧ୍ୟାନଦେଲେ ଅତି କମ୍‌ରେ ୯୦% ଗାଡ଼ି ଦୁର୍ଘଟଣା କମିଯାଆନ୍ତା। ଟ୍ରକ୍ ଚାଳକ ଯିଏକି ଏକାଧିକ ଦୁର୍ଘଟଣାରେ ଜଡ଼ିତ, ସେମାନଙ୍କ ଏମ୍‌ଭି ଲାଇସେନ୍ସ ସମ୍ପୂର୍ଣ୍ଣ ରଦ୍ଦ କରାଯିବା ଦରକାର। ସେମାନେ ୨ୟ ଥର ଗାଡ଼ି ଚଳାଇଲେ ଗାଡ଼ି ମାଲିକଙ୍କ ନାମରେ କେସ୍ କରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ଦରକାର। ବର୍ତ୍ତମାନ ସମୟରେ ଯେଉଁମାନେ ଟ୍ରକ୍ କିମ୍ବା ଅନ୍ୟାନ୍ୟ ଭାରିଯାନ ଚଳାଉଛନ୍ତି ସେମାନେ ନିହାତି ମାଟ୍ରିକ୍ ପାସ୍ କରିଥିବା ଦରକାର, ଯଦ୍ୱାରା କି ସେମାନେ ଅଙ୍କାବଙ୍କା, ଘାଟିରାସ୍ତାରେ ସଙ୍କେତ ଜାଣିପାରୁଥିବେ। ସମସ୍ତ ଦୁଇଚକିଆ ଯାନ ଚାଳକ ହେଲ୍‌ମେଟ୍ ପିନ୍ଧିବା ଜରୁରୀ। କିନ୍ତୁ ଅନୁଗୋଳ ଜିଲାରେ ଅଧିକାଂଶ ହେଲ୍‌ମେଟ୍ ବ୍ୟବହାର କରୁନାହାନ୍ତି। ଅନୁଗୋଳ ସହରରେ ପ୍ରତି ଛକରେ ୨ଜଣ ଲେଖାଏ ହୋମ୍‌ଗାର୍ଡ ବସୁଛନ୍ତି। କିନ୍ତୁ ସେମାନଙ୍କ କାମ କେହି ତଦାରଖ କରିବାକୁ ନାହିଁ। ହୋମ୍‌ଗାର୍ଡମାନେ କେବଳ ବସିରହି ସ୍ମାର୍ଟଫୋନ୍ ଧରି ହସଖୁସି କରୁଛନ୍ତି। ପୋଲିସ ସେମାନଙ୍କ କର୍ତ୍ତବ୍ୟ ଠିକ୍ ଭାବେ ପାଳନ କଲେ ଏବଂ ଲୋକେ ଟ୍ରାଫିକ ନିୟମ ମାନିଲେ ଦୁର୍ଘଟଣା ହ୍ରାସ ପାଇବ।

**- ହରିହର ବେହେରା, ସୋଲଡ଼ା, ତାଳଚେର, ଅନୁଗୋଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଭଗବତୀ ଚରଣ ପାଣିଗ୍ରାହୀ ଶିଶୁ ଉଦ୍ୟାନ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ସିଂଙ୍କ ସମେତ ଅନ୍ୟମାନେ।

# ଭଗବତୀ ଚରଣଙ୍କ ସ୍ମୃତିରେ ଶିଶୁ ଉଦ୍ୟାନ ଉଦ୍‌ଘାଟିତ

କଟକ,୧୧।୧୧
(ସୁପ୍ରିୟା ପ୍ରିୟଦର୍ଶିନୀ)

ଓଡ଼ିଶା ବାମପନ୍ଥୀ ଚେତନାର ଆବାହକ ତଥା ପ୍ରଗତିଶୀଳ ସାହିତ୍ୟିକ ଭଗବତୀ ଚରଣ ପାଣିଗ୍ରାହୀଙ୍କ ସ୍ମୃତି ଉଦ୍ଦେଶ୍ୟରେ କଟକ ସିଡିଏ ସେକ୍ଟର-୬ଠାରେ ଏକ ଶିଶୁ ଉଦ୍ୟାନ ଶନିବାର ଉଦ୍‌ଘାଟିତ ହୋଇଯାଇଛି। କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ ଏହାକୁ ଉଦ୍‌ଘାଟନ କରିଛନ୍ତି। କର୍ପୋରେଟର ରିତାଞ୍ଜଳି ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଏମ୍‌ସି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିଶା ଦାସ, କର୍ପୋରେଟର ପ୍ରଦୀପ ରାଉତ, ପ୍ରିୟମ୍ବଦା ସ୍ୱାଇଁ, ପ୍ରିୟମ୍ବଦା ମହାନ୍ତି, ମମତା ନାୟକ, ଶ୍ରମିକ ନେତା କିଶୋର କୁମାର ଜେନା, ରାମନାଥ ଆଚାର୍ଯ୍ୟ, ବିଭୁ କଲ୍ୟାଣ ଷଡ଼ଙ୍ଗୀ, ଦେବେନ୍ଦ୍ର ପାଣିଗ୍ରାହୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ପାଣିଗ୍ରାହୀଙ୍କର ସ୍ମୃତିଚାରଣ କରିଥିଲେ। ମର୍କତ ନଗର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷୟିତ୍ରୀ, ଛାତ୍ର, ମେୟର ଓ କର୍ପୋରେଟରମାନେ ଶିଶୁ ଉଦ୍ୟାନରେ ସମୟ କଟାଇଥିଲେ।

# ଶ୍ରୀମନ୍ଦିର ଉନ୍ନୟନ କାର୍ଯ୍ୟର ସମୀକ୍ଷାକଲେ ୫-ଟି ଅଧ୍ୟକ୍ଷ



ପୁରୀ, ୧୧।୧୧( ଅଜିତ୍ ମହାନ୍ତି)

୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ ଭିକେ ପାଣ୍ଡିଆନ ଶନିବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏ ନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ କରିବାକୁ ପାଣ୍ଡିଆନ୍ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀକ୍ଷେତ୍ରକୁ ବିଶ୍ୱ ଐତିହ୍ୟ ନଗରୀ ଭାବେ ଗଢ଼ି ତୋଳିବା ପାଇଁ ପୁରୀ ସହରରେ ବିଭିନ୍ନ ଉନ୍ନୟନମୂଳକ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ୫-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ ବିଭିନ୍ନ ସମୟରେ ପୁରୀ ଗସ୍ତରେ ଆସି ଏ ସମସ୍ତ କାର୍ଯ୍ୟର ତଦାରଖ ଓ ଅନୁଧ୍ୟାନ କରୁଛନ୍ତି।

# ୧୧ ଶିକ୍ଷକଙ୍କୁ 'ନେଶନ ବିଲ୍ଡର ସମ୍ମାନ'




ଭୁବନେଶ୍ୱର, ୧୧।୧୧
(ଅସମାପିକା ସାହୁ)

ରୋଟାରୀ ଇଣ୍ଟରନ୍ୟାଶନାଲର ଶିକ୍ଷା ବିକାଶ କାର୍ଯ୍ୟକ୍ରମ ଅନୁଯାୟୀ ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ଆଞ୍ଜେଲା ପକ୍ଷରୁ ୧୧ଜଣ ଶିକ୍ଷକଙ୍କୁ 'ନେଶନ ବିଲ୍ଡର ସମ୍ମାନ' ପ୍ରଦାନ କରାଯାଇଛି। ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରୋଟାରିଆନ ମନୋଜ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷାର ବିକାଶରେ ରୋଟାରୀର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। କ୍ଲବ୍ ସଭାପତି ରୋଟାରିଆନ ଅମିୟବାଳା ପରିଡ଼ା ଏଥିରେ ଅଧ୍ୟକ୍ଷତାରେ କରିଥିଲେ। ରୋଟାରିଆନ ଶିବବ୍ରତ ଦାସ ଉପସ୍ଥିତ ଶିକ୍ଷକଙ୍କୁ ଶିକ୍ଷା ଦକ୍ଷତା ବିକାଶ କୌଶଳ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ରୋଟାରିଆନ ପ୍ରତିଭା ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୧୧ଜଣ ଆଦର୍ଶ ଶିକ୍ଷକଙ୍କୁ 'ନେଶନ ବିଲ୍ଡର ଆୱାର୍ଡ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ପାଦିକା ରୋଟାରିଆନ ତୃପ୍ତିରେଖା ଭଞ୍ଜଦେଓ ସମସ୍ତ ଶିକ୍ଷକଙ୍କ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ କ୍ଲବର ଚାର୍ଟାର୍ଡ ସଭାପତି ରୋଟାରିଆନ ମମତା ବାଜପେୟୀ ପରିଚାଳନା କରିଥିବାବେଳେ ଆଇପିପି ରୋଟାରିଆନ ଚୁମ୍‌କି ଘୋଷାଲ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲବର ସଦସ୍ୟ ସବିତା ମହାନ୍ତି, ଅମିତା ମିଶ୍ର, ପ୍ରଜ୍ଞା ମଧୁମିତା, ସୁଜାତା ସାହୁ ଓ ପ୍ରଜ୍ଞା ପ୍ରଣିତା ପ୍ରମୁଖ ଉପସ୍ଥିତ ଥିଲେ।


# କୃଷିଋଣରେ ୧୦% ଚାନ୍ଦା ଅସୁଲି

## ଚାଷୀଙ୍କ ଋଣବହି ରଖୁଛନ୍ତି ସମବାୟ ସମିତି କର୍ମଚାରୀ

ଯାଜପୁର,୧୧।୧୧
(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଦଶରଥପୁରସ୍ଥିତ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ସମିତିଗୁଡ଼ିକ ମାଧ୍ୟମରେ ଚାଷୀଙ୍କୁ ଋଣ ପ୍ରଦାନରେ ବ୍ୟାପକ ଅନିୟମିତତା ହେଉଛି। ସମୁଦାୟ ଋଣ ପ୍ରଦାନର ପ୍ରାୟ ୧୦% ବ୍ୟାଙ୍କ ଓ ସମିତିର ଉନ୍ନୟନ ନାମରେ ଚାନ୍ଦା ଅସୁଲି କରାଯାଉଥିବା ଅଭିଯୋଗ ହୋଇଛି।

କୃଷି ଓ କୃଷକମାନଙ୍କ ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିବା ସହିତ ବାର୍ଷିକ ବହୁ କୋଟି ଟଙ୍କା ସହାୟତା ପ୍ରଦାନ କରୁଛନ୍ତି। କିନ୍ତୁ କେତେକ ସ୍ଥାନରେ ବ୍ୟାଙ୍କ କର୍ମଚାରୀ ଓ ନିର୍ବାଚିତ ସମବାୟ ସମିତି କର୍ମକର୍ତ୍ତାଙ୍କ ମଧୁଚନ୍ଦ୍ରିକା ଯୋଗୁ ବିଭିନ୍ନ ଯୋଜନାର ସୁଫଳ ଜନସାଧାରଣଙ୍କ ନିକଟରେ ଅପହଞ୍ଚ ହୋଇଛି। କୃଷକମାନଙ୍କ ନିମନ୍ତେ ବିନା ସୁଧରେ ସମବାୟ ସମିତିରୁ ଋଣ ପ୍ରଦାନ, କାଳିଆ ଓ ବଳିଆ ଯୋଜନାରେ ସିଧାସଳଖ କୃଷକଙ୍କ ବ୍ୟାଙ୍କ ଖାତାକୁ ସହାୟତା ରାଶି ପ୍ରଦାନ, କୃଷକମାନଙ୍କୁ ସବ୍‌ସିଡିରେ କୃଷି ଯନ୍ତ୍ରପାତି ଓ ଉପକରଣ ଯୋଗାଇଦେବା ଇତ୍ୟାଦି ବ୍ୟବସ୍ଥା ରହିଛି। ଏହାସହ ଫସଲ ବୀମା ଯୋଜନା ମାଧ୍ୟମରେ ବନ୍ୟା ଓ ବାତ୍ୟା ପ୍ରକୋପରୁ ଚାଷ କ୍ଷତିଗ୍ରସ୍ତ ହେଲେ ଚାଷୀଙ୍କୁ କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ସମବାୟ ସମିତିରେ ଅସହଯୋଗ ଓ ଲାଞ୍ଚଖୋର ମନୋବୃତ୍ତି ଯୋଗୁ ବହୁ ଯୋଗ୍ୟ କୃଷକ ଏହି ଯୋଜନାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏହାର ଉଦାହରଣ ଦଶରଥପୁର ବ୍ଲକ ଅନ୍ତର୍ଗତ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ୧୩ଟି ପ୍ରାଥମିକ କୃଷି ସମବାୟ ସମିତିରେ ଦେଖିବାକୁ ମିଳୁଛି। ଏହି ସମିତିଗୁଡ଼ିକରେ ପ୍ରାୟ ୩୦ ହଜାର ଚାଷୀ ସଭ୍ୟ ଭାବେ ରହିଛନ୍ତି। ଏହି ସଭ୍ୟମାନଙ୍କୁ ୨୦୨୩-୨୪ ଆର୍ଥିକ ବର୍ଷରେ ଖରିଫ ଚାଷ ପାଇଁ ୮୦ କୋଟି ଟଙ୍କା ଋଣ ପ୍ରଦାନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେପ୍ଟେମ୍ବର ୩୦ ସୁଦ୍ଧା ୧୩,୨୪୫ ଚାଷୀଙ୍କୁ ୮୨ କୋଟି ୭୨ ଲକ୍ଷ ୪୫ ହଜାର ଟଙ୍କା ଋଣ ଦିଆଯାଇଛି। ଏହାବ୍ୟତୀତ ଖରିଫ ଋତୁରେ ୭୭ ଜଣ ନୂତନ ଚାଷୀଙ୍କୁ ୨୩ ଲକ୍ଷ ୭୯ ହଜାର ଟଙ୍କା ଋଣ ଦିଆଯାଇଛି।



ସେହିପରି ଚଳିତ ରବି ଋତୁରେ ୬୭ କୋଟି ଟଙ୍କା ଋଣ ପ୍ରଦାନ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୧,୪୩୪ ଚାଷୀଙ୍କୁ ୭ କୋଟି ୧୧ ଲକ୍ଷ ୨ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଛି। ମାତ୍ର ଅଭିଯୋଗ ଅନୁଯାୟୀ ବ୍ୟାଙ୍କ ଅଧୀନ ସମିତିଗୁଡ଼ିକରେ ଋଣ ପ୍ରଦାନ ନିମନ୍ତେ ପ୍ରତ୍ୟେକ ଚାଷୀଙ୍କଠାରୁ ୧୦ ପ୍ରତିଶତ ଲେଖାଏ ଟଙ୍କା ବ୍ୟାଙ୍କ ଓ ସମିତି ଖର୍ଚ୍ଚ ଆଳରେ କାଟି ନିଆଯାଉଛି। ଅର୍ଥାତ୍ ୨୦ ହଜାର ଟଙ୍କାର ଋଣ ନିମନ୍ତେ ୨ ହଜାର ଟଙ୍କା ଚାଷୀଙ୍କ ଠାରୁ ଅସୁଲି ହେଉଛି। ସମସ୍ତ ୧୩ଟି ସମିତିରେ ଚାଷୀଙ୍କୁ ଋଣ ବହି ଓ ଚେକ୍ ବହି ପ୍ରଦାନ କରା ନ ଯାଇ ସମିତି କର୍ମଚାରୀମାନେ ନିଜ ପାଖରେ ରଖୁଥିବାରୁ ପ୍ରକୃତ ଋଣ ପରିମାଣ ଚାଷୀ ଜାଣିପାରୁନାହାନ୍ତି। ଏଥିରୁ ପ୍ରାୟ ୯୦ କୋଟିରୁ ଅଧିକ ଟଙ୍କା ଋଣ ଦିଆଯାଇଥିବା ବେଳେ ୧୦ ପ୍ରତିଶତ ହିସାବରେ ୯ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ଏହାବାଦ ବିଭିନ୍ନ ସମିତିରେ କର୍ମଚାରୀଙ୍କ ସଲାସୁତୁରାରେ ଜାଲ୍ ଜମିପଟ୍ଟା ଓ ଦସ୍ତାବିଜ ମାଧ୍ୟମରେ ବିପୁଳ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି, ଯାହାର ମୋଟ ପରିମାଣ ୧୦ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଚର୍ଚ୍ଚା ହେଉଛି।

ଏ ସମ୍ପର୍କରେ ଦଶରଥପୁରସ୍ଥିତ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ମ୍ୟାନେଜର ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ୧୦ ପ୍ରତିଶତ ଟଙ୍କା ଆଦାୟ ଅଭିଯୋଗର ତଦନ୍ତ କରାଯିବ। ଏହା ସହିତ ଋଣ ପ୍ରଦାନରେ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ଚାଷୀଙ୍କୁ ସିଧାସଳଖ ବ୍ୟାଙ୍କରୁ ଟଙ୍କା ନେବାକୁ ସଚେତନ କରାଯିବ। ନୂତନ ଭାବେ ଋଣ ନେଉଥିବା ଚାଷୀଙ୍କ ଜମି କାଗଜପତ୍ର ସବ୍‌ରେଜିଷ୍ଟ୍ରାର ଅଫିସରୁ ଯାଞ୍ଚ କରାଯିବା ବ୍ୟବସ୍ଥା କରାଯାଉଛି, ତେଣୁ ସେଥିରେ କୌଣସି ଅନିୟମିତତା ହେଉନାହିଁ ବୋଲି ସେ କହିଛନ୍ତି।

ସୂଚନାଥାଉ କି ଏହି ବ୍ୟାଙ୍କ ଅଧୀନରେ ଅକରପଡ଼ା, ତଳିହା, କଟିକଟା, କୁଆଁରପୁର, ନନ୍ଦିପୁର, ଦଶରଥପୁର, ଛତ୍ରପଡ଼ା, ଚଷାଖଣ୍ଡ, ଅହିୟାସ, ପାଳଟପୁର, ମଙ୍ଗଳପୁର, ନିଜାମପୁର ଓ କମାରଡ଼ିହି ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟ କରୁଛି। ମାତ୍ର ଏହି ସବୁ ସମବାୟ ସମିତିରେ ହୋଇଥିବା ଋଣ ଜାଲିଆତିର ସିବିଆଇ ତଦନ୍ତ କରାଗଲେ ବାସ୍ତବ କଥା ପଦାକୁ ଆସିପାରିବ ବୋଲି ସାଧାରଣରେ ଦାବି ହେଉଛି।

# କିଟ୍‌ରେ ଜୟନ୍ତ ମହାପାତ୍ର ସାର୍ବଜନୀନ ପାଠାଗାର




ଭୁବନେଶ୍ୱର, ୧୧।୧୧
(ଅସମାପିକା ସାହୁ)

## ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

କିଟ୍ ଓ କିସ୍ ପକ୍ଷରୁ ନିଜ କର୍ମଚାରୀଙ୍କ ପିଲାମାନଙ୍କ ନିମନ୍ତେ ପ୍ରତିଷ୍ଠା କରାଯାଇଥିବା ଶେଫାଳୀ କ୍ରେଚ୍, କିଟ୍ ପବ୍ଲିକ ସ୍କୁଲ୍ ଏବଂ ସର୍ବସାଧାରଣଙ୍କ ନିମନ୍ତେ ଜୟନ୍ତ ମହାପାତ୍ର ପବ୍ଲିକ୍ ଲାଇବ୍ରେରୀ, ବାବା ନାରାୟଣ ଦାସ ପ୍ରସାଦ ସେବନ କେନ୍ଦ୍ର, କିଟ୍ ସୋଭିର୍ନି ଗ୍ୟାଲେରିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଉଦ୍‌ଘାଟନ କରିଛନ୍ତି। ଭୁବନେଶ୍ୱର ୟୁନିଟ୍-୧ ରାମମନ୍ଦିର ପ୍ରତିଷ୍ଠାତା ସଭାପତି ବାବା ରାମନାରାୟଣ ଦାସ, କିଟ୍ ଓ କିସ୍ ସଭାପତି ଶାଶ୍ୱତି ବଳ, ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ସମେତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଡ. ସାମନ୍ତ ସର୍ବଦା କିଟ୍ ଓ କିସ୍‌ର କର୍ମଚାରୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇଆସୁଛନ୍ତି। ସ୍ୱଳ୍ପ ବେତନଭୋଗୀ ବା ମାସିକ ୩୦ହଜାର ଟଙ୍କାରୁ କମ୍ ଦରମା ପାଉଥିବା କର୍ମଚାରୀଙ୍କ ପିଲାଙ୍କ ନିମନ୍ତେ ସିବିଏସ୍‌ଇ ସ୍ୱୀକୃତିପ୍ରାପ୍ତ କିଟ୍ ପବ୍ଲିକ୍ ସ୍କୁଲ୍ ପ୍ରତିଷ୍ଠା କରାଯାଇଛି। ସେହିପରି କର୍ମଚାରୀଙ୍କ ଶିଶୁମାନଙ୍କ ନିମନ୍ତେ ଶେଫାଳୀ କ୍ରେଚ୍ ଖୋଲାଯାଇଛି। ଅନ୍ୟପକ୍ଷରେ କିଟ୍ ଶିକ୍ଷାନୁଷ୍ଠାନ ସମୂହ ଓ କିସ୍ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ ସ୍ୱରୂପ ସର୍ବସାଧାରଣଙ୍କ ନିମନ୍ତେ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥାଏ। କିଟ୍ ଗୁଣ୍ଡିଚା ମନ୍ଦିର ନିକଟରେ ସର୍ବସାଧାରଣଙ୍କ ନିମନ୍ତେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ନାମରେ ନାମିତ ଏକ ବୃହତ୍ ଶୀତତାପ ନିୟନ୍ତ୍ରିତ ସର୍ବସାଧାରଣ ପାଠାଗାର ଖୋଲାଯାଇଛି। କିମ୍ସକୁ ଆସୁଥିବା ରୋଗୀଙ୍କ ସହାୟକ ଓ ସର୍ବସାଧାରଣଙ୍କୁ ରିହାତି ମୂଲ୍ୟରେ ପ୍ରସାଦ ଯୋଗାଇଦେବା ନିମନ୍ତେ କିଟ୍ ଜଗନ୍ନାଥ ମନ୍ଦିର ପକ୍ଷରୁ ବାବା ନାରାୟଣ ଦାସ ପ୍ରସାଦ ସେବନ କେନ୍ଦ୍ର ଖୋଲାଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର, କର୍ମଚାରୀ, ପୁରାତନ ଛାତ୍ରୀଛାତ୍ର ଓ କିଟ୍ ଓ କିସ୍‌କୁ ପରିଦର୍ଶନରେ ଆସୁଥିବା ବ୍ୟକ୍ତିମାନଙ୍କ ପାଇଁ ବିଶ୍ୱର ବିଭିନ୍ନ ସ୍ଥାନର ସଂସ୍କୃତି ବିଶେଷ କରି ଓଡ଼ିଶାର ସମୃଦ୍ଧ ହସ୍ତଶିଳ୍ପ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ବ୍ରାଣ୍ଡର ବିଭିନ୍ନ ପ୍ରକାର ପୋଷାକପତ୍ରକୁ ନେଇ କିଟ୍ ସୋଭିର୍ନି ଗ୍ୟାଲେରି ପ୍ରତିଷ୍ଠା କରାଯାଇଛି।

# ପୁଷ୍ପାଞ୍ଜଳିଙ୍କ ମୃତଦେହ ପହଞ୍ଚିଲା

## କାନ୍ଦ ବୋବାଳିରେ ଫାଟି ପଡୁଛି ନୀଳାଦ୍ରିପୁର ଗ୍ରାମ

କେନ୍ଦ୍ରାପଡ଼ା/ମାର୍ଶାଘାଇ,୧୧।୧୧
(ଜଗନ୍ନାଥ ଧଳ/ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

କୋଲକତା ବାବୁଘାଟରୁ ଶିବମ୍ ଟ୍ରାଭଲର୍ସର ସଦାନନ୍ଦ ବସରେ ଫେରୁଥିଲେ କେନ୍ଦ୍ରାପଡ଼ା ଜିଲା ଅଙ୍ଗୁଲେଇ ପଞ୍ଚାୟତ ନିଳାଦ୍ରୀପୁର ଗ୍ରାମର ରାଜେନ୍ଦ୍ର ଦାସଙ୍କ ପରିବାର। ରାତିପ୍ରାୟ ୯ଟା ବେଳେ ଅଗ୍ନିକାଣ୍ଡରେ ଏହି ବସ୍ ଜଳିଗଲା। ଏହି ବସ୍‌ରେ ଥିବା କେନ୍ଦ୍ରାପଡ଼ା ଜିଲାର ୧୬ ଯାତ୍ରୀ ଶନିବାର ଘରକୁ ଫେରିଥିବା ବେଳେ ମାର୍ଶାଘାଇ ବ୍ଲକ ଅଙ୍ଗୁଲାଇ ପଞ୍ଚାୟତ ନିଳାଦ୍ରୀପୁର ଗ୍ରାମର ରାଜେନ୍ଦ୍ର ଦାସଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ଜଳି ଯାଇଛନ୍ତି। ପୁଷ୍ପାଞ୍ଜଳିଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ଫେରିବା ପରେ ନିଳାଦ୍ରୀପୁର ଗ୍ରାମ କାନ୍ଦବୋବାଳିରେ ଫାଟିପଡ଼ିଛି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଦୀପାବଳି ପୂର୍ବରୁ ଏହି ଦୁର୍ଘଟଣାରେ ପୁଷ୍ପାଞ୍ଜଳିଙ୍କ ପରି ଦୀପଟିଏ ଲିଭିଗଲା। ଦୁର୍ଘଟଣା ଖବର ଶୁଣିବା ପରେ ଗ୍ରାମବାସୀ ରାତିସାରା ଚେଇଁ ରହିଥିଲେ। ରାଜେନ୍ଦ୍ରଙ୍କ ସୂଚନା ଅନୁଯାୟୀ, ବସଟି କୋଲକତାରୁ ଛାଡିବା ପରେ ଡେବ୍ରାଠାରେ ଅଟକି

**ଶିବମ୍ ଟ୍ରାଭଲ୍ ବସ୍ ଦୁର୍ଘଟଣା**

ଥିଲା। ଏହି ସମୟରେ ଇଞ୍ଜିନରୁ ନିଆଁ ବାହାରିଥିଲା। କ୍ୟାବିନରେ ବସିଥିବା ପୁଷ୍ପାଞ୍ଜଳି ପୁଅକୁ ଝରକା ବାଟେ ବାହାରକୁ ପଠାଇ ଦେଇଥିଲେ। ରାଜେନ୍ଦ୍ର ପ୍ରଥମ ଗେଟ୍ ଲକ୍ ହୋଇଥିବା ଜାଣି ଇମରେଜେନ୍ସି ଡୋର ବାଟେ ବାହାରକୁ ଆସିଥିଲେ। ତେବେ ପୁଷ୍ପାଞ୍ଜଳି ବାହାରି ପାରି ନ ଥିଲେ। ପରେ ବସ ଜଳି ଯାଇଥିଲା। ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ବସ୍‌ଯାତ୍ରୀଙ୍କୁ ଗନ୍ତବ୍ୟ ସ୍ଥାନକୁ ଅନ୍ୟ ଏକ ବସ ମାଧ୍ୟମରେ ପଠାଇଥିବା ବେଳେ ପୁଷ୍ପାଞ୍ଜଳିଙ୍କ ମୃତଦେହ ସେଠାରେ ଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ପଶ୍ଚିମବଙ୍ଗର ରାଜନେତା ଶୁଭେନ୍ଦୁ ଅଧିକାରୀ ପୁଷ୍ପାଞ୍ଜଳିଙ୍କ ପୋଷ୍ଟମର୍ଟମ ପରେ ମୃତଦେହକୁ ନିଳାଦ୍ରୀପୁର ଗ୍ରାମକୁ ପଠାଇଛନ୍ତି। ନିଳାଦ୍ରୀପୁର ଗ୍ରାମର ବଳଭଦ୍ର ପଣ୍ଡା କହିଛନ୍ତି, ଦୁର୍ଘଟଣା ପରେ ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଉଦ୍ଧାର ପାଇଥିବା ବସଯାତ୍ରୀଙ୍କୁ ଗନ୍ତବ୍ୟ ସ୍ଥାନକୁ ପଠାଇଛନ୍ତି। ଏଠାରେ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ବସଯାତ୍ରୀଙ୍କୁ ଡାକ୍ତରଖାନା ନିଆଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରି ଛାଡି ଦେଇଛନ୍ତି। ତେବେ ଏହି ଘରୋଇ ଯାତ୍ରୀବାହୀ ବସରେ ବାଣ ଆସୁଥିବା ଶୁଣିବାକୁ ମିଳୁଥିବାରୁ ଏହାର ତଦନ୍ତ ପାଇଁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ସ୍ଥାନୀୟ ଗ୍ରାମବାସୀ ଦାବିକରିଛନ୍ତି। ରାଜେନ୍ଦ୍ରଙ୍କ ପୁଅ ଓ ଅନ୍ୟ କେତେକଙ୍କୁ ପୁଷ୍ପାଞ୍ଜଳି ଝରକା ବାଟେ ତଳକୁ ଓହ୍ଲାଇବାରେ ସାହାଯ୍ୟ କରିଥିବା ବେଳେ ନିଜେ ବସ୍‌ରେ ରହି ଯାଇଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଲୁଟୁଛନ୍ତି ଅନ୍‌ଲାଇନ୍ ଠକ...

ବୈଷୟିକ ତଦନ୍ତରୁ ଜଣାପଡ଼ିଛି ଯେ, ଉକ୍ତ ୱେବ୍‌ସାଇଟ୍‌ଗୁଡ଼ିକ ବିହାରର ନାଳନ୍ଦା ଓ ନୱାଦାରୁ ଅପରେଟ୍ ହେଉଥିଲା। ଲଗାତର ୫ ଦିନ ଧରି ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯିବା ପରେ ସୌରଭ ଧରାପଡ଼ିଛନ୍ତି। ସେ ବହୁ ଫେକ୍ ୱେବ୍‌ସାଇଟ୍ ଖୋଲିବା ସହ ଏହା ଜରିଆରେ ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ହାସଲ କରି ସାଇବର ଅପରାଧୀମାନଙ୍କୁ ବିକ୍ରି କରୁଥିଲେ। ସେମାନଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ଅଧିକାଂଶ ମହିଳା ବୋଲି ପୋଲିସ ଜାଣିବାକୁ ପାଇଛି। ଦ୍ୱିତୀୟ ମାମଲାରେ ଟିଏମ୍‌ଟି ବାର୍‌ସର ବିତରକ ପରିଚୟ ଦେଇ ଦିଲ୍ଲୀର ଶତାଧିକ ବ୍ୟବସାୟୀଙ୍କୁ ଲୁଟିବା ଅଭିଯୋଗରେ ଦୀପକ କୁମାର (୨୮) ଓ ଜିତେନ୍ଦ୍ର କୁମାର (୩୨)ଙ୍କୁ ଗିରଫ କରାଯାଇଛି। ଉଭୟେ ବିହାର ବାସିନ୍ଦା। ନାଳନ୍ଦା ଓ ପାଟନାରେ ଚଢ଼ାଉ ପରେ ଉଭୟଙ୍କୁ ଧରାଯାଇଛି। ଅଭିଯୁକ୍ତ ଦ୍ୱୟ ପାଟନା ନିକଟସ୍ଥ ଏକ ଗ୍ରାମରୁ ଅପରେଶନ୍ ଚଳାଇଆସିଥିବା ଜେରା ବେଳେ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ସେମାନେ ଶସ୍ତାରେ ଟିଏମ୍‌ଟି ବାର୍ ଓ ଲୁହାଛଡ଼ ବିକ୍ରିର ପ୍ରତିଶ୍ରୁତି ଦେଇ ବ୍ୟବସାୟୀମାନଙ୍କୁ ଅନ୍‌ଲାଇନ୍‌ରେ ଟାର୍ଗେଟ କରୁଥିଲେ। ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ ସେମାନେ ସୋସିଆଲ ମିଡିଆରେ ବିଜ୍ଞାପନ ଦେଉଥିଲେ। ପ୍ରଥମେ ୫୦% ଅର୍ଥ ଅଗ୍ରିମ ମାଗୁଥିଲେ। ଟଙ୍କା ପାଇବା ପରେ ନିଜ ମୋବାଇଲକୁ ସୁଇଚ୍ ଅଫ୍ କରିଦେଉଥିଲେ। ଉକ୍ତ ଟଙ୍କାରେ ଅଭିଯୁକ୍ତମାନେ ବିଳାସପୂର୍ଣ୍ଣ ଜୀବନ ବିତାଉଥିଲେ। ସେମାନଙ୍କ ନିକଟରୁ ପୋଲିସ ୧୫ ମୋବାଇଲ ଫୋନ୍, ୨୫ ସିମ୍ କାର୍ଡ, ୭ଟି ଚେକ୍ ଓ କେତୋଟି ପାସ୍‌ବୁକ୍ ଜବତ କରିଛି।

**ଯାତ୍ରୀବାହୀ ବସ୍ ଜଳିଯିବା ଘଟଣା**

# ସୁରକ୍ଷିତ ଫେରିଲେ ଯାଜପୁରର ୬ ଯାତ୍ରୀ

ରସୁଲପୁର,୧୧।୧୧ (ରଞ୍ଜିତ ରାଉତ)

ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ ନରସିଂହପୁର ପଞ୍ଚାୟତ ଗୌରୀଶ୍ୟାମ ପାଟଣା ଗ୍ରାମର ୫ଜଣ ଓ ଜେନାପୁର ଥାନା କବାଟବନ୍ଧ ଅଞ୍ଚଳର ଜଣଙ୍କୁ ମିଶାଇ ଜିଲାର ମୋଟ୍ ୬ଜଣ ଯାତ୍ରୀ ବସ୍ ଅଗ୍ନିକାଣ୍ଡରୁ ବର୍ତ୍ତି ସୁରକ୍ଷିତଭାବେ ଘରକୁ ଫେରିଛନ୍ତି। ସେମାନେ ହେଲେ ଗୌରିଶ୍ୟାମପାଟଣା ଗ୍ରାମର ଜିତେନ୍ଦ୍ର ସାହୁ (୩୨), ପ୍ରଦୀପ କୁମାର ପଣ୍ଡା(୩୫), ପ୍ରଶାନ୍ତ କୁମାର ଦାସ(୨୬), ସନ୍ତୋଷ କୁମାର ସାହୁ(୨୬) ଓ ପରମାନନ୍ଦ ବୈଶ୍ୟ(୬୨) ଓ କବାଟବନ୍ଧ ଅଞ୍ଚଳର ଜଗନ୍ନାଥ ସାହୁ(୪୫)।

ପଶ୍ଚିମବଙ୍ଗ ରାଜ୍ୟର କୋଲକାତା ବାବୁଘାଟ ବସ୍‌ଷ୍ଟାଣ୍ଡରୁ ଶୁକ୍ରବାର ସନ୍ଧ୍ୟାରେ ଓଡ଼ିଶାର ପାରାଦୀପ ଅଭିମୁଖେ ଆସୁଥିବା ଗିରିବାଳା ନାମକ ଏସି ଡିଲକ୍ସ ଘରୋଇ ବସ୍‌ରେ ନିଆଁ ଲାଗି ଯାଇଥିଲା। ରାତି ପ୍ରାୟ ୯ଘଟିକାରେ ଖଡ଼ଗପୁର ନିକଟରେ ଗାଡ଼ି ଚକା



ଫାଟିବାରୁ ଏହି ଦୁର୍ଘଟଣା ଘଟିଥିଲା। ନିଆଁ ଲାଗିଥିବା ଜାଣି ବସ୍ ଚାଳକ ଯାତ୍ରୀଙ୍କୁ ସୂଚନା ଦେଇଥିଲେ। ଫଳରେ ବସ୍‌ରେ ଥିବା ଯାତ୍ରୀମାନେ ଜୀବନ ବଞ୍ଚାଇବାକୁ ବସ୍ ଝରକା କାଚ ଭାଙ୍ଗି ବାହାରକୁ ବାହାରି ଆସିଥିଲେ। ଏହି ସମୟରେ କେନ୍ଦ୍ରାପଡ଼ା ଜିଲାର ଜଣେ ମହିଳା ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ବସରେ ଥିବା ମୋଟ୍ ୩୮ ଯାତ୍ରୀଙ୍କ ମଧ୍ୟରୁ ୬ଜଣ ଯାଜପୁର ଜିଲାର ଥିଲେ। ବସ୍‌ରେ ମୋଟ୍ ୩୧ ଓଡ଼ିଆ ଯାତ୍ରୀ ଥିଲେ ବୋଲି ଜଣାପଡ଼ିଛି। ଓଡ଼ିଆ ଯାତ୍ରୀମାନଙ୍କୁ ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ବସ୍ ଯୋଗେ ସୁରକ୍ଷିତ ଅବସ୍ଥାରେ ଘରକୁ ଫେରାଇ ଅଣାଯାଇଛି। ପ୍ରଶାସନ ପକ୍ଷରୁ ଆହତ ଯାତ୍ରୀମାନଙ୍କୁ ମାଗଣା ଚିକିତ୍ସା ଓ ଖାଦ୍ୟ ପାନୀୟର ବ୍ୟବସ୍ଥା କରାଯାଇଛି। ବଡ଼ ଅଘଟଣରୁ ବର୍ତ୍ତି ଘରକୁ ଫେରିଥିବା ସଦସ୍ୟଙ୍କୁ ପାଖରେ ପାଇ ପରିବାର ଲୋକେ ଖୁସି ପ୍ରକଟ କରିଛନ୍ତି।

## ତେଲ ଟ୍ୟାଙ୍କର ଧକ୍କାରେ ୪ ମୃତ

ଦିଲ୍ଲୀ-ଜୟପୁର ଜାତୀୟ ରାଜପଥରେ ଦ୍ରୁତ ବେଗରେ ଆସୁଥିବା ଏକ ତେଲ ଟ୍ୟାଙ୍କର ମୁହାଁମୁହିଁ ଧକ୍କା ଦେବାରୁ ୩ ବନ୍ଧୁ ଜଳିଯିବା ସହ ପିକ୍‌ଅପ୍ ଭ୍ୟାନ୍‌ର ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ବିଳମ୍ବିତ ରାତିରେ ସିଧ୍ରାୱାଲି ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଛି। ଜୟପୁର ପଟୁ ଆସୁଥିବା ଟ୍ୟାଙ୍କରଟି ଡିଭାଇଡରକୁ ଅତିକ୍ରମ କରି ଅପରପାର୍ଶ୍ୱରେ ଏକ କାର୍ ଏବଂ ପିକ୍‌ଅପ୍ ଭ୍ୟାନ୍‌କୁ ଧକ୍କା ଦେଇଥିଲା। ସିଏନ୍‌ଜି ସିଲିଣ୍ଡର ଥିବାରୁ କାର୍‌ଟି ଜଳିଯାଇଥିଲା।



### ସଂକ୍ଷେପରେ

## ସୁରଟ ଷ୍ଟେଶନରେ ଦଳାଚକଟା ସ୍ଥିତି: ଜଣେ ମୃତ

**ସୁରଟ,୧୧।୧୧ :** ଗୁଜରାଟର ସୁରଟ ରେଳଷ୍ଟେଶନରେ ଶନିବାର ପ୍ରବଳ ଭିଡ଼ ଯୋଗୁ ଦଳାଚକଟା ସ୍ଥିତି ଉପୁଜିଥିଲା। ଭିଡ଼ରେ ଜଣେ ୪୦ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଛଟ୍ ପର୍ବ ପାଇଁ ବିହାର ଯାଉଥିବା ସ୍ୱତନ୍ତ୍ର ଟ୍ରେନ୍‌ରେ ଚଢ଼ିବାକୁ ଷ୍ଟେଶନରେ ପ୍ରବଳ ଭିଡ଼ ହୋଇଥିଲା। ଠେଲାପେଲାରେ ବହୁ ଯାତ୍ରୀ ଅସୁସ୍ଥ ହୋଇପଡ଼ିବା ସହ କେତେଜଣ ମୂର୍ଚ୍ଛା ଯାଇଥିଲେ। ଜଣେ ହୃଦ୍‌ରୋଗୀ ବେହୋସ ହୋଇଯିବାରୁ ଜଣେ ପୋଲିସ ତାଙ୍କର ସିପିଆର୍ କରିବା ପରେ ହସ୍ପିଟାଲ ପଠାଯାଇଥିଲା। ଜଣେ ଯାତ୍ରୀ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଜଣ ଆହତ ହୋଇଥିଲେ ବୋଲି ହସ୍ପିଟାଲ ଅଧିକାରୀ କହିଛନ୍ତି।

## ନାବାଳିକାଙ୍କୁ ପୋଲିସ ଏସ୍‌ଆଇଙ୍କ ବଳାତ୍କାର

**ଜୟପୁର,୧୧।୧୧:** ରାଜସ୍ଥାନର ଦୌସା ଜିଲାରେ ଶୁକ୍ରବାର ଜଣେ ପୋଲିସ ସବ୍‌ଇନ୍ସପେକ୍ଟର (ଏସ୍‌ଆଇ) ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଲାଲ୍‌ସୁଟ୍ ଅଞ୍ଚଳରେ ଏହି ଘଟଣା ଘଟିଛି। ଅଭିଯୁକ୍ତ ଏସ୍‌ଆଇ ଭୂପେନ୍ଦ୍ର ସିଂ ପୀଡ଼ିତାଙ୍କୁ ପ୍ରଲୋଭିତ କରି ନିଜ ରୁମ୍‌କୁ ଡାକିନେଇ ବଳାତ୍କାର କରିଥିଲେ ବୋଲି ଏଏସ୍‌ପି ରାମଚନ୍ଦ୍ର ସିଂ ନେହରା କହିଛନ୍ତି। ଭୂପେନ୍ଦ୍ରଙ୍କୁ ଗିରଫ କରାଯାଇ ହାଜତରେ ଜେରା କରାଯାଉଛି। ପୀଡ଼ିତାଙ୍କ ବୟସ ୪ରୁ ୫ ବର୍ଷ ହେବ ବୋଲି ଆକଳନ କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ବହୁସଂଖ୍ୟାରେ ସ୍ଥାନୀୟ ଲୋକେ ରାହୁୱାସ୍ ଥାନା ଘେରାଉ କରି ପୋଲିସ ବିରୋଧରେ ସ୍ଲୋଗାନ ଦେଇଥିଲେ। ଦଳିତ ନାବାଳିକାଙ୍କୁ ପୋଲିସ ଅଫିସରଙ୍କ ବଳାତ୍କାର ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ତେଜନା ଦେଖାଦେଇଛି। ଭାଜପା ଏମ୍‌ପି କିରୋଡି ଲାଲ୍ ମୀନା ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ତୁରନ୍ତ ନ୍ୟାୟ ପାଇଁ ଦାବି କରିଛନ୍ତି।

## ବର୍ଷୀୟାନ ଅଭିନେତା ଚନ୍ଦ୍ର ମୋହନଙ୍କ ପରଲୋକ

**ହାଇଦ୍ରାବାଦ,୧୧।୧୧ :** ବର୍ଷୀୟାନ ଅଭିନେତା ଚନ୍ଦ୍ର ମୋହନଙ୍କର ଶନିବାର ସକାଳ ୯ଟା ୪୫ରେ ପରଲୋକ ହୋଇଯାଇଛି। ତାଙ୍କୁ ୮୨ ବର୍ଷ ହୋଇଥିଲା। ହାଇଦ୍ରାବାଦର ଆପୋଲୋ ହସ୍ପିଟାଲରେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏସ୍.ପି. ବାଲ୍‌ସୁବ୍ରମଣ୍ୟମ ଏବଂ କେ. ବିଶ୍ୱନାଥଙ୍କ ସମ୍ପର୍କୀୟ ଭାଇ ଚନ୍ଦ୍ର ମୋହନ ୧୯୮୨ରେ ଚଳଚ୍ଚିତ୍ର ରଙ୍ଗୁଲା ରତ୍ନମ୍ ଜରିଆରେ ଅଭିନୟ ଜଗତରେ ପାଦ ଥାପିଥିଲେ। ସେ ବହୁ ତେଲୁଗୁ ଏବଂ ତାମିଲ ଚଳଚ୍ଚିତ୍ରରେ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ୨୦୦୦ ଦଶକରେ ସେ ବହୁ ଚଳଚ୍ଚିତ୍ରରେ ଚରିତ୍ର ଅଭିନେତା ଭାବେ କାର୍ଯ୍ୟ କରିଥିଲେ। ତାଙ୍କର ସ୍ତ୍ରୀ ଓ ଦୁଇ ଝିଅ ଅଛନ୍ତି।



### ଇସ୍ରାଏଲୀ ସେନାର ଜୋର୍‌ଦାର ଆକ୍ରମଣ

# ଗାଜାର ମୁଖ୍ୟ ହସ୍ପିଟାଲ ଅନ୍ଧାରରେ

**ଡେଇର୍ ଅଲ୍-ବାଲାହ/ପ୍ୟାରିସ୍,୧୧।୧୧**

ଗାଜାର ଯୁଦ୍ଧବିପନ୍ନମାନଙ୍କ ପାଖରେ ମାନବୀୟ ସହାୟତା ପହଞ୍ଚାଇବା ଏବଂ ଯୁଦ୍ଧ ପ୍ରଭାବିତ ଅଞ୍ଚଳରୁ ପାଲେଷ୍ଟିନୀୟମାନଙ୍କୁ ପଳାୟନ ପାଇଁ ସୁଯୋଗ ଦେବା ଲାଗି ଦିନକୁ ୪ ଘଣ୍ଟା ଅସ୍ତ୍ରବିରତି ପାଇଁ ସହଯୋଗୀ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଦେଇଥିବା ପରାମର୍ଶକୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଅଗ୍ରାହ୍ୟ କରିଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସୋମବାର ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଫୋନ୍ କରି ଅନ୍ୟୂନ ୩ ଦିନ ପାଇଁ ଯୁଦ୍ଧ ବନ୍ଦ ପ୍ରସ୍ତାବ ଦେଇଥିଲେ। କିନ୍ତୁ ହମାସ୍ ସମସ୍ତ ୨୩୯ ପଣବନ୍ଦୀଙ୍କୁ ନ ଛାଡ଼ିବା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଅସ୍ତ୍ରବିରତି ଅସମ୍ଭବ ବୋଲି ନେତାନ୍ୟାହୁ କହିଥିଲେ। ଅସ୍ତ୍ରବିରତି ଆହ୍ୱାନକୁ ଅଗ୍ରାହ୍ୟ କରିବା ସହ ଶନିବାର ଗାଜା ଉପରେ ଇସ୍ରାଏଲ୍ ଜୋର୍‌ଦାର ଆକ୍ରମଣ କରିଛି। ଇସ୍ରାଏଲୀ ସେନା ଗାଜାର ମୁଖ୍ୟ ହସ୍ପିଟାଲକୁ ଚାରିପଟୁ ଘେରିରହିଛନ୍ତି। ହସ୍ପିଟାଲର ଶେଷ ଜେନେରେଟରରେ ଇନ୍ଧନ ଶେଷ ହୋଇଯିବାରୁ ୫ ଜଣ ରୋଗୀଙ୍କ ମୃତ୍ୟୁ ଘଟିଛି। ଅଲ୍-ଶିଫା ହସ୍ପିଟାଲକୁ ହମାସ ଆତଙ୍କବାଦୀମାନେ



ଇସ୍ରାଏଲ୍‌ର ବୋମାମାଡ଼ରେ ଗାଜାର ଅଲ୍-ଶିଫା ହସ୍ପିଟାଲ ପଛପଟୁ ଧୂଆଁ ଉଠୁଛି।

- ୫ ରୋଗୀଙ୍କ ମୃତ୍ୟୁ
- ଯୁଦ୍ଧବିରତି ପାଇଁ ଫ୍ରାନ୍ସ ରାଷ୍ଟ୍ରପତିଙ୍କ ଆହ୍ୱାନ

ମୁଖ୍ୟ କମାଣ୍ଡ ଘାଟି ଭାବେ ବ୍ୟବହାର କରୁଥିବା ଇସ୍ରାଏଲ୍ କହିଛି। ଆତଙ୍କବାଦୀମାନେ ଆକ୍ରମଣରୁ ବର୍ତ୍ତିବା ଲାଗି ସାଧାରଣ ଲୋକଙ୍କୁ ମାନବ ଢାଲ ଭାବେ ବ୍ୟବହାର କରୁଛନ୍ତି। ହସ୍ପିଟାଲ ତଳେ ସେମାନେ ବିଶାଳ ବଙ୍କର ନିର୍ମାଣ କରି ଆତ୍ମଗୋପନ କରିଥିବା ଇସ୍ରାଏଲ୍ ଅଭିଯୋଗ କରିଛି। ଶିଫା ହସ୍ପିଟାଲ ସମେତ ୩ଟି ହସ୍ପିଟାଲ ବାହାରେ ଲଢ଼େଇ ଜାରି ରହିଥିବାରୁ ଇନ୍ଧନ ଯୋଗାଣ ବନ୍ଦ ହୋଇଯାଇଛି। ବିଦ୍ୟୁତ୍ ନ ଥିବାରୁ ଡାକ୍ତରୀ ଉପକରଣଗୁଡ଼ିକ କାମ କରୁନାହିଁ। ଫଳରେ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍‌ରେ ଥିବା ରୋଗୀ ମରିବା ଆରମ୍ଭ ହୋଇଛି ବୋଲି ଶିଫାର ନିର୍ଦ୍ଦେଶକ ମହମ୍ମଦ ଅବୁ ସେଲ୍‌ମିଆ କହିଛନ୍ତି। ଇସ୍ରାଏଲୀ ସୈନ୍ୟ ହସ୍ପିଟାଲ ନିକଟରେ ଯାହାକୁ ଦେଖୁଛନ୍ତି, ଗୁଳି କରୁଛନ୍ତି ଓ କାହାକୁ ବିଲ୍ଡିଂରୁ ବାହାରିବାକୁ ଦେଉନାହାନ୍ତି।

ଇସ୍ରାଏଲ୍ ଆକ୍ରମଣରେ ବର୍ତ୍ତମାନ ସୁଦ୍ଧା ଗାଜାର ପ୍ରାୟ ୧୧ ହଜାର ଲୋକଙ୍କ ମୃତ୍ୟୁ ଘଟିଲାଣି। ଗାଜା ଉପରେ ବୋମାମାଡ଼ ଓ ସାଧାରଣ ନାଗରିକଙ୍କୁ ହତ୍ୟା ବନ୍ଦ କରିବାକୁ ହେବ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ କହିଛନ୍ତି। ବୋମାମାଡ଼ କରିବାର କୌଣସି ଯଥାର୍ଥତା ନାହିଁ। ଯୁଦ୍ଧବିରତି ଦ୍ୱାରା ଇସ୍ରାଏଲ୍ ଲାଭବାନ୍ ହେବ ବୋଲି ସେ ଏକ ସାକ୍ଷାତ୍‌କାରରେ କହିଛନ୍ତି। ହମାସ୍‌ର ଆତଙ୍କବାଦୀ କାର୍ଯ୍ୟକୁ ଫ୍ରାନ୍ସ ନିନ୍ଦା କରୁଛି। ନିଜକୁ ସୁରକ୍ଷା ଦେବା ଲାଗି ଇସ୍ରାଏଲ୍‌ର ଅଧିକାରକୁ ସ୍ୱୀକୃତି ଦେବା ବେଳେ ଗାଜା ଉପରେ ବୋମା ପକାଇବା ବନ୍ଦ କରିବାକୁ ଆହ୍ୱାନ ଦେଉଛୁ। ଯୁଦ୍ଧବିରତି ଆହ୍ୱାନରେ ଆମେରିକା, ବ୍ରିଟେନ୍ ଆଦି ଦେଶ ସାମିଲ ହେବା ଫ୍ରାନ୍ସ ରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ମାକରଁଙ୍କ ଆହ୍ୱାନର ଜବାବରେ ନେତାନ୍ୟାହୁ କହିଛନ୍ତି, ବିଶ୍ୱ ନେତାମାନେ ହମାସ୍‌କୁ ନିନ୍ଦା କରିବା ଉଚିତ, ଇସ୍ରାଏଲ୍‌କୁ ନୁହେଁ। ଗାଜାରେ ହମାସ୍ ଆଜି ଯେଉଁ ଅପରାଧ କରିଛି, ଆଗାମୀ ଦିନରେ ପ୍ୟାରିସ୍, ନ୍ୟୁୟର୍କ ଓ ବିଶ୍ୱର ଯେକୌଣସି ସ୍ଥାନରେ କରିପାରେ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ୟାରିସ୍‌ରେ ଗାଜା ଉପରେ ମାନବୀୟ ସମ୍ମିଳନୀର ଦିନକ ପରେ ମାକରଁଙ୍କ ସାକ୍ଷାତକାର ପ୍ରସାରିତ ହୋଇଛି।

## ନିଜ ହତ୍ୟା ମାମଲାର ଶୁଣାଣିରେ ହାଜର ହେଲେ ନାବାଳକ


**ପିଲିଭିଟ୍,୧୧।୧୧**

ଉତ୍ତରପ୍ରଦେଶର ଜଣେ ନାବାଳକ ହତ୍ୟା ମାମଲାର ଶୁଣାଣି ଶନିବାର ସୁପ୍ରିମକୋର୍ଟରେ ଚାଲିଥିବାବେଳେ ସମ୍ପୃକ୍ତ ବାଳକ ନିଜେ ଖଣ୍ଡପୀଠରେ ହାଜର ହୋଇ ସେ ବଞ୍ଚିଥିବା କହିଛନ୍ତି। ଫଳରେ ହତ୍ୟା ମାମଲା ମିଥ୍ୟା ପ୍ରମାଣିତ ହୋଇଛି। ସମ୍ପୃକ୍ତ ୧୧ ବର୍ଷୀୟ ଅଭୟ ସିଂଙ୍କୁ ତାଙ୍କ ଜେଜେ ଓ ଦାଦା ହତ୍ୟା କରିଥିବା ନେଇ ତାଙ୍କ ବାପା ମିଛ ଅଭିଯୋଗ ଆଣିଥିଲେ। ଉତ୍ତରପ୍ରଦେଶର ପିଲିଭିଟ୍ ଥାନାରେ ହତ୍ୟା ମାମଲା ରୁଜୁ ହୋଇଥିଲା। ପୂର୍ବରୁ ଅଭୟ ବଞ୍ଚିଥିବା ସମ୍ପର୍କରେ ଜଣାଇଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଏପରିକି ଆଲ୍ଲାହାବାଦ ହାଇକୋର୍ଟ ବେଞ୍ଚରେ ତାଙ୍କ ଆବେଦନକୁ ଅଗ୍ରାହ୍ୟ କରିଦିଆଯାଇଥିଲା। ଫଳରେ ସେ ସୁପ୍ରିମକୋର୍ଟରେ ପହଞ୍ଚିବାକୁ ବାଧ୍ୟ ହୋଇଥିଲେ। ସର୍ବୋଚ୍ଚ ଅଦାଲତରେ ସେ ବଞ୍ଚିଥିବା କହିବା ପରେ ଉତ୍ତରପ୍ରଦେଶ ସରକାର, ପିଲିଭିଟ୍ ଏସ୍‌ପି ଏବଂ ନେଉରିଆ ଥାନା ଅଧିକାରୀଙ୍କୁ ରିପୋର୍ଟ ମଗାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପିଲାଟିର ଜେଜେ ଓ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାକୁ ଖଣ୍ଡପୀଠ କହିଛନ୍ତି।

## ବାନ୍ଧବୀଙ୍କୁ ବଳାତ୍କାର, ୧୧୧ ଥର ଛୁରି ଭୁସିଥିବା ଅପରାଧୀଙ୍କୁ ମୁକ୍ତକଲେ ପୁଟିନ୍

**ମସ୍କୋ,୧୧।୧୧**

ପୂର୍ବତନ ବାନ୍ଧବୀ ଭେରା ପେଖ୍‌ଟେଲେଭାଙ୍କୁ ବଳାତ୍କାର କରିବା ପରେ ୧୧୧ ଥର ଛୁରିଭୁସି ଅତି ବୀଭତ୍ସ ଭାବେ ହତ୍ୟା କରିଥିବା ଭ୍ଲାଡିସ୍ଲାଭ୍ କନ୍ୟୁସ୍‌ଙ୍କୁ ୧୭ ବର୍ଷ ଜେଲଦଣ୍ଡ ହୋଇଥିଲା। ୟୁକ୍ରେନ୍‌ରେ ଯୁଦ୍ଧ କରିବା ଲାଗି ରୁଷିଆ ସେନାରେ ସାମିଲ ହେବା ପାଇଁ ତାଲିକାଭୁକ୍ତ ହେବାକୁ ସେ ନିଷ୍ପତ୍ତି ନେବା ପରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ତାଙ୍କୁ କ୍ଷମା କରିଦେଇଛନ୍ତି।



ବାନ୍ଧବୀ ଭେରା ପେଖ୍‌ଟେଲେଭାଙ୍କ ସହ ଭ୍ଲାଡିସ୍ଲାଭ୍ କନ୍ୟୁସ୍।

ବ୍ରେକ୍‌ଅପ୍ ପରେ ବାନ୍ଧବୀଙ୍କୁ କନ୍ୟୁସ୍ ୩.୫ ବର୍ଷ ଧରି ବଳାତ୍କାର କରିବା ସହ ନିର୍ଯାତନା ଦେଇଥିଲେ। ପରେ ସେ ଏକ କେବୁଲରେ ବାନ୍ଧବୀଙ୍କ ତଣ୍ଟି ଚିପି ମାରିବା ସହ ୧୧୧ ଥର ଛୁରି ଭୁସିଥିଲେ। ଭେରାଙ୍କ ଚିତ୍କାର ଶୁଣି ପଡୋଶୀମାନେ ପୋଲିସ୍‌କୁ ୭ ଥର ଫୋନ୍ କରିଥିଲେ ମଧ୍ୟ କୌଣସି ଜବାବ ମିଳି ନ ଥିଲା। କନ୍ୟୁସ୍ ଏକ ଅସ୍ତ୍ର ଧରି ସାମରିକ ପୋଷାକରେ ଥିବାର ଫଟୋ ମିଳିବା ପରେ ସେ ଭେରାଙ୍କୁ ହତ୍ୟା କରିଥିବା ଜଣାପଡ଼ିଥିଲା।

କନ୍ୟୁସ୍‌ଙ୍କୁ ମୁକ୍ତ କରାଯିବା ପରେ ତାଙ୍କୁ ୟୁକ୍ରେନ୍ ସୀମା ରୋସ୍ତଭକୁ ପଠାଯାଇଛି। ଗତ ୩ ତାରିଖରେ ରାଷ୍ଟ୍ରପତି ପୁଟିନ୍ କନ୍ୟୁସ୍‌ଙ୍କୁ କ୍ଷମା କରିଥିବାର ଚିଠିକୁ ମହିଳା ଅଧିକାରୀ କର୍ମୀ ଆଲ୍ୟୋନା ପୋପୋଭା ଶେୟାର କରିଛନ୍ତି। ଜଣେ ବୀଭତ୍ସ ହତ୍ୟାକାରୀ ଯୁଦ୍ଧରେ ଯୋଗଦେବା ପାଇଁ ରାଜି ହେବାରୁ ତାଙ୍କୁ ମୁକ୍ତ କରିଦିଆଯିବା ଘଟଣାରେ ପୁଟିନ୍‌ଙ୍କୁ ଭେରାଙ୍କ ମାଆ ଓକ୍‌ସାନା ନିନ୍ଦା କରିଛନ୍ତି। ଜଣେ ନିଷ୍ଠୁର ହତ୍ୟାକାରୀଙ୍କୁ କିଭଳି ଅସ୍ତ୍ର ଧରାଇ ରୁଷିଆର ସୁରକ୍ଷା ପାଇଁ ପଠାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି।

## ୧୪ ଘଣ୍ଟାରେ ୮୦୦ ଭୂକମ୍ପ

**ରେକ୍‌ଜାଭିକ୍,୧୧।୧୧**

### ଆଇସ୍‌ଲାଣ୍ଡରେ ଏମର୍ଜେନ୍ସି ଜାରି
### ଲାଭା ଉଦ୍‌ଗିରଣର ପ୍ରକା ସୂଚନା

ଆଇସ୍‌ଲାଣ୍ଡର ଦକ୍ଷିଣପଶ୍ଚିମରେ ଥିବା ରେକ୍‌ଜାନେସ୍ ଉପଦ୍ୱୀପରେ ଶୁକ୍ରବାର ଶକ୍ତିଶାଳୀ ଭୂକମ୍ପ ହେବା ପରେ ଗତ ୧୪ ଘଣ୍ଟା ମଧ୍ୟରେ ୮୦୦ ଥର କମ୍ପନ ଅନୁଭୂତ ହୋଇଛି। ଫଳରେ ଆଇସ୍‌ଲାଣ୍ଡରେ ଜରୁରୀ ସ୍ଥିତି (ଏମର୍ଜେନ୍ସି) ଜାରି କରାଯାଇଛି। ଏହା ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣର ପୂର୍ବାଭାସ ବୋଲି କୁହାଯାଉଛି। ଗ୍ରିଣ୍ଡାଭିକ୍‌ର ଉତ୍ତରରେ ସର୍ବାଧିକ କମ୍ପନ ଅନୁଭୂତ ହୋଇଥିବା ନାଗରିକ ସୁରକ୍ଷା ଓ ଜରୁରୀ ପରିଚାଳନା ବିଭାଗ ପକ୍ଷରୁ କୁହାଯାଇଛି। ଆଗକୁ ଆହୁରି ଶକ୍ତିଶାଳୀ ଭୂକମ୍ପ ଓ ଲାଭା ଉଦ୍‌ଗିରଣ ହୋଇପାରେ ବୋଲି ପ୍ରଶାସନ ପକ୍ଷରୁ ସତର୍କ କରିଦିଆଯାଇଛି।

## ହାଉସ୍‌ବୋଟ୍‌ରେ ନିଆଁ: ୩ ବାଂଲାଦେଶୀ ମୃତ



ଡାଲ୍ ହ୍ରଦରେ ଜଳିଯାଇଥିବା ହାଉସ୍ ବୋଟ୍

**ଶ୍ରୀନଗର,୧୧।୧୧**

ଶ୍ରୀନଗରର ଡାଲ୍ ହ୍ରଦରେ ଶନିବାର ସକାଳେ ଏକ ହାଉସ୍‌ବୋଟ୍‌ରେ ନିଆଁ ଲାଗି ୩ ଜଣ ବାଂଲାଦେଶୀ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ଏହି ଅଗ୍ନିକାଣ୍ଡରେ ହ୍ରଦରେ ଥିବା ୫ଟି ହାଉସ୍‌ବୋଟ୍ ଜଳି ପାଉଁଶ ହୋଇଯାଇଥିବାବେଳେ ଅନ୍ୟ କେତେକ କ୍ଷତିଗ୍ରସ୍ତ ହୋଇଛି। ବାଂଲାଦେଶୀ ପର୍ଯ୍ୟଟକ ରହିଥିବା ସାଫିନା ହାଉସ୍‌ବୋଟ୍‌ଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଡାଲ୍ ହ୍ରଦର ୯ ନମ୍ବର ଘାଟ ନିକଟରେ ଥିବା ହାଉସ୍‌ବୋଟ୍‌ରେ ପ୍ରଥମେ ନିଆଁ ଲାଗି ପରେ ଏହା ଅନ୍ୟ ବୋଟ୍‌ଗୁଡ଼ିକୁ ବ୍ୟାପିଯାଇଥିଲା ବୋଲି ପୋଲିସ କହିଛି।

## ଆମେରିକାରେ ଚାଇନିଜ୍‌ଙ୍କୁ ଟପିଲେ ଭାରତୀୟ ଛାତ୍ର

**ବିଶ୍ୱ ଶିକ୍ଷା ବଜାରରେ ବିଦେଶୀ ବିଦ୍ୟାର୍ଥୀଙ୍କୁ ଆକୃଷ୍ଟ କରିବାରେ ଆମେରିକାର ଚାହିଦା ରହିଆସିଛି। ଚାଇନା ପରେ ଭାରତୀୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ସେଠାରେ ଅଧିକ ଥିଲା। ହେଲେ କିଛିବର୍ଷ ହେବ ଭାରତୀୟ ଶିକ୍ଷାର୍ଥୀଙ୍କ ସଂଖ୍ୟା ବଢ଼ି ଯାଇଥିବା ବେଳେ ଚାଇନା ଛାତ୍ରୀଛାତ୍ର କମୁଛନ୍ତି। ଭାରତୀୟ ମାତାପିତା ଯେଉଁମାନେ ସ୍ୱଚ୍ଛଳ ବର୍ଗର ଅଛନ୍ତି, ସେମାନେ ଭାରତର ଶୈକ୍ଷିକ ପରିବେଶ ଠିକ୍ ନ ଥିବା ଅନୁଭବ କରିବା ପରେ ସେମାନଙ୍କ ପିଲାଙ୍କୁ ଆମେରିକା ପଠାଇ ଦେଉଥିବା ଲକ୍ଷ୍ୟ କରାଯାଉଛି। ପୁଣି ଏଠାରେ ନିଯୁକ୍ତି ସୁଯୋଗ କମ୍ ରହିଛି। ଅନ୍ୟପକ୍ଷରେ ଆମେରିକାରେ ଚାଇନା ବିରୋଧୀ ମାନସିକତା ବଢ଼ିବା ଏବଂ ବେଜିଂ ଅଧିକ ବେତନରେ ନିଯୁକ୍ତି ଦେବାରୁ ସେମାନେ ବାହାରକୁ ଯିବାକୁ ଚାହୁଁ ନ ଥିବା ଜଣାପଡ଼ିଛି।**

**ୱାଶିଂଟନ,୧୧।୧୧**

ଆମେରିକାର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଏକ ଦଶନ୍ଧି ମଧ୍ୟରେ ଭାରତୀୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଦୁଇଗୁଣା ହୋଇଛି। ଅନ୍ୟପକ୍ଷରେ ସେଠାରେ ଚାଇନା ଶିକ୍ଷାର୍ଥୀଙ୍କ ସଂଖ୍ୟା ହ୍ରାସ ପାଇଛି। ଏହି ପରିବର୍ତ୍ତନ ଯୋଗୁ ଆମେରିକୀୟ ବ୍ୟବସାୟ ପ୍ରଭାବିତ ହେବା ସହ ବୈଷୟିକ ଶିଳ୍ପ ଏବଂ ଏସ୍‌ଟିଇଏମ୍ (ସାଇନ୍ସ, ଟେକ୍ନୋଲଜି, ଇଞ୍ଜିନିୟରିଂ ଆଣ୍ଡ ମ୍ୟାନେଜମେଣ୍ଟ) ସହ ସମ୍ପୃକ୍ତ ଶିଳ୍ପରେ ବ୍ୟବଧାନ ବଢ଼ିଛି। ଉଚ୍ଚଶିକ୍ଷା ପାଇଁ ଆମେରିକାକୁ ସର୍ବାଧିକ ଅନ୍ତର୍ଜାତୀୟ ଛାତ୍ରୀଛାତ୍ର ଚାଇନାରୁ ଆସିଥାନ୍ତି ବୋଲି ନ୍ୟୁୟର୍କ ୟୁନିଭର୍ସିଟି ପ୍ରଫେସର ଟେବୋହୋ ମୋଜା କହିଆସୁଥିଲେ। ଏବେ ଆମେରିକାକୁ ଭାରତ ସର୍ବାଧିକ ବିଦେଶୀ ଶିକ୍ଷାର୍ଥୀ ଯୋଗାଉଛି। ସେପ୍ଟେମ୍ବର ତଥ୍ୟ ଅନୁଯାୟୀ ଭାରତୀୟ ଛାତ୍ର ଭିଜାଧାରୀଙ୍କ ସଂଖ୍ୟା ୩,୨୦,୦୦୦ରୁ ଅଧିକ ହୋଇଥିବାବେଳେ ଚାଇନାର ୨,୫୪,୦୦୦। ଗତ ଦଶନ୍ଧିରେ ୧୮ ଲକ୍ଷ ଭାରତୀୟ ଛାତ୍ରୀଛାତ୍ର ଆମେରିକା କ୍ୟାମ୍ପସ୍‌ରେ ଯୋଗଦେଇଛନ୍ତି। ଗତବର୍ଷ ଏହି ସଂଖ୍ୟା ୬୪,୩୦୦ ଥିବାବେଳେ ଚାଇନା ଛାତ୍ରୀଛାତ୍ରଙ୍କ ସଂଖ୍ୟା ୨୪,୭୯୬କୁ ହ୍ରାସ ପାଇଥିଲା। ଚାଇନା ପିଲାଙ୍କ ଖାଲିସ୍ଥାନକୁ ଭାରତୀୟ ଶିକ୍ଷାର୍ଥୀ ପୂରଣ କରୁଛନ୍ତି ଏବଂ ବୈଷୟିକ ଶିଳ୍ପ ଏବଂ ଏସ୍‌ଟିଇଏମ୍ ସମ୍ପର୍କିତ ନିଯୁକ୍ତିରେ ଶୀର୍ଷ ପଦବୀରେ ନିଯୁକ୍ତି ପାଉଛନ୍ତି। କେବଳ ଆମେରିକାରେ ନୁହେଁ, ଅନ୍ୟ ଦେଶରେ ମଧ୍ୟ ଅନୁରୂପ ସ୍ଥିତି ଦେଖାଦେଇଥିବା ମୋଜା ତାଙ୍କ ପୋଷ୍ଟରେ ଲେଖିଛନ୍ତି। ଗତବର୍ଷ ନଭେମ୍ବରରେ ପ୍ରକାଶିତ ବ୍ରିଟେନ୍ ତଥ୍ୟ ଅନୁଯାୟୀ ସେଠାରେ ମଧ୍ୟ ଚାଇନା ଛାତ୍ରୀଛାତ୍ରଙ୍କୁ ଭାରତୀୟମାନେ ଟପିଛନ୍ତି।୨୦୨୨ର ପ୍ରଥମ ୩ଟି ତ୍ରୈମାସିକରେ ଭାରତୀୟ ଛାତ୍ର ହିଁ ଅଧିକ ଭିଜା ନେଇଛନ୍ତି।


ଆମେରିକାରେ ଚାଇନା ଛାତ୍ରୀଛାତ୍ରଙ୍କ ସଂଖ୍ୟା କମିବା ପଛରେ ଦୁଇଟି କାରଣ ରହିଛି। ତାହା ହେଲା ଆମେରିକାରେ ଚାଇନା ବିରୋଧୀ ମାନସିକତା ବଢ଼ିବା ଏବଂ ବେଜିଂ ଅଧିକ ବେତନରେ ନିଯୁକ୍ତି ଦେବା। ଫଳରେ ଯୁକ୍ତରାଷ୍ଟ୍ରରେ ପଢ଼ିବା ପାଇଁ ଚାଇନା ପିଲାଙ୍କ ଆଗ୍ରହ ହ୍ରାସ ପାଇଛି। ଚାଇନା ବିଶ୍ୱବିଦ୍ୟାଳୟଗୁଡ଼ିକରୁ ଆମେରିକା ଆଉ ଅଧିକ ପିଲାଙ୍କୁ ଆକୃଷ୍ଟ କରିପାରୁ ନାହିଁ। ତେଣୁ ଆଗାମୀ ଦିନରେ ଆମେରିକା ଏହାର ବିଜ୍ଞାନ ଗବେଷଣା, ପ୍ରତିରକ୍ଷା ପ୍ରଯୁକ୍ତି ଓ ହାଇଟେକ୍ ଶିଳ୍ପର ନେତୃତ୍ୱ ନେବା ପାଇଁ ମୁଖ୍ୟତଃ ଭାରତ ଓ ଅନ୍ୟ ଦେଶର ଛାତ୍ରୀଛାତ୍ରଙ୍କ ଉପରେ ଅଧିକ ନିର୍ଭରଶୀଳ ହେବ। ଟ୍ୟାଲେଣ୍ଟ ପୁଲ୍‌ରେ ଏହି ପରିବର୍ତ୍ତନ ଆମେରିକାର ବୈଶ୍ୱିକ ସାମର୍ଥ୍ୟକୁ କେତେ ପ୍ରଭାବିତ କରିବ ତାହା ସ୍ପଷ୍ଟ ହୋଇନାହିଁ।

### ଫୁରସତ୍

# ସଚେତନତା ହିଁ ନିଦାନ

### ବିଶ୍ୱ ନିମୋନିଆ ଦିବସ

ନିମୋନିଆ ମୁକାବିଲା ପାଇଁ ସଚେତନତା ସୃଷ୍ଟି ଲାଗି ବିଶ୍ୱ ନିମୋନିଆ ଦିବସ ପ୍ରତିବର୍ଷ ୧୨ ନଭେମ୍ବରରେ ପାଳିତ ହୋଇଥାଏ। ଜାତିସଂଘ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମିଳିତ ଉଦ୍ୟମରେ ଏହି ଦିବସ ପାଳନ କରାଯାଇଥାଏ। ନିମୋନିଆ ଏକ ଘାତକ ସମସ୍ୟା। ସଚେତନତା ଦ୍ୱାରା ନିମୋନିଆରୁ ଦୂରେଇ ରହିବା ସମ୍ଭବ ହୋଇଥାଏ। ଏଡ୍‌ସ, ମ୍ୟାଲେରିଆ ଏବଂ ମିଳିମିଳା ତୁଳନାରେ ନିମୋନିଆରେ ଅଧିକଙ୍କ ମୃତ୍ୟୁ ଘଟିଥାଏ। ଏଥିଯୋଗୁ ପ୍ରତିବର୍ଷ ସାରା ବିଶ୍ୱରେ ୫ ବର୍ଷରୁ କମ୍ ବୟସ୍କ ୧୬ ଲକ୍ଷ ଶିଶୁଙ୍କ ଅକାଳ ମୃତ୍ୟୁ ଘଟିଥାଏ। ଏହାସହ ପ୍ରତିବର୍ଷ ନିମୋନିଆରେ ପୀଡ଼ିତ ଶିଶୁଙ୍କ ସଂଖ୍ୟା ହେଉଛି ୧୫.୫ କୋଟି। ଏହି ରୋଗରୁ ମୁକୁଳିବା ଲାଗି ପ୍ରତିଷେଧକ ବ୍ୟବସ୍ଥା ମଧ୍ୟ ରହିଛି। ତେବେ ଏ ସମ୍ପର୍କରେ ସମସ୍ତେ ଜାଣିବା ଦରକାର ଏବଂ ସଚେତନ ହେବା ମଧ୍ୟ ଜରୁରୀ। ନିମୋନିଆ ଯେକୌଣସି ବୟସର ଲୋକଙ୍କୁ ହୋଇପାରେ। ଏହାର ମୁଖ୍ୟ



ଲକ୍ଷଣଗୁଡିକ ହେଲା ଶ୍ୱାସକ୍ରିୟାରେ କଷ୍ଟ, ଛାତି କାଟିବା, ଶୁଷ୍କ କଫ ଓ ଜ୍ୱର। ବିଶ୍ୱର ମୋଟ ଜନସଂଖ୍ୟାର ପ୍ରାୟ ୭ ପ୍ରତିଶତ ପ୍ରତିବର୍ଷ ନିମୋନିଆ ରୋଗରେ ପୀଡିତ ହେଉଥିବାବେଳେ ଚିକିତ୍ସା ଅଭାବରୁ ୪୦ ଲକ୍ଷ ଶିଶୁ ଓ ବୟସ୍କଙ୍କ ମୃତ୍ୟୁ ଘଟିଥାଏ। ନିମୋନିଆ ବିରୁଦ୍ଧରେ ସୁଲଭ ଚିକିତ୍ସା ଏବଂ ପ୍ରତିଷେଧକ ବ୍ୟବସ୍ଥା ବିଦ୍ୟମାନ ଅଛି। ନିମୋନିଆର ସାଧାରଣତଃ ଦୁଇଟି ବ୍ୟାକ୍ଟେରିଆ ହେମୋଫିଲସ ଏନ୍‌ଫ୍ଲୁଏଞ୍ଜା ଟାଇପ୍-ବି ଏବଂ ଷ୍ଟ୍ରେପଟୋକୋକସ ନିମୋନିଆ ଦ୍ୱାରା ହୋଇଥାଏ। ନିମୋନିଆର ପ୍ରତିଷେଧକ ପାଇଁ ଅର୍ଥୋମାଇକ୍ସୋଭାଇରିଡା ଟିକା ଦିଆଯାଇଥାଏ। ନିମୋନିଆର ପ୍ରତିରୋଧ ଏବଂ ନିୟନ୍ତ୍ରଣ ପାଇଁ ଗ୍ଲୋବାଲ ଆକ୍ସନ ପ୍ଲାନ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଏବଂ ୟୁନିସେଫ ଦ୍ୱାରା ବିଶ୍ୱ ନିମୋନିଆ ଦିବସରେ ୨୦୦୯ରେ ଆରମ୍ଭ ହୋଇଥିଲା।

ଶିଶୁମାନଙ୍କର ସୁରକ୍ଷାକୁ ପ୍ରତିପାଦିତ କରୁଥିବା ୧୦୦ରୁ ଅଧିକ ସଂଗଠନ ୧୨ ନଭେମ୍ବର ୨୦୦୯ରେ ପ୍ରଥମ ବିଶ୍ୱ ନିମୋନିଆ ଦିବସ ପାଳନ କରିବା ପାଇଁ ଏକତ୍ରିତ ହୋଇଥିଲେ। ବିଶ୍ୱ ନିମୋନିଆ ଦିବସ ଏହି ସ୍ୱାସ୍ଥ୍ୟ ସଙ୍କଟ ପ୍ରତି ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସାହାଯ୍ୟ କରିବା ଏବଂ ଏହି ରୋଗର ମୁକାବିଲା ପାଇଁ ନୀତି ପ୍ରସ୍ତୁତି ତଥା ତୃଣମୂଳ ସଂଗଠକମାନଙ୍କୁ ଉତ୍ସାହିତ କରିଥାଏ। ଏହି ଦିବସ ପାଳନ ଅବସରରେ ନିମୋନିଆ ବିରୋଧରେ ସଚେତନା ସୃଷ୍ଟି କରାଯାଇଥାଏ।

## ଘର କିଣିଲେ ଅନନ୍ୟା

**ମୁମ୍ବାଇ:** ବଲିଉଡ୍ ବୁଲ୍‌ବୁଲି ଅଭିନେତ୍ରୀ ଅନନ୍ୟା ପାଣ୍ଡେ ବର୍ତ୍ତମାନ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ବେଶ୍ ଲାଇମଲାଇଟ୍‌ରେ ଅଛନ୍ତି। ଧନ୍‌ତେରସ ଅବସରରେ ଅନନ୍ୟା ନିଜ ପାଇଁ ଏକ ଘର କିଣି ଗୃହ ପ୍ରବେଶ କରିଛନ୍ତି। ସେ ପୂଜା କରୁଥିବା ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ତାଙ୍କ ଫଟୋରେ ଅନେକ ଅଭିନେତ୍ରୀ ଅଭିନେତା ଯଥା ଫରାହ ଖାନ, ଟାଇଗର ଶ୍ରଫ, ଶାନୟା କପୁର, ବରୁଣ ସୁଦ, ମଲିକା ଭଟ୍ଟ, ଭାବନା ପାଣ୍ଡେ, ଗୌହର ଖାନ୍ ନୂତନ ଘର ଏବଂ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ତେବେ ଅନନ୍ୟା କେଉଁଠାରେ ଘର କିଣିଛନ୍ତି, ସେ କେବେ ଏଠାକୁ ରହିବାକୁ ଆସିବେ, ସେନେଇ କୌଣସି ସୂଚନା ନାହିଁ। ଏଥିସହ ଘରର ମୂଲ୍ୟ ମଧ୍ୟ ପ୍ରକାଶ କରାଯାଇ ନାହିଁ। ତେବେ ଅନନ୍ୟା ୨୦୧୯ରେ ଷ୍ଟୁଡେଣ୍ଟ ଅଫ୍ ଦି ଇୟର ୨ ଜରିଆରେ ବଲିଉଡ୍ ଡେବ୍ୟୁ କରିଥିଲେ। ଏହା ପରେ ସେ ଆଉ କିଛି ଫିଲ୍ମ କରିଥିଲେ ମଧ୍ୟ ତାହା ଏତେ ଲୋକପ୍ରିୟ ହୋଇ ନ ଥିଲା। ଶେଷଥର ପାଇଁ ତାଙ୍କୁ ଫିଲ୍ମ 'ଡ୍ରିମ୍ ଗର୍ଲ ୨'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ପାଖରେ ୩ଟି ଚଳଚ୍ଚିତ୍ର ରହିଛି।



## ଏ ସପ୍ତାହର ପ୍ରଶ୍ନ

୧– ନ୍ୟାଶନାଲ୍ ୟୁନିଟି ଡେ'ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲଞ୍ଚ୍ ହୋଇଥିବା ପ୍ଲାଟ୍‌ଫର୍ମର ନାମ .......... ?

୨– ଅଶୋକ ଚକ୍ର ପାଇଥିବା ପ୍ରଥମ ଭାରତୀୟ ମହିଳା .............. ?

୩– 'ସେନ୍‌ଝୌ–୧୬' ମିଶନ୍ ..............ଦେଶ ଆରମ୍ଭ କରିଥିଲା ?

୪– ତାଜମହଲ ସମ୍ପୂର୍ଣ୍ଣ ନିର୍ମାଣ ହେବାକୁ .............. ବର୍ଷ ସମୟ ଲାଗିଥିଲା ?

୫– ଏଆଇ ସେଫ୍ଟି ସମିତି–୨୦୨୩ ............ ଦେଶ ପକ୍ଷରୁ ଆୟୋଜନ କରାଯାଇଛି ?

## ଗତ ସପ୍ତାହର ଉତ୍ତର

୧ ରିପବ୍ଲିକ୍ ଅଫ୍ କଙ୍ଗୋ

୨ ରବି କାନ୍ନନ୍

୩ ପୂର୍ବ ଜଳବାୟୁ

୪ କଙ୍ଗୋ ନଦୀ

୫ ବେସ୍‌ବଲ୍

## ଉତ୍ତରଦାତା


ସୁନୀଲ କୁମାର ବେହେରା, ବ୍ରହ୍ମପୁର


ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦
### ପୃଥିବୀର ବୃହତ୍ତମ ଡ୍ୟାମ



୧– ଥ୍ରୀ ଜର୍ଜେସ୍ ଡ୍ୟାମ୍ ...................... ଚାଇନା
୨– ଇଟାଇପୁ ଡ୍ୟାମ୍ ...................... ବ୍ରାଜିଲ୍
୩– ଜିଲୁଓଡୁ ଡ୍ୟାମ୍ ...................... ଚାଇନା
୪– ଗ୍ରାଣ୍ଡ କୋଉଲୀ ଡ୍ୟାମ୍ ...................... ଆମେରିକା
୫– ଜିନ୍‌ପିଙ୍ଗ୍–୧ ଡ୍ୟାମ ...................... ଚାଇନା
୬– ଗୌରୀ ଡ୍ୟାମ ...................... ଭେନେଜୁଏଲା
୭– ଟୁକୁରୁଇ ଡ୍ୟାମ୍ ...................... ବ୍ରାଜିଲ୍
୮– ତାରବେଲା ଡ୍ୟାମ ...................... ପାକିସ୍ତାନ
୯– ଆଟାତୁର୍କ ଡ୍ୟାମ୍ ...................... ତୁର୍କୀ
୧୦– ଓରୋଗିଲେ ଡ୍ୟାମ୍ ...................... ଆମେରିକା

### ଜାଣନ୍ତୁ ଦୁନିଆ
## ନିଆରା ଆକୃତିର ହୋଟେଲ

**କେଉଁଆଡ଼େ ବୁଲିବାକୁ ଗଲେ ସାଧାରଣତଃ ରହିବା, ଖାଇବାର ଭଲ ସୁବିଧା ଥିବା ବିଳାସପୂର୍ଣ୍ଣ ହୋଟେଲ ସମସ୍ତେ ପସନ୍ଦ କରନ୍ତି। ହେଲେ ପୃଥିବୀରେ ଏମିତି କିଛି ହୋଟେଲ ରହିଛି, ଯାହାରା ନିଆରା ଆକୃତି ବା ନିର୍ମାଣଶୈଳୀ ଲୋକଙ୍କୁ ଆକୃଷ୍ଟ କରିଥାଏ। ଜାଣିବା ସେଭଳି କେତେକ ହୋଟେଲ ସମ୍ପର୍କରେ...**

**ମଣିଷ ଆକୃତିର ହୋଟେଲ:** ଚାଇନାର ହେବେଇ ପ୍ରୋଭିନ୍ସରେ ରହିଛି ମଣିଷ ଆକୃତିର ଏକ ହୋଟେଲ, ଯାହାର ନାମ ଟିଆଞ୍ଜି ହୋଟେଲ। ଏଠାରେ ତିନିଜଣ ବୃଦ୍ଧଙ୍କ ଆକୃତି କରାଯାଇଛି ଏବଂ ଏହାର ନାମ ଫୁ, ଲୁ ଏବଂ ଶୁ ରଖାଯାଇଛି। ଯାହାର ଅର୍ଥ ଭାଗ୍ୟ,



ସମୃଦ୍ଧି, ଦୀର୍ଘଜୀବନ। ତେବେ ଏହା ପୃଥିବୀର ବୃହତ୍ତମ ଇମେଜ୍ ବିଲ୍ଡିଂ ଭାବେ ଗିନିଜ୍ ରେକର୍ଡରେ ମଧ୍ୟ ସ୍ଥାନ ପାଇଛି।

**ଶିପ୍ ହୋଟେଲ୍ ବା ପାଣିଜାହାଜ ଆକୃତିର ହୋଟେଲ:** ସାଉଥ୍ କୋରିଆରେ ରହିଛି ସନ୍ କ୍ରୁଇଜ୍ ନାମକ ଏକ ରିସର୍ଟ। ହୋଟେଲଟି ପାଣିଜାହାଜ ଆକୃତିରେ ତିଆରି ହୋଇଛି, ଯାହା ସେଠାରେ ଥିବା ପାହାଡ଼ ଉପରେ ଅବସ୍ଥିତ। ସୂର୍ଯ୍ୟକିରଣ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଏହି ସ୍ଥାନଟି ବେଶ୍ ପ୍ରସିଦ୍ଧ। ତେଣୁ ସୂର୍ଯ୍ୟଙ୍କ ପ୍ରଥମ କିରଣ



ହୋଟେଲ ଉପରେ ପଡୁଥିବାରୁ ଏହାର ସୌନ୍ଦର୍ଯ୍ୟ ଖୁବ୍ ନିଆରା। ହୋଟେଲଟିରେ ୨୧୧ଟି ରୁମ୍, କ୍ଲବ୍, ୱାଟର ପୁଲ୍ ଆଦି ରହିଛି।

**ଏରୋପ୍ଲେନ୍ ହୋଟେଲ:** ପ୍ରଶାନ୍ତ ମହାସାଗର ନିକଟବର୍ତ୍ତୀ କୋଷ୍ଟାଲ୍ ରେନ୍ ଫରେଷ୍ଟରେ ରହିଛି କୋଷ୍ଟା ଭର୍ଡେ ହୋଟେଲ। ଏହା ଦେଖିବାକୁ ଉଡ଼ାଜାହାଜ ବା ଏରୋପ୍ଲେନ୍‌ପରି। ୧୯୬୫ ମସିହାରେ ତିଆରି ହୋଇଥିବା 'ବୋଇଂ–୭୨୭' ଉଡ଼ାଜାହାଜ ଆକୃତି ଅନୁଯାୟୀ ଏହା ତିଆରି ହୋଇଛି। ଏହା ମଧ୍ୟରେ ଥାଇ ଜଣେ 'କାନୋପି' ଜଙ୍ଗଲର ମନୋରମ ଦୃଶ୍ୟକୁ ଉପଭୋଗ କରିପାରିବ।



# ବାଣ ଓ ଚନ୍ଦ୍ରଯାନ

**ଆଲୋକର ପର୍ବ ଦୀପାବଳି କାହିଁ କେଉଁ ବର୍ଷରୁ ପାଳନ କରାଯାଇ ଆସୁଅଛି । ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ସଭିଙ୍କ ମନରେ ଏହାକୁ ନେଇ ଉତ୍ସାହ ଭରି ରହିଥାଏ। ଘରେ ଘରେ ଆଲୋକ ସଜାଠୁ ଆରମ୍ଭ କରି ପୂଜା ଏବଂ ବାଣ ଫୁଟାର ଆସର ଜମେ। ହେଲେ ଖୁସି ଆଳରେ ଫୁଟାଯାଉଥିବା ଏହି ବାଣ ନା କେବଳ ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଓ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବାର ବଡ କାରଣ ସାଜୁଛି ବରଂ ଗୋଟିଏ ବର୍ଷରେ ଫୁଟାଯାଉଥିବା ବାଣର ଖର୍ଚ୍ଚ ଚନ୍ଦ୍ରଯାନ ଖର୍ଚ୍ଚଠାରୁ ବି ଅଧିକ...**





ଦୀପାବଳିରେ ଦୀପ ଜାଳି ଅନ୍ଧକାର ବିପକ୍ଷରେ ଆଲୋକର ବିଜୟ ଦିବସ ପାଳନ କରାଯାଏ। କିନ୍ତୁ ଅଧିକାଂଶ ବିଶେଷକରି ଆଜିର ଯୁବପିଢ଼ି ଦୀପ ଜାଳିବା ବଦଳରେ ବାଣ ଫୁଟେଇବାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। କାରଣ, ବାଣର ଶବ୍ଦ ଓ ଆଲୋକ ସେମାନଙ୍କୁ ଆନନ୍ଦ ଦିଏ । କିନ୍ତୁ ଦୁଃଖର କଥା, ବାରୁଦ ତିଆରିଠାରୁ ବାଣ ଫୁଟିଲା ପର୍ଯ୍ୟନ୍ତ ଜୀବନ ପ୍ରତି ବିପଦ ରହିଥାଏ ଏବଂ ଫୁଟିଲା ପରେ ପରିବେଶ ଖରାପ ହୁଏ । ବାରୁଦରୁ ବାହାରୁଥିବା ରାସାୟନିକ ଧୂଆଁ ବାୟୁମଣ୍ଡଳରେ ବିଷ ଭରିଦିଏ । ବାରୁଦ ଆଖିରେ ପଡ଼ିଲେ କିମ୍ବା ପେଟ ଭିତରକୁ ଗଲେ ରୋଗ ସୃଷ୍ଟି କରେ । ଅଧିକାଂଶ ରାସାୟନିକ ବାଣର ଧ୍ୱନିସ୍ତର ୧୪୦ ଡେସିବେଲରୁ ଅଧିକ । ତେଣୁ ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଓ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା କ୍ଷେତ୍ରରେ ରାସାୟନିକ ବାଣର ଅନେକ ଭୂମିକା ରହିଛି । ଅତଏବ, ବାଣ ବାବଦରେ ଆମେ ଖର୍ଚ୍ଚ କରୁଥିବା ଟଙ୍କା ଆମ ପାଇଁ ସମସ୍ୟା ସୃଷ୍ଟି କରେ।

ପ୍ରତିବର୍ଷ ଭାରତରେ ବାଣ ଫୁଟେଇବାରେ ପାଖାପାଖି ୧୦,୦୦୦ କୋଟି ଟଙ୍କା ଖର୍ଚ୍ଚ ହୁଏ । ଗୋଟିଏ ଭାରତୀୟ ପରିବାର ବାଣ ବାବଦରେ ହାରାହାରି ୫୦୦୦ ରୁ ୧୦୦୦୦ ଟଙ୍କା ଖର୍ଚ୍ଚ କରିଥାଏ । କୋଟି କୋଟି ଟଙ୍କାର ବାଣ ଫୁଟିବା କଥା କହିଲେ, ଆମର ଚନ୍ଦ୍ରୟାନ କଥା ମନେପଡ଼େ । ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ' ସହାୟତାରେ ଭାରତ ୩ ଥର ଚନ୍ଦ୍ରକୁ ମହାକାଶଯାନ ପଠେଇ ସାରିଛି। ଆମର ବୈଜ୍ଞାନିକମାନେ ପ୍ରଥମ ଅଭିଯାନରୁ ସଫଳତାର ସ୍ୱାଦ ଚାଖିଥିଲେ ଓ ଦେଶର ଗୌରବ ବଢେଇଥିଲେ। ଏବେ ତୃତୀୟ ଅଭିଯାନର ସଫଳତା ଭାରତକୁ ଶ୍ରେଷ୍ଠ ଆସନରେ ବସେଇଛି । କିନ୍ତୁ, ଦିନେ ଭାରତକୁ ଗରିବ ବୋଲି କହି ଚନ୍ଦ୍ରଯାତ୍ରାକୁ ବିଭିନ୍ନ ମହଲରେ ଅଗ୍ରାହ୍ୟ କରାଯାଉଥିଲା। ହେଲେ ସେଇ ଦେଶରେ ଗୋଟିଏ ରାତିରେ ବାଣ ପୋଡିବାର ବଜେଟ ଚନ୍ଦ୍ରଯାନ ପଠେଇବା ଖର୍ଚ୍ଚଠାରୁ ବି ଅଧିକ।

୨୦୦୮ ମସିହାରେ ପ୍ରଥମ ଚନ୍ଦ୍ରଯାନ ସକାଶେ ଖର୍ଚ୍ଚ ହୋଇଥିଲା ୩୮୬ କୋଟି ଟଙ୍କା। ଏହା ଥିଲା ମୁଣ୍ଡପିଛା ୩ ଟଙ୍କା ୨୦ ପଇସା । ୨୦୧୯ ମସିହାରେ ଦ୍ୱିତୀୟ ଚନ୍ଦ୍ରୟାନ ପାଇଁ ଖର୍ଚ୍ଚ ଥିଲା ୯୭୮ କୋଟି ଟଙ୍କା, ଯାହାକି ମୁଣ୍ଡପିଛା ୭ ଟଙ୍କା ୧୦ ପଇସା । ୨୦୨୩ ମସିହାରେ ତୃତୀୟ ଚନ୍ଦ୍ରୟାନ ପାଇଁ ଖର୍ଚ୍ଚ ଥିଲା ୬୧୫ କୋଟି ଟଙ୍କା, ଯାହାକି ମୁଣ୍ଡପିଛା ୪ ଟଙ୍କା ୩୦ ପଇସା। ଏତେ କମ୍ ଟଙ୍କାରେ ବି ଭାରତର ଚନ୍ଦ୍ରଯାତ୍ରା ମହାକାଶ ଗବେଷଣାରେ ବିପ୍ଳବ ସୃଷ୍ଟି କରିପାରିଛି। ଆଜି ଦେଶର ଅର୍ଥନୈତିକ ବିକାଶରେ ମହାକାଶ ଗବେଷଣା ସହାୟତା କରୁଛି। ଆମେ ମହାକାଶ ବିଜ୍ଞାନୀଙ୍କ ଉପରେ ବିଶ୍ୱାସ ନ କରିବା ପାଇଁ କେଇଟା ମାତ୍ର କାରଣ ଥାଇପାରେ, କିନ୍ତୁ ସେମାନଙ୍କର ଦକ୍ଷତା ଉପରେ ପୂରା ଭରସା କରିବା ପାଇଁ ଯଥେଷ୍ଟ କାରଣ ରହିଛି। ଯଦି ଆମେମାନେ ବାଣ ନ ଫୁଟେଇ ପରିବେଶକୁ ଦୂଷିତ ନକରି ସେଇ ଟଙ୍କାରେ ବର୍ଷକୁ ୨ ଥର ମହାକାଶଯାନ ପଠେଇବା କାମରେ ସହାୟତା କରନ୍ତେ, ତେବେ ଆମ ଦେଶ ମହାକାଶ ଗବେଷଣାରେ ସାରା ପୃଥିବୀରେ ଅଧିକରୁ ଅଧିକ ଗୌରବ ଅର୍ଜନ କରିପାରନ୍ତା। ଏବେ ସମସ୍ତେ ଭାବନ୍ତୁ, ହାବେଳି ବାଣରେ ନିଆଁ ଲଗେଇ ପରିବେଶକୁ ନଷ୍ଟ କରିବେ ନା ଚନ୍ଦ୍ରକୁ ମହାକାଶଯାନ ପଠେଇବା ପାଇଁ ଅଗ୍ନି ସଂଯୋଗ କରିବେ ।

**– ଡ. କମଳାକାନ୍ତ ଜେନା,**
ଓ.ଇ.ଏସ୍–୧, ବିଜ୍ଞାନ ଏକାଡେମୀ ସଦସ୍ୟ, ଭଦ୍ରକ ସ୍ୱୟଂଶାସିତ ସରକାରୀ ମହାବିଦ୍ୟାଳୟ,
ମୋ–୯୪୩୯୫୦୧୬୫୧





### ଯୁଥ୍ କ୍ଳବ
# ବାଣ ନୁହଁ, ହସ ଫୁଟାଇବା


ଶ୍ରୀମନ୍ଦିର ସେବାଶ୍ରମରେ ଅନ୍ତେବାସୀ।

ଆଜି ହେଉଛି ଆଲୋକର ପର୍ବ ଦୀପାବଳି । ସଭିଙ୍କ ମନରେ ଭରି ରହିଛି ଆନନ୍ଦ। କିଏ ଦୀପ ଓ ଭଳିକି ଭଳି ରଙ୍ଗିନ୍ ଆଲୋକରେ ଘର ସଜାଉଛନ୍ତି ତ ଆଉ କିଏ ବାଣ ଫୁଟାଇବାକୁ ନେଇ ବେଶ୍ ଉତ୍କଣ୍ଠିତ। ତେବେ ଏମିତି ବି କିଛି ଯୁବତୀଯୁବକ ଅଛନ୍ତି, ଯେଉଁମାନେ ଏସବୁ ପରିବର୍ତ୍ତେ ଏକାଠି ହୋଇ ନିରାପଦ ଦୀପାବଳି ଲାଗି ଜନସଚେତନତା ସୃଷ୍ଟି କରିବା ହେଉ ଅବା ଏହି ଖୁସି ମୁହୂର୍ତ୍ତରୁ ବଞ୍ଚିତ ହେଉଥିବା ଲୋକଙ୍କ ମୁହଁରେ ହସ ଫୁଟାଇବାରେ ସାଉଁଟୁଛନ୍ତି ଆନନ୍ଦ। ସେମାନେ ହେଉଛନ୍ତି ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଜୟ ଜଗନ୍ନାଥ ଗ୍ରୁପ୍, ଓଡ଼ିଶାର ସଦସ୍ୟାସଦସ୍ୟମାନେ। ବ୍ରହ୍ମପୁରରୁ ଆରମ୍ଭ ହୋଇ ଦୀର୍ଘ ୯ବର୍ଷ ଧରି ରାଜ୍ୟର ୧୩ଟି ଜିଲାରେ ସେବା ଯୋଗାଇ ଦେଇ ଆସୁଛି ଏହି ସଂଗଠନ, ଯେଉଁଥିରେ ବର୍ତ୍ତମାନ ସଦସ୍ୟ ସଂଖ୍ୟା ୭ଶହରୁ ଉର୍ଦ୍ଧ୍ୱ। ଓଡ଼ିଆଙ୍କ ପରମ୍ପରା ଓ ପର୍ବପର୍ବାଣିମାନଙ୍କରେ ଲୋକଙ୍କୁ ସଚେତନ କରାଇବା ସହ ଅନେକ ଅସହାୟ ପରିବାରଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେଇ କୁନି କୁନି ଶିଶୁ ବୃଦ୍ଧ ବୃଦ୍ଧାମାନଙ୍କ ମୁହଁରେ ହସ ଫୁଟାଇ ଥାଆନ୍ତି ସଦସ୍ୟମାନେ। କଟକ ଜିଲା ଫୁଲନଖରାସ୍ଥିତ ବ୍ରାହ୍ମଣଝରିଲୋରେ ରହିଛି ସଂଗଠନର ଶ୍ରୀମନ୍ଦିର ସେବାଶ୍ରମ ନାମରେ ଏକ ବୃଦ୍ଧାଶ୍ରମ। ରାସ୍ତାକଡ଼ରୁ ଅତି ଦୟନୀୟ ଅବସ୍ଥାରୁ ବୃଦ୍ଧାବୃଦ୍ଧମାନଙ୍କୁ ଉଦ୍ଧାର କରି ଆଶ୍ରମରେ ରହିବାର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ବି ଆଲୋକର ପର୍ବ ଦୀପାବଳିକୁ ଖୁବ୍ ହସଖୁସିରେ ଆଶ୍ରମର ବୃଦ୍ଧ ମାଆବାପାମାନଙ୍କ ସହ ପାଳନ କରିବେ ସଂଗଠନର ସଦସ୍ୟାସଦସ୍ୟମାନେ। ସେମାନଙ୍କ ପାଇଁ ନୂତନ ବସ୍ତ୍ର, ପିଠାପଣା ସହ ପୂଜା କରିବାର ସମସ୍ତ ବ୍ୟବସ୍ଥା ମଧ୍ୟ ଆୟୋଜନ କରାଯାଇଛି। ସେଠାରେ ସଭିଏଁ ଏକାଠି ଦେଶ ଓ ରାଜ୍ୟର ମଙ୍ଗଳ ପାଇଁ ଦୀପ ଲଗାଇ ଭଗବାନଙ୍କୁ ପ୍ରାର୍ଥନା କରିବେ। ଏହାବ୍ୟତୀତ ବସ୍ତିଅଞ୍ଚଳରେ ରହୁଥିବା ଅଭାବୀ କୁନି କୁନି ପିଲାମାନଙ୍କୁ ଦୀପାବଳିରେ ଖୁସି ଦେବା ପାଇଁ ନୂତନ ବସ୍ତ୍ର, ଶୀତବସ୍ତ୍ର, ଚପଲ ଓ ସ୍କୁଲ୍ ବ୍ୟାଗ୍, ବହି ଖାତା ଓ ମିଠା ଏହିପରି ଅନେକ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ ଯୋଜନା ରଖିଛନ୍ତି।


ଜୟଜଗନ୍ନାଥ ସଂଗଠନର ସଭ୍ୟାସଭ୍ୟା।

**କାଠ ଜବତ, ଜଣେ ଗିରଫ**

ଛେଣ୍ଡିପଦା,(ଅଜିତ ଧଳ): ଛେଣ୍ଡିପଦା ଥାନା ପୋଲିସ ଶୁକ୍ରବାର କୋଶଳା ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଚଢାଉ କରି ବିପୁଳ ଶାଳକାଠ ବୋଝେଇ ଏକ ପିକଅପ ଭ୍ୟାନ ଜବତ କରିଛି। ଏହି ଘଟଣାରେ ଗାଡ଼ି ଚାଳକ ଛେଣ୍ଡିପଦା ଗ୍ରାମର ସଞ୍ଜିତ କୁମାର ବେହେରାଙ୍କୁ ଗିରଫ କରାଯାଇଛି। ଏ ନେଇ ପୋଲିସ ନଂ ୪୮୫/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଜବତ ଶାଳ କାଠର ଆନୁମାନିକ ମୂଲ୍ୟ ୫୦ ହଜାରରୁ ଅଧିକ ଟଙ୍କା ହେବ ବୋଲି ଜଣାପଡିଛି। ଜବତ ପିକଅପ ଭ୍ୟାନ ଓ ଶାଳକାଠକୁ ଛେଣ୍ଡିପଦା ବନବିଭାଗକୁ ହସ୍ତାନ୍ତର କରାଯିବ ବୋଲି ଛେଣ୍ଡିପଦା ଥାନା ଅଧିକାରୀ ବିଭୁଦତ୍ତ ରାଉତରାଏ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ୨ ଅଧିକାରୀଙ୍କୁ ଶୁଭେଚ୍ଛା

କାମାକ୍ଷାନଗର,୧୧।୧୧ (ଅମଜାଦ ଖାନ)

କଙ୍କଡ଼ାହାଡ଼ ତହସିଲରେ ନୂତନ ଭାବେ ଯୋଗଦେଇଥିବା ତହସିଲଦାର ସୌଦାମିନୀ ନାୟକ ଓ ଅତିରିକ୍ତ ତହସିଲଦାର ପ୍ରଶାନ୍ତ ସିଂଙ୍କୁ କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି। ଏହି ଅବସରରେ ଜଙ୍ଗଲ ଜମିପଟ୍ଟା, ସାଧାରଣରେ ବିକାକିଣାରେ ହେଉଥିବା ସମାସ୍ୟା ଆଦି ଉପରେ ଆଲୋଚନା କରାଯାଇଥିଲା। ନୂତନ ଆବାସ କୋଠା ଗୃହ ନିର୍ମାଣରେ ବ୍ୟବହୃତ ବାଲି, ପଥର, ଇଟା ଓ ଲଘୁ ଖଣିଜ ଦ୍ରବ୍ୟ ମାଫିଆଙ୍କ ଯୋଗୁ ସାଧାରଣରେ ହିତାଧିକାରୀ ଅଧିକ ମୂଲ୍ୟରେ କିଣିବା ଉପରେ ନଜର ରଖିବାକୁ ସଂଘ ତରଫରୁ ଆଲୋଚନା କରାଯାଇଥିଲା। ସଭାପତି କୃଷ୍ଣଚନ୍ଦ୍ର ସାହୁ, ସମ୍ପାଦକ ପୃଥୀରାଜ ସାହୁ, ବିମଳ ବିଶ୍ୱାଳ, ବିଭୂତି ଭୂଷଣ ଦେହୁରୀ, ପାଣ୍ଡବ ଦାସ, ଅକ୍ରୁର ସିଂ, ପ୍ରସନ ପରିଡା, ସତ୍ୟବ୍ରତ ଦାସ, ସନାତନ ପରିଡା ଉପସ୍ଥିତ ଥିଲେ।

# ୫୧୦ ଚକ୍ଷୁରୋଗୀଙ୍କ ଚିକିତ୍ସା



ବନାୟନ ପ୍ରକଳ୍ପ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିରରେ ରୋଗୀମାନଙ୍କ ଚିକିତ୍ସା କରାଯାଉଛି।

ଢେଙ୍କାନାଳ,୧୧।୧୧(ରତନ ନାୟାର)

ଢେଙ୍କାନାଳ ବନାୟନ ପ୍ରକଳ୍ପ ସହାୟତାରେ ଏବଂ କଳିଙ୍ଗ ଚକ୍ଷୁ ଚିକିତ୍ସାଳୟର ମିଳିତ ସହଯୋଗରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାର ସଦର ରେଞ୍ଜ, ଷଡଙ୍ଗୀ, କପିଳାସ, ହିନ୍ଦୋଳ, କାମାକ୍ଷାନଗର ପୂର୍ବ ଓ କାମାକ୍ଷାନଗର ପଶ୍ଚିମ ବନାଞ୍ଚଳ ଅଧୀନରେ ଥିବା ବନ ସୁରକ୍ଷା ସମିତି ଅଞ୍ଚଳରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ଚକ୍ଷୁ ଚିକିତ୍ସା ସହ ଦୃଷ୍ଟିଶକ୍ତି ଫେରାଇ ଆଣିବା ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହି ଶିବିରଗୁଡିକରେ ୫୧୦ ଚକ୍ଷୁ ରୋଗୀଙ୍କ ଚିକିତ୍ସା କରାଯିବା ସହିତ ୨୦୦ ଜଣଙ୍କୁ ଚଷମା ବଣ୍ଟନ କରାଯାଇଥିଲା। ୯୧ ଜଣଙ୍କୁ ମୋତିଆ ବିନ୍ଦୁ ଚିହ୍ନଟ କରାଯାଇ ପ୍ରଥମ ପର୍ଯ୍ୟାୟରେ ୩୧ଜଣଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଥିଲା। ଅନ୍ୟ ରୋଗୀମାନଙ୍କ ଆବଶ୍ୟକତାକୁ ଭିତ୍ତିକରି କଳିଙ୍ଗ ଓ ବିଭିନ୍ନ ଚକ୍ଷୁ ଚିକିତ୍ସାଳୟକୁ ରେଫର କରାଯାଇଥିଲା। ଏହି କାର୍ଯ୍ୟକ୍ରମଗୁଡିକୁ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କରଙ୍କ ତତ୍ତ୍ୱାବଧାନରେ ବନାଞ୍ଚଳ ଅଧିକାରୀ, ବନାଞ୍ଚଳ ସଂଯୋଜକ, ସହଯୋଗୀ ସ୍ୱେଚ୍ଛାସେବୀ ସଙ୍ଗଠନ ନିସାଦ୍ରୀର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। ଆଗାମୀ ଦିନରେ ୧୫୦ଟି ବନ ସୁରକ୍ଷା ସମିତିରେ ଚକ୍ଷୁ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ବନାୟନ ପ୍ରକଳ୍ପ ପକ୍ଷରୁ ସୂଚନା ଦିଆଯାଇଛି।

## ଦନ୍ତାହାତୀ ଆକ୍ରମଣରେ ଯୁବକ ମୃତ

ଖମାର,୧୧।୧୧(ରଜନୀକାନ୍ତ ମହାରଣା)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ଅନ୍ତର୍ଗତ ଶଙ୍ଖପୁର ଗ୍ରାମର ପପୁନ ସେଠି(୨୮) ଶନିବାର ଦନ୍ତାହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ଘଟଣାରୁ ଜଣାପଡ଼ିଛି, ସକାଳେ ଗାଁ ଭିତରକୁ ହାତୀପଲ ପଶି ଆସିଥିଲେ। ଖବରପାଇ ଗ୍ରାମବାସୀଙ୍କ ସହ ହାତୀ ଘଉଡାଇବାକୁ ପପୁନ ଯାଇଥିଲେ। ହାତୀ ଘଉଡାଇବା ସମୟରେ ଏକ ଦନ୍ତାହାତୀ ପପୁନଙ୍କୁ ଦଳି ଦେଇଥିଲା। ଘଟଣାସ୍ଥଳରେ ପପୁନଙ୍କ ମୃତ୍ୟୁ ହୋଇଥିଲା। ଖମାର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି। ଖମାର ବନବିଭାଗ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।



## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ତାଳଚେର, ୧୧।୧୧(ମନୋଜ ନନ୍ଦ)



ତାଳଚେରସ୍ଥିତ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ବେସରକାରୀ ସଂସ୍ଥା ମାଧ୍ୟମରେ ନିଯୁକ୍ତି ପ୍ରକ୍ରିୟା ତୁରନ୍ତ ପ୍ରତ୍ୟାହାର ଦାବିରେ ତାଳଚେରର ସାମାଜିକ କର୍ମୀ ରଞ୍ଜିତ କୁମାର ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳ ମନୋଜ କୁମାର ତ୍ରିପାଠୀଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ରଞ୍ଜିତ ଉଲ୍ଲେଖ କରିଛନ୍ତି, ଗତ ୪ ତାରିଖରେ ଏକ ବେସରକାରୀ ସଂସ୍ଥା ପକ୍ଷରୁ ନିଯୁକ୍ତି ସୂଚନା ପ୍ରକାଶ ପାଇଥିଲା। ପାଖାପାଖି ୬୦୦ରୁ ଊର୍ଦ୍ଧ୍ୱ ପଦବୀ ପାଇଁ ବିଜ୍ଞାପନ ପ୍ରକାଶିତ ହୋଇଥିଲା। ବିଜ୍ଞାପନ ବାହାରିବା ପରଦିନ ଅର୍ଥାତ୍ ୫ ନଭେମ୍ବରରୁ ୧୦ ନଭେମ୍ବର ମଧ୍ୟରେ ସାକ୍ଷାତକାର ପାଇଁ ପ୍ରାର୍ଥୀମାନଙ୍କୁ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ଡକାଯାଇଥିଲା। ହେଲେ ବିଜ୍ଞାପନରେ ପ୍ରାର୍ଥୀଙ୍କ ବୟସସୀମା, ଅଭିଜ୍ଞତା, ସଂରକ୍ଷଣ (ଦଳିତ, ଆଦିବାସୀ, ପଛୁଆବର୍ଗ ଓ ସାଧାରଣ ବର୍ଗ) କିମ୍ବା ଦରମା ବିଷୟରେ କୌଣସି ସୂଚନା ଦିଆଯାଇ ନ ଥିଲା। ଆବେଦନର କୌଣସି ସମୟ ଧାର୍ଯ୍ୟ କରାଯାଇ ନ ଥିଲା। ଅର୍ଥାତ୍ ଆବେଦନ ଶେଷ ତାରିଖ ପୂର୍ବରୁ ସଂପୃକ୍ତ ବେସରକାରୀ ସଂସ୍ଥା ମନଇଚ୍ଛା ସାକ୍ଷାତକାର କରୁଅଛି। ତେଣୁ ଏପରି ତ୍ରୁଟିପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟା ବାତିଲ କରି ନୂତନ ବିଜ୍ଞାପନ ଜରିଆରେ ସରକାର ସିଧାସଳଖ ଭାବେ ସ୍ୱଚ୍ଛ ପ୍ରକ୍ରିୟା ଜରିଆରେ ନିଯୁକ୍ତି ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ଏଡ୍‌ସ ଦିବସ ପାଳନ ପାଇଁ ପ୍ରସ୍ତୁତି

ଅନୁଗୋଳ,୧୧।୧୧ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ଏଡ୍‌ସ ପ୍ରତିରୋଧ ଓ ନିୟନ୍ତ୍ରଣ କମିଟି ବୈଠକ ଶୁକ୍ରବାର ଜିଲାପାଳଙ୍କ କୋର୍ଟରୁମଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନ୍ତର୍ଜାତୀୟ ଏଡ୍‌ସ ଦିବସ ପାଳନ ଉପଲକ୍ଷେ ଆସନ୍ତା ଡିସେମ୍ବର ୧ ରୁ ୧୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନକୁ ନେଇ ଆଲୋଚନା କରାଯାଇଥିଲା। ବିଶ୍ୱ ଏଡ୍‌ସ ଦିବସ ପାଳନକୁ ସଫଳ କରିବା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ନାଲ୍‌କୋ ଏବଂ ଜେଏସପିଏଲ୍‌କୁ ସହଯୋଗ କରିବା ପାଇଁ କହିଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଏମ୍‌ସିଏଲ୍ ଓ ନାଲ୍‌କୋ ଦ୍ୱାରା ଅନୁଗୋଳ ଜିଲାର ହାଟଗୁଡ଼ିକରେ ଏଡ୍‌ସ ସଚେତନତା ଶିବିର ଆୟୋଜନ ଏବଂ ଏଡ୍‌ସ ଆକ୍ରାନ୍ତ ଗର୍ଭବତୀ ମହିଳାମାନଙ୍କ ସୁରକ୍ଷିତ ପ୍ରସବ, ଏହା ପରବର୍ତ୍ତୀ ଚିକିତ୍ସା ପ୍ରଦାନ ଆଦି ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଏଡ୍‌ସ ନିୟନ୍ତ୍ରଣ ଅଧିକାରୀ ଡା. ବିଶ୍ୱ ବିହାରୀ ମହାନ୍ତି, ଡି.ପି. ଏମ. (ଏନ୍‌ଏଚ୍‌ଏମ୍) ଦୀପକ କୁମାର ମହାନ୍ତି ଏବଂ ନାଲ୍‌କୋ ଓ ଜେ.ଏସ୍.ପି.ଏଲ୍‌ର ଅଧିକାରୀମାନେ ଯୋଗ ଦେଇଥିଲେ।




ବୈଠକରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସମେତ ଅନ୍ୟମାନେ।

## ପୋଡ଼ିହୋଇ ଯାଇଥିବା ବୃଦ୍ଧାଙ୍କ ମୃତ୍ୟୁ

ଅନୁଗୋଳ,୧୧।୧୧ (ଅମିତ କୁମାର ସାମଲ)

ରାତିରେ ଘରେ ଶୋଇଥିବା ବେଳେ ନିଆଁ ଲାଗି ଗୁରୁତର ହୋଇଥିବା ଅନୁଗୋଳ ଜିଲା ଖମାର ଥାନା ଖମାର ଗ୍ରାମର ତୁଳେଇ ବେହେରା (୮୨)ଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଅପରାହ୍ଣରେ ମୃତ୍ୟୁ ହୋଇଛି। ଗୁରୁବାର ରାତିରେ ପୋଡ଼ିଯାଇଥିବା ତୁଳେଇଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ସେଠାରେ ଚିକିତ୍ସା ଚାଲିଥିବା ବେଳେ ତୁଳେଇଙ୍କ ମୃତ୍ୟୁ ଘଟିଥିଲା। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯିବ।

# ଏନ୍‌ଟିପିସିର ପ୍ରତିଷ୍ଠା ଦିବସ



କଣିହାଁ,୧୧।୧୧ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ଏନ୍‌ଟିପିସିର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କମ୍ପାନୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏନ୍ ଶ୍ରୀନିବାସ ରାଓ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଜିଏମ (ଓଆଣ୍ଡଏମ) ଅଶୋକ କୁମାର ସେହଗଲ, ଜିଏମ(ଏଡିଏମ) ସତ୍ୟରାମ କ୍ରିଷ୍ଣା, ଜିଏମ (ପ୍ରୋଜେକ୍ଟ) ଜିତେନ୍ଦ୍ର ପ୍ରସାଦ ରାୟ, ଜିଏମ (ରକ୍ଷଣାବେକ୍ଷଣ) ଏ.ଜେ ରାଜ କୁମାର, ଏଜିଏମ୍ (ଏଚ୍‌ଆର) ବ୍ରିଜ କିଶୋର ପାଣ୍ଡେ, ଡିସି (ସିଆଇଏସଏଫ) ବ୍ରିଜ ମୋହନ ସିଂଙ୍କ ସମେତ ବିଭାଗର ମୁଖ୍ୟ, ୟୁନିଅନ ଏବଂ ଆସୋସିଏଶନର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରାଓ କମ୍ପାନୀକୁ ସଫଳତାର ଶୀର୍ଷରେ ପହଞ୍ଚାଇଥିବା କର୍ମଚାରୀଙ୍କ ଉଲ୍ଲେଖନୀୟ ଅବଦାନ, କମ୍ପାନୀର ଉତ୍ପାଦନ ଓ ଅଭିବୃଦ୍ଧି ଏବଂ କୋଇଲା ଉତ୍ପାଦନ କ୍ଷେତ୍ରରେ କମ୍ପାନୀର ଉଲ୍ଲେଖନୀୟ ଭୂମିକା ବିଷୟରେ ମତ ପ୍ରକାଶ କରିଥିଲେ। ସକାଳେ ଏନ୍ ଶ୍ରୀନିବାସ ରାଓଙ୍କ ନେତୃତ୍ୱରେ ଏକ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଗଣଦୌଡ ଡିଏଭି ସ୍କୁଲରୁ ଆରମ୍ଭ ହୋଇ ଟାଉନଶିପ୍ ଅନ୍ତର୍ଗତ ଆର୍‌ସିରେ ଶେଷ ହୋଇଥିଲା। ଏଥିରେ ଛାତ୍ରୀଛାତ୍ର, କମ୍ପାନୀର କର୍ମଚାରୀ ଏବଂ ସିଆଇଏସ୍‌ଏଫ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

## ସଭାପତି ରଜନୀକାନ୍ତ, ସାଧାରଣ ସମ୍ପାଦକ ରତ୍ନାକର

ବଣ୍ଟାଁରପାଳ,୧୧।୧୧(ଉପେନ୍ଦ୍ର ରାଉତ)

ନାଲ୍‌କୋ ନନ୍ ଏକ୍‌ଜିକ୍ୟୁଟିଭ ଏମ୍ପ୍ଲୋଇଜ୍ ୟୁନିୟନର ଏକ ସାଧାରଣ ସଭା ଏବଂ ଶପଥ ଗ୍ରହଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ନିର୍ବାଚନ କମିଟି ସଦସ୍ୟ ତ୍ରିନାଥ ସାମଲ ବନ୍ଦ ଲଫାପା ଭିତରେ ଥିବା କର୍ମକର୍ତ୍ତାଙ୍କ ନାମକୁ ସଂଗଠନର ଆଇନ ପରାମର୍ଶଦାତା ମହେନ୍ଦ୍ର ବସ୍ତିଆଙ୍କୁ ଦେଇଥିଲେ। ବସ୍ତିଆ କର୍ମକର୍ତ୍ତାଙ୍କ ନାମକୁ ଘୋଷଣା କରିଥିଲେ। ସଂଗଠନର ସଭାପତି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ସାଧାରଣ ସମ୍ପାଦକ ଭାବେ ରତ୍ନାକର ପରିଡ଼ା, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ବେହେରା, ଚନ୍ଦ୍ରମଣି ବିଶ୍ୱାଳ, ସହ ସାଧାରଣ ସମ୍ପାଦକ ସୁରେଶ କୁମାର ବେହେରା ଓ ପ୍ରଶାନ୍ତ ପ୍ରଧାନ ପ୍ରମୁଖ ମନୋନୀତ ହୋଇଥିଲେ। ଶେଷରେ ବିରଞ୍ଚି ନାରାୟଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।




# ଜିଲା କୋର୍ଟ ପରିସରରେ ଚିତ୍ରାଙ୍କନ ପ୍ରତିଯୋଗିତା




କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଉଛି।

ଢେଙ୍କାନାଳ,୧୧।୧୧ (ରତନ ନାୟାର)

ଢେଙ୍କାନାଳ ଜିଲା ସିଭିଲ କୋର୍ଟ ପରିସରରେ ଶନିବାର ଗ୍ଲୋବାଲ ୱାର୍ମିଂ ଶୀର୍ଷକକୁ ନେଇ ସ୍କୁଲ ପିଲାଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଜିଲାର ପ୍ରତ୍ୟେକ ବ୍ଲକରୁ ମୋଟ ୧୦୧ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପ୍ରତିଯୋଗିତାରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ସତିଶ ରାଉତ ପ୍ରଥମ ଓ ଶ୍ୟାମାଜିତ ମଲ୍ଲିକ ଦ୍ୱିତୀୟ ଏବଂ ଓଡିଆ ଆଦର୍ଶ ବିଦ୍ୟାଳୟ କାମାକ୍ଷାନଗରର ଛାତ୍ର ଅମିତ ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଜିଲା ଦୌରାଜଜ୍ ଜଗଦିଶ ପ୍ରସାଦ ମହାନ୍ତି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଭିଜିଲାନ୍ସ ଜଜ୍ ବିକ୍ରମ ପଟ୍ଟନାୟକ, ଅତିରିକ୍ତ ଜିଲା ଜଜ୍(ପୋକସୋ) ଆକାଂକ୍ଷିତ ମିଶ୍ର, ସବ୍‌ଜଜ ସତରୁପା ଶତପଥୀ, ସିଭିଲକୋର୍ଟ ରେଜିଷ୍ଟ୍ରାର ଅଳକାନନ୍ଦା ମହାନ୍ତି, ଏସ୍‌ଡିଜେଏମ୍ ସୁଧୀର ରଞ୍ଜନ ଦାସ, ଜେଏମ୍‌ଏଫ୍‌ସି ଏସ୍ ସୁରଙ୍ଗଲିଆ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଚିତ୍ରକାର ବିଜୟ କୁମାର ସ୍ୱାଇଁ ଓ ରାମନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଶିଶୁ ଦିବସ ଉପଲକ୍ଷେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଘଣ୍ଟପଡାରୁ ମେଲାଣି ନେଲେ ମା' ଲକ୍ଷ୍ମୀ

ତାଳଚେର,୧୧।୧୧(ମନୋଜ ନନ୍ଦ)

ତାଳଚେର ବ୍ଲକ ଘଣ୍ଟପଡା ଗ୍ରାମରେ ମା' ଲକ୍ଷ୍ମୀଙ୍କ ଭସାଣି ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା' ଲକ୍ଷ୍ମୀଙ୍କୁ ବିଭିନ୍ନ ସୁସଜ୍ଜିତ ମେଢରେ ଶୋଭାଯାତ୍ରା ମାଧ୍ୟମରେ ଗ୍ରାମ ପରିକ୍ରମା କରାଯାଇଥିଲା। ମୋଟ୍ ୨୧ଟି ପୂଜା ମଣ୍ଡପ ମଧ୍ୟରୁ ୧୮ଟି ମେଢ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଗ୍ରାମର ସ୍କୁଲ ସାହି, ବରସାହି, ସବର ସାହି, ନାକଟି ସାହି, ଭାଗବତ ସାହି, ମହାପାତ୍ର ସାହି, ମଣ୍ଡପ ସାହି, ବଡ ସାହି, କୁମ୍ଭାରସାହି, ମହାନ୍ତି ସାହି, ନାଏକ ସାହି ଓ ଗୋଛାୟତ ଆଦି ସାହିରେ ପୂଜା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରକାରର ପାରମ୍ପରିକ ବାଦ୍ୟ, ବ୍ୟାଣ୍ଡ ପାର୍ଟି, ସିଙ୍ଗବାଦ୍ୟ, ଭଗବାନଙ୍କ ଦଶାବତାର ନୃତ୍ୟ, ଶିବ ତାଣ୍ଡବ, ପାଇକଖେଳ ଆଦିରେ ମା'ଙ୍କୁ ମେଲାଣି ଦିଆଯାଇଥିଲା।



ଶାନ୍ତିଶୃଙ୍ଖଳାର ସହ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂଜା ମଣ୍ଡପ ଗୁଡିକର ସଦସ୍ୟମାନଙ୍କ ତତ୍ତ୍ୱାବଧାନରେ ଏହି ଶୋଭାଯାତ୍ରା କରାଯାଇ ଗ୍ରାମ ପୋଖରୀରେ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ କରାଯାଇଥିଲା।

## ବିଭିନ୍ନ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

କାମାକ୍ଷାନଗର,୧୧।୧୧ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ଗ୍ରାମ୍ୟ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ମୁଖ୍ୟ ଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ କାନପୁରା ପଞ୍ଚାୟତ ଗୁଣ୍ଡିଚାନାଳୀଠାରୁ କନ୍ଧବୋଲ, ଏକତାଳିଠାରୁ କାନପୁରା ଗ୍ରାମ ପର୍ଯ୍ୟନ୍ତ ନୂତନ ରାସ୍ତାର ଶୁଭ ଦେଇଥିଲେ। ସେହିପରି ବାଇଶିଙ୍ଗା ଗ୍ରାମଠାରୁ ଖଟଖୁରା ରାସ୍ତାର ମଧ ଶିଳାନ୍ୟାସ କରାଯାଇଛି। ଏହିସବୁ ରାସ୍ତା ହେବା ଫଳରେ ବିଭିନ୍ନ ଗ୍ରାମର ଗ୍ରାମବାସୀ ସୁବିଧାରେ ଯାତାୟାତ କରିପାରିବେ। ଫଳରେ ମୁଖ୍ୟମନ୍ତ୍ରୀଙ୍କ ଗାଁର ବିକାଶ କାର୍ଯ୍ୟକ୍ରମ ଆହୁରି ତ୍ୱରାନ୍ୱିତ ହେବ ବୋଲି ମନ୍ତ୍ରୀ ମଲ୍ଲିକ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଶିବଜ୍ୟୋତି ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ଖଣିମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

# ଉନ୍ନୟନମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ



ଭୁବନ,୧୧।୧୧ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବାଜିରାଉତ କଲେଜର ପୁରାତନ ଛାତ୍ରୀଛାତ୍ର ସଂଘ ପକ୍ଷରୁ ସୋମବାର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ସଂଘ ସଭାପତି ବିନୋଦ କୁମାର କନର ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ କଲେଜ ଅଧ୍ୟକ୍ଷ ଅଜିତ୍ କୁମାର ବେହେରା ଯୋଗଦେଇ ପୁରାତନ ଛାତ୍ରୀଛାତ୍ରଙ୍କ କଲେଜ ପାଇଁ ଥିବା ବିଭିନ୍ନ ଭୂମିକା ସମ୍ପର୍କରେ ଅବଗତ କରିଥିଲେ। ମୁଖ୍ୟ ଫାଟକ ନିର୍ମାଣରେ ବିଳମ୍ବ, ବିଦ୍ୟୁତ୍ ବିଭାଗର ଅସହଯୋଗ, ପୂର୍ବରୁ କଲେଜ ଖେଳ ପଡିଆ ସମସ୍ୟା, ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡି ରହିଥିବା ଇଣ୍ଡୋର ଷ୍ଟାଡିୟମ ନିର୍ମାଣ ଓ ସରକାରଙ୍କ ୫-ଟି ପକ୍ଷରୁ ଆସିଥିବା ଉନ୍ନୟନମୂଳକ କାର୍ଯ୍ୟ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ସଂଘ ସମ୍ପାଦକ ମାତୃପ୍ରସାଦ ମିଶ୍ର, କୋଷାଧ୍ୟକ୍ଷ ଗୁରୁପ୍ରସାଦ ମିଶ୍ର, ମୋ କଲେଜ ଅଭିଯାନର ଉପଦେଷ୍ଟା ପ୍ରଭାତ କୁମାର ଜେନା, ଅଧ୍ୟାପକ ଦୁର୍ଯ୍ୟୋଧନ ଜେନା, ବରିଷ୍ଠ କିରାଣି କୈଳାସ ଚନ୍ଦ୍ର ବେହେରା, ପୁରାତନ ଛାତ୍ରୀଛାତ୍ର ସଂଘର କର୍ମକର୍ତ୍ତା ଅଜୟ କୁମାର ସେଠୀ, ମାୟାଧର ସାହୁ, କମଳଲୋଚନ ମହାରଣା, ଅମୁଜ ସାହୁ, ରଞ୍ଜନ ବେହେରା, ଜୟଗୁରୁ ପାତ୍ର, ମନୋଜ ମହାନ୍ତି, ସୁବାସ ଚନ୍ଦ୍ର ଦାସଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୨୭ ରୁ ମା' ଲୋଭୀ ଠାକୁରାଣୀଙ୍କ ଯାତ୍ରା

ବଣ୍ଟାଁରପାଳ,୧୧।୧୧(ଉପେନ୍ଦ୍ର ରାଉତ)

ବଣ୍ଟାଁରପାଳ ବ୍ଲକ ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମର ପ୍ରତ୍ୟକ୍ଷ ଦେବୀ ମା' ଲୋଭୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ନଭେମ୍ବର ୨୭ ତାରିଖ ଠାରୁ ଆରମ୍ଭ ହେବ। ଏହା ୫ ଦିନ ଧରି ଚାଲିବ। ଯାତ୍ରାରେ ମିନାବଜାର, ଦୋଳି ଓ ୨୦୦ରୁ ଅଧିକ ଷ୍ଟଲ ପଡ଼ିବ। ଏଥିସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବାଦ୍ୟ ବାଜଣାରେ ପୀଠ ଅଞ୍ଚଳ ପ୍ରକମ୍ପିତ ହେବ। ତୁଳସୀପାଳ ଆଲମ ଘରୁ ଦେବୀଙ୍କୁ ଏକ ଶୋଭାଯାତ୍ରାରେ ଗଡ଼ସନ୍ତ୍ରୀ ମନ୍ଦିରକୁ ଅଣାଯିବ। ଏ ନେଇ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସୁନୀଲ ମଝିଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଯାତ୍ରାକୁ କିଭଳି ଶୃଙ୍ଖଳା ଓ ଆଡମ୍ବରରେ ପାଳନ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଭଜମନ ମହାନ୍ତି, ଦଇତାରୀ ସାହୁ, ଲୋକନାଥ ମାଝି, ବୈକୁଣ୍ଠ ବେହେରା, ମୁରଲୀଧର ନାୟକ, ଗୋକୁଳ ନାୟକଙ୍କ ସମେତ ଉଭୟ ଗ୍ରାମ ବାସିନ୍ଦା ଉପସ୍ଥିତ ଥିଲେ।



**ଅନିଲ ବିଜେଡି ଜି.ଉଦୟଗିରି ଏନ୍ଏସି କାର୍ଯ୍ୟକାରୀ ସଭାପତି**

ଭୁବନେଶ୍ୱର,(ଅନିଲ ଦାସ): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନିଲ କୁମାର ଦଳବେହେରାଙ୍କୁ ବିଜୁ ଜନତା ଦଳର ଜି. ଉଦୟଗିରି ଏନ୍ଏସିର କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତ କରିଛନ୍ତି। ଏ ନେଇ ଶନିବାର ବିଜେଡି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।


**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ମାନସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଜେଡିରୁ ବିଦା ହୋଇଥିବା ନେତାଙ୍କୁ ଆପଣେଇବାକୁ ଭାଜପା ଆଗଭର: ବିଜେଡି

ଭୁବନେଶ୍ୱର,୧୧।୧୧(ଅନିଲ ଦାସ)

ଯେଉଁ ନେତାଙ୍କୁ ବିଜେଡି ଦଳରୁ ବିଦାକରି ଦେଇଛି ତାଙ୍କୁ କୋଳେଇ ନେବା ପାଇଁ ଏବେ ଭାଜପା ଆଗଭର। ଏଥିରୁ ଗୋଟିଏ କଥା ପ୍ରମାଣିତ ହେଉଛି ଯେ ଭାଜପାରେ ନୀତି ଆଦର୍ଶ ବୋଲି କିଛି ନାହିଁ କି ସେମାନେ ନୂଆ ନେତା ସୃଷ୍ଟି କରିପାରୁନାହାନ୍ତି । କାଲି ଯାହାକୁ ଦୁର୍ନୀତିଗ୍ରସ୍ତ କହି ଗାଳି ଦେଉଥିଲେ ଆଜି ତାଙ୍କୁ ନେବା ପାଇଁ ଭାଜପାକୁ ନିଦ ହେଉନାହିଁ ବୋଲି ବ୍ରହ୍ମପୁର ବିଧାୟକ ତଥା ଜିଲା ଯୋଜନା ବୋର୍ଡ ସଭାପତି ବିକ୍ରମ ପଣ୍ଡା କହିଛନ୍ତି।

ଶନିବାର ବ୍ରହ୍ମପୁରଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଶୁଣିବାକୁ ମିଳୁଛି, ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଭାଜପାରେ ମିଶିବାକୁ ଯାଉଛନ୍ତି। ସେ ବିଜେଡିରୁ ଅତୀତରେ ତଡ଼ାଖାଇଥିବା ବେଳେ ଏବେ ଜାମିନରେ ଅଛନ୍ତି। ଏଭଳି ନେତାଙ୍କୁ କିଭଳି ଭାଜପା ଆପଣେଇବାକୁ ଯାଉଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ନିଜ ନିର୍ବାଚନମଣ୍ଡଳୀ ଲୋକଙ୍କୁ ଠକିଥିବା ବ୍ୟକ୍ତିଙ୍କୁ ଭାଜପା ନେତାମାନେ କିଭଳି ବିଶ୍ୱାସ କରୁଛନ୍ତି ବୋଲି ବିକ୍ରମ ପ୍ରଶ୍ନ କରିଛନ୍ତି।



ଖବରଦାତା ସମ୍ମିଳନୀରେ ବିଜେଡି ନେତବୃନ୍ଦ।

ପାଣିଗ୍ରାହୀ ନିଜ ନିର୍ବାଚନମଣ୍ଡଳୀର ଲୋକଙ୍କୁ ଚାକିରି ଦେବାକୁ କହି ଠକିବା ପରେ ବିଭିନ୍ନ ଥାନାରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା । ବିଜେଡି ସଭାପତି ତାଙ୍କୁ ଦଳରୁ ବହିଷ୍କାର କରିଛନ୍ତି। କୋଭିଡ୍ ସମୟରେ ଲୋକେ ଖାଇବାକୁ ପାଉ ନ ଥିବାବେଳେ ସେ ଚାର୍ଟର୍ଡ ଫ୍ଲାଇଟରେ ବୁଲିବା ସହିତ ଦିନକୁ ଅଢ଼େଇ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚକରି ହୋଟେଲରେ ରହୁଥିଲେ । କରୋନା ସମୟରେ ସୁରଟରେ ଥିବା ଗଞ୍ଜାମବାସୀଙ୍କୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ଚେଷ୍ଟା କରୁଥିବା ବେଳେ ପାଣିଗ୍ରାହୀ ଏହାକୁ ଦୃଢ଼ ବିରୋଧ କରିଥିଲେ । ସେମାନେ କିଭଳି ଗଞ୍ଜାମ ନ ଫେରିବେ ସେଥିପାଇଁ ଷଡ଼ଯନ୍ତ୍ର କରିବା ସହିତ ଚାପ ପକାଉଥିଲେ ବୋଲି ବିକ୍ରମ କହିଛନ୍ତି।

ଏହି ଖବରଦାତା ସମ୍ମିଳନୀରେ ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ଜିଲା ସଭାପତି ତଥା ଓଡ଼ିଶା ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା ଉପସ୍ଥିତ ଥିଲେ।

# ବିଜୁ ଯୁବ ଜନତା ଦଳରେ ୩୩ ମହିଳା କର୍ମୀଙ୍କୁ ଗୁରୁଦାୟିତ୍ୱ

**୮ ସାଧାରଣ ସମ୍ପାଦିକା, ୨୫ ସମ୍ପାଦିକା ନିଯୁକ୍ତ**

ଭୁବନେଶ୍ୱର,୧୧।୧୧(ଅନିଲ ଦାସ)

ଆଉ କିଛି ମାସ ପରେ ରାଜ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ସାଙ୍ଗଠନିକ ସ୍ଥିତିକୁ ମଜଭୁତ କରିବାକୁ ଦଳ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ବିଜୁ ଯୁବ ଜନତା ଦଳରେ ୩୩ ଜଣ ମହିଳାଙ୍କୁ ସଙ୍ଗଠନର ଗୁରୁଦାୟିତ୍ୱ ଦିଆଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଜୁ ଯୁବ ଜନତା ଦଳରେ ୮ ଜଣ ସାଧାରଣ ସମ୍ପାଦିକା ଓ ୨୫ ଜଣ ସମ୍ପାଦିକାଙ୍କୁ ନିଯୁକ୍ତି ଦିଆଯାଇଛି। ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତରେ ଶନିବାର ଏ ନେଇ ବିଜେଡି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଶୁଭଶ୍ରୀ ପଣ୍ଡା, ଅର୍ସି ଆହଦ, ପଦ୍ମିନୀ ପୁରୋହିତ, ଶୁଭାଳି ଶୁଭେଚ୍ଛା ଦାସ, କଳ୍ପସା ଅଙ୍କିତା ଶାହା, ନିହାରିକା ଗିରି, ସାଗରିକା ସାମନ୍ତ ଏବଂ ପ୍ରିୟା ବିଶୋଇଙ୍କୁ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦିକା ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବାସନ୍ତୀ ପଣ୍ଡା, ସୋନାଲିକା ସ୍ୱାଇଁ, ସସ୍ମିତା ରାଉତ, ଦେବସ୍ମିତା ମହାନ୍ତି, ସ୍ୱର୍ଣ୍ଣଲତା ନାୟକ, ପୁଣ୍ୟତୋୟା ମହାପାତ୍ର, ସୁଚିସ୍ମିତା ପଣ୍ଡା, ସାଲୋନି ମଙ୍ଗରାଜ, ଭାଗ୍ୟଶ୍ରୀ ମହାନନ୍ଦ, ଅଙ୍କିତା ରାୟ, ପୂର୍ଣ୍ଣପ୍ରତିଟୀ ମହାନ୍ତି, ପୂଜା ପଦ୍ମଜା ପଣ୍ଡା, ଜୟନ୍ତୀ ଦତ୍ତ, ଆଭା ସତରୂପା ପତି, କିରଣ ପଟ୍ଟନାୟକ, ପୂଜାରିଣୀ ରାଉତ, ଏଲିନା ନାୟକ, ଲକ୍ଷ୍ମୀପ୍ରିୟା ଦୀକ୍ଷିତ, ଜୟଶ୍ରୀ ବେହେରା, ଶିବାନୀ ମୁଣ୍ଡା, ଅଲ୍ପନା ପଲେଇ, ଲିଲିମା ପୁଟେଲ, ଲୋପାମୁଦ୍ରା ନାୟକ, ରାଜଶ୍ରୀ ନାୟକ ଏବଂ ମୁସ୍କାନ ଦେବନାଥଙ୍କୁ ସମ୍ପାଦିକା ଭାବେ ନିଯୁକ୍ତି ଦିଆଯାଇଛି।


**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଭବାନନ୍ଦ ମିଶ୍ର**

ପ୍ରାକ୍ତନ ପ୍ରଧାନ ଶିକ୍ଷକ 1942 to 2012
ୟୁନିଟ୍ ୯ ବାଳକ ବିଦ୍ୟାଳୟ L.I.G- 287,
ବ୍ରିଟ୍ କଲୋନୀ, ନୟାପଲ୍ଲୀ, ଭୁବନେଶ୍ୱର

ଜୀବନେ ତୁମକୁ ପାଇବିନି
କେବେ ଏକଥା ଜାଣିଛି ମୁହିଁ,
ତଥାପି ଅବୁଝା ମନ ମୋ ବୁଝେନା
ଝୁରିହୁଏ ତୁମ ପାଇଁ

ଇତି
ଶୋକସନ୍ତପ୍ତ: ସ୍ତ୍ରୀ

ଧ-୭୧୫୬୭୧

# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
**Bhava Institute Of Medical Science & Research**
Recognised by DMET, ON&MC, Health & FW Dept.,Govt. of Odisha

**GNM**
Duration : 3 Year, Eligibility : +2 Pass (Any Stream) 40% Mark

**ANM**
Duration : 2 Year, Eligibility : +2 Pass (Any Stream)

**DMRT**
**DMLT**
Duration : 2 Year, Eligibility : +2 Science

**CBCA**
Certified Blood Collection Assistant
Duration : 6 months, Eligibility : 10+

Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

**ଦିୱାଲି ଧମାକା**
**ମୁଦ୍ରା ଫାଇନାନ୍ସ**
**PM ମୁଦ୍ରା ଯୋଜନା ଅଧୀନରେ**
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
**2% ସୁଧ, 40% ରିହାତି**
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
**ମୁଦ୍ରା ଫାଇନାନ୍ସ**
Mob. 7382841797


**ପାଠକଙ୍କ ପାଇଁ ସୂଚନା:**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**Birthday Wish**



**Manas Kumar**
Wishing you a day filled with happiness and a year filled with joy.
Happy Birthday & God Bless You.
With best compliments from
-U.M. Vision
D-74600


# ଫସଲ କ୍ଷତି ଅନୁଧ୍ୟାନ ପାଇଁ ଜିଲା ଗସ୍ତ କରିବ କିଷାନ କଂଗ୍ରେସ

ଭୁବନେଶ୍ୱର,୧୧।୧୧(ଅନିଲ ଦାସ)

ରାଜ୍ୟର ଗଞ୍ଜାମ, କେନ୍ଦ୍ରାପଡ଼ା, ନୟାଗଡ଼, ଖୋର୍ଦ୍ଧା ପ୍ରଭୃତି ଜିଲାର ବିଭିନ୍ନ ଅଞ୍ଚଳରେ ଜଳସେଚନ ଅଭାବରୁ ବ୍ୟାପକ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ କେନ୍ଦୁଝର, ବାଲେଶ୍ୱର, ସମ୍ବଲପୁର ପ୍ରଭୃତି ୧୦ଟି ଜିଲାରେ ଲେଡ଼ାପୋକ, ମାଟିଆଗୁଣ୍ଡି ପୋକ ଦ୍ୱାରା ବ୍ୟାପକ ଭାବରେ ଫସଲ ନଷ୍ଟ ହୋଇଛି। ଏହାର ଆଶୁ ସମାଧାନ ପାଇଁ ଅଦ୍ୟାବଧି ସରକାରଙ୍କ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରା ନ ଯିବା ଦ୍ୱାରା ଫସଲ ହାନି ଆଶଙ୍କାରେ ଚାଷୀକୁଳ ଚିନ୍ତାରେ ରହିଛି। ଯେଉଁ ଅଞ୍ଚଳରେ ଫସଲରେ ରୋଗପୋକ ଓ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି ଏହାର ଅନୁଧ୍ୟାନ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପିସିସି କିଷାନ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ଅମିୟ ପଟ୍ଟନାୟକଙ୍କ ନେତୃତ୍ୱରେ କିଷାନ କଂଗ୍ରେସର ୨୧ ଜଣିଆ ଅନୁଧ୍ୟାନକାରୀ କମିଟି ଗଠନ କରାଯାଇଛି। ଉକ୍ତ କମିଟି ଆସନ୍ତା ୧୪ ତାରିଖଠାରୁ ୭ ଦିନ ଭିତରେ ବିଭିନ୍ନ ଜିଲା ଗସ୍ତ କରିବ। ଏଥିସହିତ ଫସଲ କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରି ଏହାର ଏକ ରିପୋର୍ଟ ପିସିସି ସଭାପତିଙ୍କୁ ପ୍ରଦାନ କରିବ।


# Classified Everyday

**0674-2580101, 2549949**



MATRIMONIAL

**BRIDE WANTED**

Looking for suitable BENGALI educated girl (Non-working) for boy (31yrs., B.Com, Ht- 5'7") having own IT Business. Contact No. & Time: 9438170188 from 7PM to 10PM. D-1775

**GROOM WANTED**

Forest Departmentରେ ଚାକିରି, 56 ବୟସ୍କା ବ୍ରାହ୍ମଣ ବିଧବା ଝିଅଙ୍କୁ ବରପାତ୍ର ଆବଶ୍ୟକ। 6371586968. D-1740

ଅନାଥ 37 ବୟସ୍କା Govt. Bankରେ ଚାକିରି କରୁଥିବା ବିଧବା ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। 7749076723. D-1739

Puri ବାସିନ୍ଦା 47 ବୟସ୍କା ବ୍ରାହ୍ମଣ Govt. ଚାକିରିଆ Divorcee ଝିଅଙ୍କୁ ଘରଜ୍ୱାଇଁ ଦରକାର। 6371296020. D-1741

45 ବୟସ୍କା Govt. ଚାକିରି କରିଥିବା ଖଣ୍ଡାୟତ ଜାତିର ବିଧବା ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। Urgent contact- 9040735429. D-1770

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com



REAL ESTATE

**SALE**

**Gated community residential gharabari boundary plot sale in Gudiapokhari near KEC College with 30ft. road, electricity. 9238902929, 8763887357.** D-75264

Duplex sale Retang Railway Station, C.V Raman, Infocity-2, Bhubaneswar. 9777433701. D-75263

**ଭୁବନେଶ୍ୱର ଖୋର୍ଦ୍ଧା NH side Gandhi College ଲାଗି 60' road, electricity, boundarywall ଥାଇ immediatly ଘର କରିବା ପାଇଁ ପ୍ଲଟ୍ ମିଳୁଛି। 9090963952.** D-75250

ଭୁବନେଶ୍ୱର ନୂଆଗାଁ କାଟେଣୀ ରୋଡ୍‌ରୁ 100mtr ଦୂରତାରେ boundary plot ମିଳୁଛି। 9583375452. D-75251

**Commercial plot 3 sides road facing to NH Nakhara to Niali road frontage 60 feet facing to south 10000sqft., 8KM from Nakhara, 13KM from Bhubaneswar. 8249851363, 7809525452.** D-75056

**Nakhara- Adaspur State Highway କଡ଼ରେ ସଙ୍ଗେ ସଙ୍ଗେ ଘରକଲା ଭଳି SC ପ୍ଲଟ୍ ଇଲେକ୍ଟ୍ରିସିଟି ଥାଇ ଶସ୍ତାରେ ମିଳୁଛି – 9937417899.** D-75256

Ready to move 3BHK flat Sundarpada, Urchid Residency, 65 Lakhs, negotiable, Mob. 9437331956. D-1755

ଭୁବନେଶ୍ୱର ରବିଟକିଜ୍ ସାଇମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-1758

**ଘରବାରି ସ୍ଥିତିବାନ ଜାଗା ଭୁବନେଶ୍ୱର ଅଟଳାରେ 30ft. ରାସ୍ତା ଥାଇ ସଙ୍ଗେ ସଙ୍ଗେ ଘର କଲାଭଳି Plot 24,60,000/- ରେ Bank Loan ସୁବିଧା ଥାଇ ବିକ୍ରିହେବ - 6370469894.** D-75260

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.- 300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75249

**Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ – 9658562429.** D-75259

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 9938368479.** D-75248

4BHK Duplex South facing corner, Balianta Syphon. Land-1400, Construction-2200- 89Lakh. 9938219397, 9861022055. D-1763

**HOUSE FOR SALE: Nayapalli Brit Colony, 3-Storied 2200 Sqft with 2-Garage, Price: 2.5 Crore (Negotiable). Contact: 9437226981/ 8327730412.** D-1765

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788.** D-1735

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରି ହେଉଛି। **Contact: 9777067303.** D-1656

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Rent, Duplex at Dumduma, BBSR [Ground & First], 2BHK each. 15000 / Month. Contact: 9773683034. D-1761





Newly open health benefits SPA special offer @999. Contact: 7749034655. D-75168

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75057

**Newly healthcare benefited SPA experience therapist in Bhubaneswar. Contact: 9938843929.** D-75167

**Relax, Refresh your body, Mind at Saikrupa Spa with best therapies. 8984068077.** D-1696

Full body massage in homely atmosphere in all therapy. Mob: 8114881641. D-73446

**AFFIDAVIT**

I Shiliswapna Puhan (24 yrs), D/o- Satya Sundar Puhan,Vill-Khedualpur, PO-Matipaka, PS-Naikanidihi, Dist-Bhadrak , Odisha. Erroneously my nick name Sarmistha Puhan has been mentioned in my Lic Policy bearing No.-585396484. I declare that myself Shiliswapna Puhan @ Sarmistha Puhan is same and one person. D-1776

By virtue of an affidavit sworn before the Notary Public, Bhubaneswar on dated 11.11.2023, I Srimanagobinda Dasmohapatra, S/o- Late Trinath Behera, permanent resident of At/ P.O.- Rasulgarh, P.S.- Mancheswar, Bhubaneswar, Dist.- Khordha, Odisha-751010 my Aadhaar No.- xxxxxxxx4121 declare that I have changed my name from Managobinda Behera to Srimanagobinda Dasmohapatra. Henceforth, I shall be known and identified as Srimanagobinda Dasmohapatra for all purposes. D-1772


**LEGAL NOTICE**

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ (ଶ୍ରୀ ଶିବନାରାୟଣ ନନ୍ଦ), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା

ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର- ୫୫/୨୦୨୧

ନୋଟିସ

(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଶ୍ରୀ ସୁଦର୍ଶନ ବେହେରା, ପିତା: ସ୍ୱର୍ଗତ କାଶୀନାଥ ବେହେରା ....ବାଦୀ

ବନାମ

ପୀତବାସ ମହାନ୍ତି ଏବଂ ଅନ୍ୟମାନେ ....ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
(୨) ଲିଙ୍ଗରାଜ ଦାସ, ପିତା: ଫକିର ଦାସ, ଗ୍ରାମ/ପୋଷ୍ଟ: ଘାଟିକିଆ, (୩) ଦିନବନ୍ଧୁ ଦାସ, ପିତା: ଭାସ୍କର ଦାସ, ଗ୍ରାମ/ପୋଷ୍ଟ: ଘାଟିକିଆ, (୪) ବୃନ୍ଦାବନ ଦାସ, ପିତା: ଭାସ୍କର ଦାସ, ଗ୍ରାମ/ପୋଷ୍ଟ: ଘାଟିକିଆ, (୫) ଶଙ୍କର ଦାସ, ପିତା: ନିଧି ଦାସ, ଗ୍ରାମ/ପୋଷ୍ଟ: ଘାଟିକିଆ, (୬) ବଂଶୀଧର ଦାସ, ପିତା: ନିଧି ଦାସ, ଗ୍ରାମ/ପୋଷ୍ଟ: ଘାଟିକିଆ, (୭) ଦିବ୍ୟସିଂହ ଦାସ, ପିତା: ଗୋପୀନାଥ ଦାସ, ଗ୍ରାମ/ପୋଷ୍ଟ: ଘାଟିକିଆ, (୮) ପ୍ରଭାକର ଦାସ, ପିତା: ଗୋପୀନାଥ ଦାସ, ଗ୍ରାମ/ପୋଷ୍ଟ: ଘାଟିକିଆ

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି।

ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜଲାସରେ ଆସନ୍ତା ତା୨୯।୧୧।୨୦୨୩ରିଖ ଅପରାହ୍ନ ୦୨.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଚନ୍ଦକା, ମୌଜା: ଘାଟିକିଆ

ସାବକ

ଖାତା ନମ୍ବର: ୨୯୧, ୭୫, ପ୍ଲଟ୍ ନମ୍ବର: ୯୧୩, ୮୯୪, କିସମ: ବଗାୟତ ଦୁଇ, ବାରି, ରକବା: ଏ.୧.୦୭୫ଡି. ରୁ ଏ.୦.୦୫୦ ୧/୨ଡି., ଏ୦.୧୩୫ଡିରୁ ଏ.୦.୦୦୬ଡି, ସ୍ୱତ୍ୱ: ସ୍ଥିତିବାନ୍, ସ୍ଥିତିବାନ୍

ହାଲ୍

ଖାତା ନମ୍ବର ୧୫୪୫, ପ୍ଲଟ୍ ନମ୍ବର ୫୪୯୯, କିସମ ବଗାୟତ ଦୁଇ, ରକବା ଏ୦.୦୫୬ଡି, ସ୍ୱତ୍ୱ ସ୍ଥିତିବାନ୍।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା ୧୭।୧୦।୨୦୨୩
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର

ଧ-୧୭୭୪

# ସପ୍ତମାତୃକା ବେଶରେ ମା’ ଭଦ୍ରକାଳୀ



କାଳୀପୂଜା ପାଇଁ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା’ ଭଦ୍ରକାଳୀଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଛି। ପ୍ରସ୍ତୁତି ଚୂଡ଼ାନ୍ତ ହେବା ସହ ପୀଠର ପରିବେଶ ଆକର୍ଷଣୀୟ ହୋଇଛି। ଏଠାକାର କାଳୀପୂଜା ଗଣପର୍ବରେ ପରିଣତ ହୋଇଛି। ଆଉ ଭଦ୍ରକାଳୀଙ୍କ ପୀଠରେ ହେଉଥିବା ପୂଜାର ଆକର୍ଷଣ ନିଆରା। ଭଦ୍ରକ ବ୍ଲକର ଖଣ୍ଡତରା ପଞ୍ଚାୟତ ଆହାରପଦା ଭଦ୍ରକାଳୀ ସାହିରେ ବିଶ୍ୱମାତା ରୂପରେ ମା’ ପୂଜା ପାଇଆସୁଛନ୍ତି। ଅନେକ ଜନଶ୍ରୁତି ଓ କିମ୍ବଦନ୍ତୀ ଏହି ପୀଠର ମହିମାକୁ ବହୁଗୁଣିତ କରିଛି। ଦୀପାବଳିଠାରୁ ପୀଠରେ ହେବ ସ୍ୱତନ୍ତ୍ର ନୀତିକାନ୍ତି। ସାତଦିନରେ ସପ୍ତମାତୃକା ବେଶରେ ମା’ ପୂଜା ପାଇବେ। ପ୍ରଥମ ଦିନ ବେଦମାତା, ଦ୍ୱିତୀୟ ଦିନ ମହାକାଳୀ, ତୃତୀୟ ଦିନ ରାଜରାଜେଶ୍ୱରୀ, ଚତୁର୍ଥ ଦିନ ସିଂହବାହିନୀ, ପଞ୍ଚମ ଦିନ ଜଗଦ୍ଧାତ୍ରୀ, ଷଷ୍ଠ ଦିନ ମହାସରସ୍ୱତୀ ଓ ସପ୍ତମ ଦିନରେ ମହାଲକ୍ଷ୍ମୀ ବେଶରେ ଦର୍ଶନ ଦେବେ। ଅନ୍ୟବର୍ଷ ପରି ଚଳିତବର୍ଷ ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ରବିବାରଠାରୁ ୭ ଦିନ ବ୍ୟାପୀ ମହାଯଜ୍ଞ ଅନୁଷ୍ଠିତ ହେବ।

କିମ୍ବଦନ୍ତୀ ରହିଛି ଯେ, ମୟୂରଭଞ୍ଜ ଜିଲାର ମେଘାସନ ପର୍ବତରେ ତାପସ ଋଷି ମା’ଙ୍କୁ ପୂଜାର୍ଚ୍ଚନା କରୁଥିଲେ। ତାଙ୍କର ଦେହାନ୍ତ ପରେ ତାଙ୍କ ଶିଷ୍ୟ ଭଦ୍ରନାଥଙ୍କୁ ଭଦ୍ରକାଳୀ ସ୍ୱପ୍ନାଦୃଷ୍ଟ କରି କହିବା ପରେ ସେ ମା’ଙ୍କୁ ଏଠାରେ ପ୍ରତିଷ୍ଠା କରିଥିଲେ। ପରେ ସ୍ଥାନୀୟ ରାଜା ମନ୍ଦିର ନିର୍ମାଣ କରିବା ସହ ସମ୍ପତ୍ତି ଦାନ କରିଥିଲେ। ପୂଜାର୍ଚ୍ଚନା ପାଇଁ ଆମ ପୂର୍ବଜଙ୍କୁ ସେବାୟତ ଭାବେ ଆଣି ରଖାଇଥିଲେ ବୋଲି ସେବାୟତ ନିରଞ୍ଜନ ଦୀକ୍ଷିତ କହିଛନ୍ତି।

ରବିବାର ସାଳନ୍ଦୀ ନଦୀର ଆହାରପଦା ଘାଟରୁ ମାନସିକଧାରୀ ଭକ୍ତମାନେ ଘଟୋତ୍ତଳନ କରି ଶୋଭାଯାତ୍ରାରେ ମଣ୍ଡପରେ ପହଞ୍ଚି ଘଟ ସ୍ଥାପନ କରିବେ। ପରେ ୨୧ଜଣ ବେଦବିତ୍ ବ୍ରାହ୍ମଣଙ୍କ ଦ୍ୱାରା ମହାଯଜ୍ଞ ଆରମ୍ଭ ହେବ। ମନ୍ଦିର ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ସ୍ଥିତି, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟଜଳ, ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନତା, ତୋରଣ ଓ ଆଲୋକ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ମା’ଙ୍କ ସପ୍ତମାତୃକା ବେଶ, ମଙ୍ଗଳ ଆଳତି, ନାମ ସଂକୀର୍ତ୍ତନ, ପ୍ରବଚନ, ସପ୍ତଚଣ୍ଡୀ ପାଠ, ଦୀପଯଜ୍ଞ, ପହଡ଼ ଭୋଗ ଓ ଯଜ୍ଞ ମଣ୍ଡପର ସାଜସଜ୍ଜା ନେଇ ସେବାୟତମାନଙ୍କ ପ୍ରସ୍ତୁତି ବୈଠକରେ ଚୂଡ଼ାନ୍ତ କରାଯାଇଛି।

**–ରିପୋର୍ଟ: ସନାତନ ରାଉତ, ଭଦ୍ରକ**


# ପ୍ରତ୍ୟକ୍ଷ ଦେବୀ ସିଦ୍ଧକାଳୀ



ସବୁଠି କାଳୀପୂଜା ପାଇଁ ଉତ୍ସବମୁଖର। ରବିବାରଠାରୁ ମା’ଙ୍କ ପୂଜା ଆରମ୍ଭ ହେଉଥିବା ବେଳେ କେନ୍ଦୁଝରର ବହୁ ପୁରାତନ ସିଦ୍ଧମଠଠାରେ ଥିବା ପ୍ରାୟ ୮୦୦ ବର୍ଷର ପୁରୁଣା ସିଦ୍ଧ କାଳୀ ମନ୍ଦିରରେ ମଧ୍ୟ କାଳୀପୂଜା ପାଇଁ ପ୍ରସ୍ତୁତି ସରିଛି। ଏଠାରେ ମା’ କାଳୀ ପ୍ରତ୍ୟକ୍ଷ ଦେବୀ ଭାବରେ ପୂଜା ପାଇ ଆସୁଛନ୍ତି। ବର୍ଷ ତମାମ ଭକ୍ତଙ୍କ ଭିଡ଼ ଜମୁଥିଲେ ହେଁ ବିଶେଷକରି କାଳୀପୂଜା ସମୟରେ ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥାଏ। ପୁରୁଣା ସିଦ୍ଧ କାଳୀ ମନ୍ଦିରରେ ପୂଜା ପାଉଥିବା ମା’ କାଳୀ ଚେନ୍‌ରେ ବନ୍ଧା ହୋଇ ପୂଜା ପାଉଥିବାରୁ ଏଠାକାର ମାହାତ୍ମ୍ୟ ସ୍ୱତନ୍ତ୍ର। ଚୂଳିଆ ପାହାଡ଼ ପାଦଦେଶରେ ଥିବା ସିଦ୍ଧ ସାଧନର ଏହି ପୀଠରେ ବହୁ ସିଦ୍ଧ ସାଧୁମାନେ ସାଧନା କରିବା ସହ ମନ୍ତ୍ରତନ୍ତ୍ର ବିଧି ବ୍ୟବସ୍ଥାରେ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରୁଥିଲେ। ମା’ କାଳୀଙ୍କ ପ୍ରସ୍ତର ମୂର୍ତ୍ତି ରହିଥିବା ବେଳେ ପଥର ବହୁ ତଳକୁ ମାଟି ତଳେ ପୋତି ହୋଇ ରହିଥିବା କୁହାଯାଏ। ମା’ଙ୍କ ଶରୀର କଙ୍କାଳ ସଦୃଶ ମୁଗୁନି ପଥରରେ ତିଆରି ହୋଇଥିବା ମନେହୁଏ। ଦଶ ଭୁଜରେ ଖଣ୍ଡା, କଟା ମୁଣ୍ଡ ଆଦି ଧରିଥିବା ବେଳେ ବାମହାତର ଆଙ୍ଗୁଠିକୁ ପାଟିରେ କାମୁଡ଼ିଥିବା ଦେଖିବାକୁ ମିଳେ। ଚେନ୍‌ରେ ବନ୍ଧା ହେବା ନେଇ କୌଣସି ସ୍ୱତନ୍ତ୍ର କାରଣ ନ ଥିଲେ ହେଁ ମା’ଙ୍କ ପ୍ରକୋପ ଏତେ ଥିଲା ଯେ, ଭକ୍ତଙ୍କ ସୁରକ୍ଷା ପାଇଁ ସେତେବେଳେ ତାଙ୍କୁ ତନ୍ତ୍ରମନ୍ତ୍ର ଦ୍ୱାରା ଚେନ୍‌ରେ ବନ୍ଧା ଯାଇ ପୂଜା କରାଯାଉଥିଲା ବୋଲି କୁହାଯାଏ। ଏବେ ମଧ୍ୟ ବହୁ ଭକ୍ତ ଭୟରେ ମନ୍ଦିର ଭିତରକୁ ପ୍ରବେଶ କରି ପୂଜା କରନ୍ତି ନାହିଁ। ମନ୍ଦିର ପାର୍ଶ୍ୱରେ ଥିବା ଝରକାରେ ମା’ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥାନ୍ତି। କାଳୀପୂଜାରେ ଯଜ୍ଞ, ଚଣ୍ଡୀପାଠ ବିଳମ୍ବିତ ରାତି ପର୍ଯ୍ୟନ୍ତ ନୈଷ୍ଠିକତାର ସହ କରାଯାଇଥାଏ। ଶିବ ମହାକାଳ ବା କାଳେଶ୍ୱର ଭାବରେ ପୂଜା ପାଇ ଆସୁଛନ୍ତି। ଏଠାରେ ଭଗବାନ ଶିବ କ୍ଷମତାହୀନ ବୋଲି ପୂଜକ ସଞ୍ଜୟ ତ୍ରିପାଠୀ କୁହନ୍ତି। ରବିବାର କାଳୀପୂଜା ଅବସରରେ ସକାଳୁ ଅବକାଶ, ବାଲ୍ୟଭୋଗ ପରେ ଚଣ୍ଡୀପାଠ ଅନୁଷ୍ଠିତ ହେବ। ସେହିପରି ସାତ ଶହ ଶ୍ଳୋକରେ ଆହୂତ ହୋଇ ଚଣ୍ଡୀପାଠ କରାଯାଇ ହୋମ ହେବ। ଖେଚୁଡ଼ି ଭୋଗ ହୋଇ ରାତ୍ରିରେ ନିଶା ପୂଜା ହୋଇଥାଏ ବୋଲି ପୂଜକ କହିଛନ୍ତି। ସେହିପରି ସରାସ ଗ୍ରାମରେ ଥିବା ଦକ୍ଷିଣକାଳୀ ମନ୍ଦିରରେ ତିନି ଦିନ ବ୍ୟାପୀ ପୂଜା ପାଇଁ ପ୍ରସ୍ତୁତି ସରିଛି। ମାଧପୁର ଶ୍ୟାମାକାଳୀ ମନ୍ଦିରରେ କାଳୀପୂଜା ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଜଣାପଡ଼ିଛି।

**–ରିପୋର୍ଟ: ନରେଶ ଚନ୍ଦ୍ର ପଟ୍ଟନାୟକ, କେନ୍ଦୁଝର**




# ଦୀପାବଳି...କାହା ପାଇଁ କେମିତି

**ଆଲୋକର ପର୍ବ ଦୀପାବଳି। ଏହି ପର୍ବ ଆସିଲେ ଆଲୋକମାଳାରେ ସଜେଇ ହୁଏ ଗାଁଠୁ ସହର। କିଏ ସହରରୁ ଗାଁକୁ ତ ଆଉ କିଏ ଗାଁରୁ ସହରକୁ ଆସି ପରିବାର ସହ ଦୀପାବଳି ପାଳନ କରେ। ଘରଠାରୁ ବହୁ ଦୂରରେ ରହିଲେ ବି ଦୀପଟିଏ ଜାଳି ପିତୃପୁରୁଷଙ୍କୁ ମନେ ପକାଇବା ସହ ବାଣଫୁଟାଇ ଉତ୍ସବ ମନାଇଥାଏ। ତେବେ ଚଳିତବର୍ଷ ଦୀପାବଳିରେ ବାଣ ଫୁଟାଇବା ଉପରେ କିଛିଟା କଟକଣା ଲାଗିଛି। ଏପଟେ ବାଣର ଆକାଶଛୁଆଁ ଦର ଲୋକଙ୍କୁ ବାଧୁଛି। ଏଭଳି ସ୍ଥିତିରେ ଦୀପାବଳିକୁ କିଏ କେମିତି ପାଳନ କରିବାକୁ ଯୋଜନା କରିଛନ୍ତି, ସେସମ୍ପର୍କରେ ଉପସ୍ଥାପନା।**

ରିପୋର୍ଟ: ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର

### ପିଠା, ମିଠା ଖିଆ ସହ ଘରେ ଆସର ଜମିବ



ଏଥର ଦୀପାବଳି ପରିବାର ଓ ସାଙ୍ଗସାଥୀ ଗହଣରେ ପାଳନ କରିବି। ଘରେ ପୂଜା ମଧ୍ୟ ରଖିଛି। ମୋ ସାଙ୍ଗ ଓ ପିଲାମାନଙ୍କ ସାଙ୍ଗ ସବୁ ଆସିବେ। ଘରେ ଆସର ଜମିବ। ସୁସ୍ୱାଦୁ ଓଡ଼ିଆ ଖାଦ୍ୟ ଖିରି, ପିଠା, ମିଠା, ଛେନା ତରକାରୀ, ଘାଣ୍ଟ ତରକାରୀ ଆଦି କରିବୁ। ଗପ୍‌ସପ୍ ବି ଜମିବ। ଆଉ ପୂଜା ପର୍ବାଣୀ ଆସିଲେ ସୁନ୍ଦର ପୋଷାକ ତ ନିହାତି ଥାଏ। ଆଉ ତା ସହ ଫଟୋ ମଧ୍ୟ ଉଠାଯିବ।

**–ସୁସ୍ମିତା ଦାସ, କଣ୍ଠଶିଳ୍ପୀ**


### ବାଣ ଫୁଟାଇବି ନାହିଁ, ଦୀପ ଜାଳିବି



କାମ ଯୋଗୁ ଘର ଲୋକଙ୍କୁ ସମୟ ଦେଇ ହେଉନି। ତେଣୁ ଏ ବର୍ଷ ଘର ଲୋକଙ୍କ ସହ ସମୟ କାଟିବାକୁ ପ୍ଲାନ୍ କରିଛି। ହେଲେ ଏଥର ବାଣ ଫୁଟାଇବି ନାହିଁ। ଦୀପ ଜଳାଇବୁ। ଦିନରେ ପରିବାର ଲୋକଙ୍କ ସହ ବାହାରକୁ ବୁଲିବାକୁ ଯିବୁ। ଘରକୁ ଫେରି ସନ୍ଧ୍ୟାରେ ଲକ୍ଷ୍ମୀ ପୂଜା ହେବ। ସମସ୍ତେ ଦୀପ ଲଗାଇବୁ। ଆମର ରୀତିନୀତି ଅନୁସାରେ ବଡ଼ ବଡ଼ିଆଙ୍କୁ ଡକାହେବାଠୁ ନେଇ ପୂଜା ନୀତି, ସବୁକିଛି ପାଳନ କରିବି।

**–ଅର୍ପିତା କର, ଅଭିନେତ୍ରୀ**

### ସାଙ୍ଗମାନଙ୍କ ସହ ଦୀପାବଳି ପାଳିବି



ଦୀପାବଳିରେ ଛୁଟି ଅଧିକ ନ ଥାଏ। ତେଣୁ ପ୍ରତିବର୍ଷ ପରି ଏଥର ମଧ୍ୟ ଭୁବନେଶ୍ୱରରେ ସାଙ୍ଗମାନଙ୍କ ସହ ଦୀପାବଳି ପାଳନ କରିବି। କାଳୀ ପୂଜା ମଣ୍ଡପ ଯିବା ସହ ସନ୍ଧ୍ୟାରେ ବାଣ ଫୁଟାଇବୁ। ଏଥିସହ ଘରେ ଭଲ ଖିଆପିଆର ଯୋଜନା ରଖିଛୁ।

**–ଅମ୍ରିତ ପ୍ରୀତମ ଆଚାର୍ଯ୍ୟ, ଗ୍ରାଫିକ୍ସ ଡିଜାଇନର୍**

### ଘରେ ଆମର ଗେଟ୍ ଟୁଗେଦର ହୁଏ



ଦୀପାବଳି ଆସିଲେ କାହିଁରେ କେତେ ଖୁସି। ପ୍ରତିବର୍ଷ ଦୀପାବଳିରେ ମୁଁ ଘରକୁ ଆସିଯାଏ। ଆମର ଯୌଥ ପରିବାର ହୋଇଥିବାରୁ ଘରେ ସବୁ ଭଉଣୀଭାଇଙ୍କର ଏକ ଛୋଟ ଗେଟ୍ ଟୁ ଗେଦର ହୋଇଯାଏ। ମୁଁ ଯେହେତୁ ଘରେ ସାନ, ସମସ୍ତଙ୍କଠୁ ପୂଜା ଖର୍ଚ୍ଚ ମଧ୍ୟ ଆଦାୟ କରେ। ସନ୍ଧ୍ୟାରେ ମା’ ମଧ୍ୟ ଗରମ ଗରମ ଖାଇବା ପ୍ରସ୍ତୁତ କରି ଦିଅନ୍ତି। ସବୁ ପରେ ଆରମ୍ଭ ହୁଏ ଫଟୋ ସେସନ୍। ଦୀପାବଳିକୁ ପାଳନ କରିବାକୁ ମୁଁ ଅନେକ ଦିନରୁ ଅନାଇ ବସିଛି।

**–ସୋନାଲି ପାଣିଗ୍ରାହୀ, ଛାତ୍ରୀ**

### ପରିବାର ସହ ପାଳିବାରେ ମିଳେ ଅଲଗା ଖୁସି



କିଛି ପୂଜାପର୍ବାଣୀ ଆସିଲେ ମୁଁ ଘରେ ହିଁ ରହିବାକୁ ପ୍ରାୟ ଚେଷ୍ଟା କରେ। ଏଥର ମଧ୍ୟ ଘରେ ହିଁ ଅଛି। ପରିବାର ଲୋକଙ୍କ ସହ ଦୀପାବଳି ପାଳିବାରେ ବହୁତ ଖୁସି ଲାଗେ। ଦୀପାବଳିରେ ଘରେ ଦୀପ ସବୁ ଲଗାଉ। ଆଗରୁ ବାଣ ଆସେ, ସମସ୍ତେ ମିଶି ଫୁଟାଉଥିଲୁ। ଏବେ ବାଣକୁ ସେପରି ଗୁରୁତ୍ୱ ନ ଥିଲେ ମଧ୍ୟ ଘର ଲୋକଙ୍କ ସହ ଦୀପାବଳି ମନାଇବାରେ ମୋତେ ଏକ ଅଲଗା ଖୁସି ମିଳେ।

**–ଦୀପନ୍ୱିତ ଦାସମହାପାତ୍ର, ଅଭିନେତା**











# ବିଶ୍ୱକପ୍‌ରୁ ପାକିସ୍ତାନ ବିଦା



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଏକ ଶଟ୍ ଖେଳୁଛନ୍ତି ବେନ୍ ଷ୍ଟୋକ୍ସ।

**କୋଲକାତା,୧୧।୧୧(ପି.ଟି.)**

ଅନ୍ତିମ ଲିଗ୍ ମ୍ୟାଚ୍ ଖେଳିଥିବା ପାକିସ୍ତାନ ଶନିବାର ବିଶ୍ୱକପ୍‌ରୁ ବିଦାୟ ନେଇଛି। ପାକିସ୍ତାନ ସମ୍ମୁଖରେ ନ୍ୟୁଜିଲାଣ୍ଡକୁ ପଛରେ ପକାଇ ସେମି ଫାଇନାଲକୁ ଯିବାର ଏକ କ୍ଷୀଣ ସୁଯୋଗ ରହିଥିଲା। ତେବେ ଟସ୍ ହାରିବା ସହିତ ପାକିସ୍ତାନର ଏହି ଆଶା ଉପରେ ପାଣି ପଡି ଯାଇଥିଲା। ତେବେ ଇଂଲଣ୍ଡ ୯୩ ରନ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲା। ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୯ ଉଇକେଟ ହରାଇ ୩୩୭ ରନ୍ କରିଥିଲା। ଜବାବରେ ପାକିସ୍ତାନ ୪୩.୩ ଓଭରରେ ସମସ୍ତ ଉଇକେଟ ହରାଇ ୨୪୪ ରନ୍ କରିଥିଲା।

ପାକିସ୍ତାନ ପାଇଁ ଏକ ଅସମ୍ଭବ ସୁଯୋଗ ରହିଥିଲେ ମଧ୍ୟ ଦଳ ଟସ୍ ହାରିବା ସହିତ ଟୁର୍ନାମେଣ୍ଟରୁ ବିଦାୟ ନେଇଥିଲା। ଇଂଲଣ୍ଡ ପ୍ରଥମେ ବ୍ୟାଟିଂ ନେଇଥିବା ବେଳେ ଦୁଇ ଓପନର ଜନି ବେୟାରଷ୍ଟୋ(୫୯) ଓ ଡାୱିଡ୍ ମଲନ(୩୧) ପ୍ରଥମ ଉଇକେଟରେ ୮୨ ରନ୍ ଯୋଡିଥିଲେ। ପାର୍ଟ ଟାଇମର ଇଫତିଖାର ଅହମଦ ୧୪ ତମ ଓଭରରେ ମଲନଙ୍କୁ ଆଉଟ କର ଏହି ଯୋଡି ଭାଙ୍ଗିଥିଲେ। ଅର୍ଦ୍ଧଶତକ ହାସଲ କରିବା ପରେ ବେୟାରଷ୍ଟୋ ଆଉଟ ହୋଇଥିବା ବେଳେ ଇଂଲଣ୍ଡର ସ୍କୋର ରହିଥିଲା ୧୦୮। ଆଉଟ ହେବା ପୂର୍ବରୁ ସେ ୬୧ ବଲ୍ ଖେଳି ୭ ଚୌକା ଓ ୧ ଛକା ମାରିଥିଲେ। ତେବେ ତୃତୀୟ ଉଇକେଟରେ ୧୩୨ ରନ୍ ଯୋଡିଥିଲେ ଜୋ ରୁଟ୍(୬୦) ଓ ଇନିଂସର ଟପ୍ ସ୍କୋରର ରହିଥିବା ବେନ୍ ଷ୍ଟୋକ୍ସ(୮୪)। ଉଭୟ ୧୩୧ ବଲ୍ ଖେଳି ୧୩୨ ରନ୍ ଯୋଡିବା ସହ ଇଂଲଣ୍ଡକୁ ଏକ ଦୃଢ ସ୍ଥିତିରେ ପହଞ୍ଚାଇଥିଲେ। ୭୬ ବଲ୍ ଖେଳିଥିବା ଷ୍ଟୋକ୍ସ ୧୧ ଚୌକା ଓ ୨ ଛକା ମାରିଥିଲେ। ୮୪ ରନ୍‌ର ଏହି ଇନିଂସରେ ୫୬ ରନ୍ କେବଳ ବାଉଣ୍ଡାରୀରୁ ସ୍କୋର ହୋଇଥିଲା। ଅନ୍ୟ ପକ୍ଷରେ ଜୋ ରୁଟ୍ ୭୨ ବଲ୍ ଖେଳି ୪ ଚୌକା ମାରିଥିଲେ। ପରବର୍ତ୍ତୀ ଦୁଇ ବ୍ୟାଟର ଜୋଶ ବଟଲର(୨୭) ଓ ହ୍ୟାରୀ ବ୍ରୁକ୍(୩୦) ରନ୍ କରିଥିଲେ। ତେବେ ନିମ୍ନ ମଧ୍ୟକ୍ରମ ବ୍ୟାଟରଙ୍କ ବିଫଳତା କାରଣରୁ ଇଂଲଣ୍ଡ ୫୦ ଓଭରରେ ୯ ଉଇକେଟ ହରାଇ ୩୩୭ ରନ୍ କରିଥିଲା। ପାକିସ୍ତାନ ପକ୍ଷରୁ ହାରିସ୍ ରୌଫ୍ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ମହମ୍ମଦ ୱାସିମ୍ ଜୁନିୟର ଓ ଶାହିନ୍ ଆଫ୍ରିଦି ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

୩୩୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଆରମ୍ଭ କରିଥିଲା ପାକିସ୍ତାନ। ନୂଆ ବଲ୍ ବୋଲିଂ କରିଥିବା ଡେଭିଡ୍ ୱିଲି ୨ ଉଇକେଟ ନେଇ ପାକିସ୍ତାନକୁ ପ୍ରାରମ୍ଭିକ ଝଟ୍‌କା ଦେଇଥିଲେ। ୧୦ ରନ୍ ମଧ୍ୟରେ ଦୁଇ ଓପନର ଅବଦୁଲ୍ଲା ଶଫିକ୍(୦) ଓ ଫଖର ଜମାନ(୧) ଆଉଟ ହୋଇଥିଲେ। ଉଭୟ ଖେଳାଳି ୱିଲିଙ୍କ ଶିକାର ହୋଇଥିଲେ। ବାବର ଆଜମ୍(୩୮) ଓ ମହମ୍ମଦ ରିଜୱାନ(୩୬) ତୃତୀୟ ଉଇକେଟରେ ୫୧ ରନ୍ ଯୋଡିଥିଲେ। ବାବରଙ୍କୁ ଆଉଟ କରି ଗସ୍ ଆଟକିନସନ୍ ଏହି ଭାଗୀଦାରିକୁ ଭାଙ୍ଗିଥିଲେ। ସୌଦ୍ ଶକିଲ ୨୯ ରନ୍ କରିଥିବା ବେଳେ ଏକମାତ୍ର ସଫଳ ଖେଳାଳି ଭାବେ ଆଘା ସଲମାନ୍ ୫୧ ରନ୍ କରିଥିଲେ। ୪୫ ବଲ୍ ଖେଳି ସେ ୬ ଚୌକା ଓ ୧ ଛକା ମାରିଥିଲେ। ଶେଷ ଆଡକୁ ଶାହିନ୍ ଆଫ୍ରିଦି (୨୫) ଓ ହାରିସ୍ ରୌଫ(୩୫)ଙ୍କ ବ୍ୟାଟିଂ ବଳରେ ପାକିସ୍ତାନ ୨୦୦ ରନ ପାର କରିଥିଲା। ଅନ୍ତିମ ଉଇକେଟରେ ମହମ୍ମଦ ୱାସିମ୍ ଜୁନିୟର(୧୬*)ଓ ରୌଫ୍ ୫୩ ରନ୍ ଯୋଡିଥିଲେ। ପାକିସ୍ତାନ ୪୩.୩ ଓଭରରେ ୨୪୪ ରନ୍ କରି ସମସ୍ତ ଉଇକେଟ ହରାଇଥିଲା।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୮ | ୮ | ୦ | ୧୬ | +୨.୪୫୬ |
| ଦକ୍ଷିଣ ଆଫ୍ରିକା | ୯ | ୭ | ୨ | ୧୪ | +୧.୨୬୧ |
| ଅଷ୍ଟ୍ରେଲିଆ | ୯ | ୭ | ୨ | ୧୪ | +୦.୮୪୧ |
| ନ୍ୟୁଜିଲାଣ୍ଡ | ୯ | ୫ | ୪ | ୧୦ | +୦.୭୪୩ |
| ପାକିସ୍ତାନ | ୯ | ୪ | ୫ | ୮ | -୦.୧୯୯ |
| ଆଫଗାନିସ୍ତାନ | ୯ | ୪ | ୫ | ୮ | -୦.୩୩୬ |
| ଇଂଲଣ୍ଡ | ୯ | ୩ | ୬ | ୬ | -୦.୫୭୨ |
| ବାଂଲାଦେଶ | ୯ | ୨ | ୭ | ୪ | -୧.୦୮୭ |
| ଶ୍ରୀଲଙ୍କା | ୯ | ୨ | ୭ | ୪ | -୧.୪୧୯ |
| ନେଦରଲାଣ୍ଡ୍ସ | ୮ | ୨ | ୬ | ୪ | -୧.୬୩୫ |



ଡେଭିଡ୍ ୱିଲି

### ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ୫୦ ଓଭରରେ ୩୩୭/୯(ବେନ୍ ଷ୍ଟୋକ୍ସ-୮୪, ଜୋ ରୁଟ୍-୬୦, ଜନି ବେୟାରଷ୍ଟୋ-୫୯, ହାରିସ୍ ରୌଫ୍-୩/୬୪, ମହମ୍ମଦ ୱାସିମ୍ ଜୁନିୟର-୨/୭୪, ଶାହିନ୍ ଆଫ୍ରିଦି-୨/୭୨)।
ପାକିସ୍ତାନ ୪୩.୩ ଓଭରରେ ୨୪୪/୧୦(ଆଘା ସଲମାନ-୫୧, ବାବର ଆଜମ-୩୮, ମହମ୍ମଦ ରିଜୱାନ-୩୬, ଡେଭିଡ୍ ୱିଲି-୩/୫୬, ଆଦିଲ ରଶିଦ୍-୨/୫୫, ଗସ୍ ଆଟକିନ୍‌ସନ୍-୨/୪୫, ମୋଇନ୍ ଅଲୀ-୨/୬୦)।

## ମାଥ୍ୟୁସଙ୍କ ଆଉଟ ନିଷ୍ପତ୍ତି ଠିକ୍ ଥିଲା: ଏମ୍‌ସିସି

**ଲଣ୍ଡନ,୧୧।୧୧(ପି.ଟି.)**

ଭେଟେରାନ୍ ଶ୍ରୀଲଙ୍କା ଅଲରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସଙ୍କ ଆଉଟ ନିଷ୍ପତ୍ତି ଠିକ୍ ଥିଲା ବୋଲି ମେରିଲବୋନ୍ କ୍ରିକେଟ କ୍ଲବ୍(ଏମ୍‌ସିସି) ପକ୍ଷରୁ କୁହାଯାଇଛି। କ୍ରିକେଟର ନିୟମ ପ୍ରଣେତା ରହିଥିବା ଏମ୍‌ସିସି ଶନିବାର ଏହି ଆଉଟକୁ ଯଥାର୍ଥ ବୋଲି ଅଭିହିତ କରିଛି। ବିଶ୍ୱର ପ୍ରଥମ ଅନ୍ତର୍ଜାତୀୟ ଖେଳାଳି ଭାବରେ ମାଥ୍ୟୁସ୍ ଟାଇମ୍ ଆଉଟ୍ ହୋଇଥିଲେ। ଏହାକୁ ନେଇ ବାକ୍‌ବିତଣ୍ଡା ସୃଷ୍ଟି ହୋଇଥିବା ବେଳେ ଏମ୍‌ସିସି ଏହାକୁ ଯଥାର୍ଥ କହିଛି। ମାଥ୍ୟୁସ୍ ପଡିଆରେ ଠିକ୍ ସମୟରେ ପ୍ରବେଶ କରିଥିଲେ, ତେବେ ହେଲ୍‌ମେଟ ବଦଳାଇବା ମଧ୍ୟରେ ସେ ଟାଇମ୍ ଆଉଟ୍ ହୋଇଥିଲେ। ଏହା ପୂର୍ବରୁ ସେ ଅମ୍ପାୟରଙ୍କ ଅନୁମତି ନେବା ଆବଶ୍ୟକ ଥିଲା ବୋଲି ଏମ୍‌ସିସି କହିଛି। ଉଲ୍ଲେଖଯୋଗ୍ୟ ଯେ, ବାଂଲାଦେଶ ବିପକ୍ଷ ମ୍ୟାଚରେ ଚତୁର୍ଥ ଉଇକେଟର ପତନ ପରେ ମାଥ୍ୟୁସ୍ ବ୍ୟାଟିଂ କରିବାକୁ ଆସିଥିଲେ। ତେବେ ବ୍ୟାଟିଂ କରିବା ପୂର୍ବରୁ ତାଙ୍କ ହେଲ୍‌ମେଟର ଷ୍ଟ୍ରାପ୍ ଭାଙ୍ଗିଯାଇଥିବା ସେ ଦେଖିଥିଲେ। ଏହାକୁ ବଦଳାଇବା ପାଇଁ ଡ୍ରେସିଂ ରୁମ୍‌କୁ ସିଗ୍‌ନାଲ ଦେଇଥିଲେ ମାଥ୍ୟୁସ୍। ତେବେ ଏହାକୁ ବଦଳାଇବା ପରେ ବାଂଲାଦେଶ ଅଧିନାୟକ ଶାକିବ୍ ଅଲ ହସନ ଟାଇମ୍ ଆଉଟ୍ ପାଇଁ ଆବେଦନ କରିବା ପରେ ଦୁଇ ଅମ୍ପାୟର ମାଥ୍ୟୁସଙ୍କୁ ଆଉଟ ଦେଇଥିଲେ।

## କ୍ରିକେଟ ବୋର୍ଡକୁ ନିଲମ୍ବନ ବେଆଇନ

**କଲମ୍ବୋ, (ଶ୍ରୀଲଙ୍କା), ୧୧।୧୧ (ଏପି)**

ସରକାରୀ ହସ୍ତକ୍ଷେପ ଦର୍ଶାଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଶ୍ରୀଲଙ୍କା କ୍ରିକେଟ ବୋର୍ଡ (ଏସଏଲ୍‌ସି)କୁ ସସ୍‌ପେଣ୍ଡ କରିବ ବେଆଇନ ବୋଲି କହିଛନ୍ତି ଶ୍ରୀଲଙ୍କା କ୍ରୀଡ଼ା ମନ୍ତ୍ରୀ ରୋଶନ ରଣସିଙ୍ଘେ। ଆଇସିସି ଯଦି ତୁରନ୍ତ ଏହି ସମସ୍ୟାର ସମାଧାନ ନ କରେ ତେବେ ସେ ସୁଇଜରଲାଣ୍ଡରେ ରହିଥିବା କ୍ରୀଡ଼ାର ସର୍ବୋଚ୍ଚ ନ୍ୟାୟାଳୟ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ୍ସ (କାସ୍)ଙ୍କ ଦ୍ୱାରସ୍ଥ ହେବେ। ରଣସିଙ୍ଘେ କହିଛନ୍ତି, ଆଇସିସି ନିଜ ନିୟମ ନିଜେ ଭଙ୍ଗ କରୁଛି। ଏସ୍‌ଏଲ୍‌ସି ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଠବା ପୂର୍ବରୁ ଅନ୍ୟ ସଦସ୍ୟମାନଙ୍କର ମତାମତ ନେବା ଉଚିତ ଥିଲା। ସୂଚନାଯୋଗ୍ୟ, ଶ୍ରୀଲଙ୍କା କ୍ରିକେଟ ପ୍ରଶାସନରେ ରାଜନୈତିକ ହସ୍ତକ୍ଷେପ ହୋଇଥିବା ଦର୍ଶାଇ ଆଇସିସି ଏହାକୁ ଶୁକ୍ରବାର ସସ୍‌ପେଣ୍ଡ କରିଥିଲା। ଏହା ପୂର୍ବରୁ ଭାରତରେ ଚାଲିଥିବା କ୍ରିକେଟ ବିଶ୍ୱକପ୍‌ରେ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ କ୍ରୀଡ଼ା ମନ୍ତ୍ରଣାଳୟ ଜାତୀୟ କ୍ରିକେଟ ବୋର୍ଡକୁ ସସ୍‌ପେଣ୍ଡ କରିଥିଲା। ବୋର୍ଡ ଦୁର୍ନୀତି ଚାଲିଥିବା ବିଷୟ ମଧ୍ୟ ମନ୍ତ୍ରଣାଳୟ ତରଫରୁ ଅଭିଯୋଗ ହୋଇଥିଲା। କିନ୍ତୁ ଏକ କୋର୍ଟ ଏହି ନିଷ୍ପତ୍ତି ଉପରେ ରହିତାଦେଶ ଜାରି କରିଥିଲେ। ଏହି କାରଣରୁ ଆଇସିସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା।

## ସେମି ଲାଇନ୍‌ଅପ୍ ଚୂଡ଼ାନ୍ତ

**କୋଲକାତା,୧୧।୧୧**

ଦିନିକିଆ କ୍ରିକେଟ ବିଶ୍ୱକପର ସେମି ଫାଇନାଲ ଲାଇନଅପ୍ ଚୂଡାନ୍ତ ହୋଇଛି। ଭାରତ, ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ସହିତ ଅନ୍ତିମ ଦଳ ଭାବରେ ନ୍ୟୁଜିଲାଣ୍ଡ ସେମିରେ ସାମିଲ ହୋଇଛି। ପୂର୍ବରୁ ଭାରତ, ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ସେମିକୁ ଉନ୍ନୀତ ହୋଇ ସାରିଥିବା ବେଳେ ପାକିସ୍ତାନ ବ୍ୟାଟିଂ ଆରମ୍ଭ କରିବା ମାତ୍ରକେ ନ୍ୟୁଜିଲାଣ୍ଡ ଉନ୍ନତ ରନ୍‌ରେଟ୍ ଭିତ୍ତିରେ ସେମିକୁ ଉନ୍ନୀତ ହୋଇଥିଲା। ଏହା ସହିତ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ସେମି ଫାଇନାଲ ନଭେମ୍ବର ୧୫ ତାରିଖରେ ୱାଙ୍ଖେଡେରେ ଖେଳାଯିବ। ଅନ୍ୟ ପକ୍ଷରେ ଦ୍ୱିତୀୟ ସେମି ଫାଇନାଲ କୋଲକାତାର ଇଡେନ୍ ଗାର୍ଡେନରେ ନଭେମ୍ବର ୧୬ ତାରିଖରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବ। ଉଭୟ ମ୍ୟାଚର ବିଜେତା ୧୯ ତାରିଖରେ ଗୁଜରାଟର ନରେନ୍ଦ୍ର ମୋଦୀ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ଖେଳିବେ।

## ମାର୍ଶ ୧୭୭*: ଅଷ୍ଟ୍ରେଲିଆର ସହଜ ବିଜୟ



ମିଚେଲ ମାର୍ଶ

**ପୁଣେ,୧୧।୧୧(ପି.ଟି.)**

ଷ୍ଟାର ଅଲରାଉଣ୍ଡର ମିଚେଲ ମାର୍ଶଙ୍କ ଅପରାଜିତ ୧୭୭ ରନ ବଳରେ ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ଏକ ଲିଗ୍ ମ୍ୟାଚରେ ଅଷ୍ଟ୍ରେଲିଆ ୮ ଉଇକେଟରେ ବାଂଲାଦେଶକୁ ପରାସ୍ତ କରି ସେମିଫାଇନାଲ ପାଇଁ ୱାର୍ମଅପ୍ ହୋଇଛି। ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ବିନିମୟରେ ୩୦୬ ରନ କରିଥିଲା। ଜବାବରେ ମାର୍ଶଙ୍କ ତୃତୀୟ ଅନ୍ତର୍ଜାତୀୟ ଦିନିକିଆ ଶତକ ଏବଂ ଡେଭିଡ୍ ୱାର୍ନର (୫୩) ଓ ଷ୍ଟିଭ୍ ସ୍ମିଥ (୬୩*)ଙ୍କ ଅର୍ଦ୍ଧଶତକ ସହାୟତାରେ ଅଷ୍ଟ୍ରେଲିଆ ୩୨ ବଲ ବାକି ଥାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ୫ଥର ଚାମ୍ପିୟନ ଦଳ ନଭେମ୍ବର ୧୬ରେ କୋଲକାତାରେ ଖେଳାଯିବାକୁଥିବା ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ଅନ୍ୟପକ୍ଷରେ ବାଂଲାଦେଶ ଆଉ ଏକ ପରାଜୟ ସହ ଏହାର ଅଭିଯାନ ଶେଷ କରିଛି। ଦଳ ରବିବାର ଭାରତ ଓ ନେଦରଲାଣ୍ଡ୍ସ ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚ ଫଳାଫଳକୁ ଅପେକ୍ଷା କରିଛି। ଭାରତ ଯଦି ଏହି ମ୍ୟାଚରେ ବିଜୟ ହାସଲ କରେ ତେବେ ଦଳ ୮ମ ସ୍ଥାନ ସହ ପାକିସ୍ତାନରେ ଖେଳାଯିବାକୁଥିବା ୨୦୨୫ ଚାମ୍ପିୟନ୍ସ ଟ୍ରଫି ପାଇଁ ଯୋଗ୍ୟତା ଅର୍ଜନ କରିବ। ଜେଜେବାପାଙ୍କ ମୃତ୍ୟୁ ଯୋଗୁ ମାର୍ଶ ଟୁର୍ନାମେଣ୍ଟ ଅଧାରୁ କିଛି ଦିନ ପାଇଁ ସ୍ୱଦେଶ ଫେରିଯାଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ତାଙ୍କ ଆକର୍ଷଣୀୟ ଅପରାଜିତ ଶତକୀୟ ଇନିଂସରେ ୧୭ ଚୌକା ଓ ୯ ଛକା ଲଗାଇଥିଲେ। ସେ ୱାର୍ନର ଓ ସ୍ମିଥ୍‌ଙ୍କ ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ଉଇକେଟ ପାର୍ଟନରଶିପ୍‌ରେ ୧୨୦ରନ (୧୧୬ ବଲ୍) ଏବଂ ୧୭୫ ରନ (୧୩୬ ବଲ୍) ଯୋଗ କରି ଏସୀୟ ଦଳଠାରୁ ମ୍ୟାଚ ଛଡ଼ାଇ ନେଇଥିଲେ। ବାଂଲାଦେଶ ଇନିଂସରେ ଟପ୍ ସ୍କୋରର ତୋହିଦ ହୃଦୟ ୭୪ ରନ କରିଥିବା ବେଳେ ଅଧିନାୟକ ନାଜମୁଲ ହୋସେନ ଶାନ୍ତୋ ୪୫ରନ ଏବଂ ଦୁଇ ଓପନର ତାଞ୍ଜିଦ ହସନ ଓ ଲିଟନ ଦାସ ୩୬ ରନ ଲେଖାଏ କରିଥିଲେ। ଅଷ୍ଟ୍ରେଲିଆ ତରଫରୁ ସିନ୍ ଆବୋଟ ଓ ଆଡାମ ଜାମ୍ପା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।।

### ସଂକ୍ଷିପ୍ତ ସ୍କୋର

**ବାଂଲାଦେଶ ଇନିଂସ:** ୫୦ ଓଭରରେ ୩୦୬/୮ (ତୋହିଦ ହୃଦୟ-୭୪, ନାଜମୁଲ ହୋସେନ ଶାନ୍ତୋ-୪୫ ; ଆଡାମ ଜାମ୍ପା-୨/୩୨, ସିନ୍ ଆବୋଟ-୨/୬୧)।

**ଅଷ୍ଟ୍ରେଲିଆ ଇନିଂସ:** ୪୪.୪ ଓଭରରେ ୩୦୭/୨ (ମିଚେଲ ମାର୍ଶ-୧୭୭*, ଡେଭିଡ ୱାର୍ନର-୫୩, ଷ୍ଟିଭ ସ୍ମିଥ୍-୬୩* ; ତସ୍କିନ ଅହମ୍ମଦ-୧/୬୧, ମୁସ୍ତାଫିଜୁର ରହମନ-୧/୭୬)।

## କୋହଲିଙ୍କ ପାଇଁ ଐତିହାସିକ ଶତକ ସୁଯୋଗ

### ଅପରାଜେୟ ଧାରା ବଜାୟ ଲକ୍ଷ୍ୟରେ ଭାରତ

**ବେଙ୍ଗାଲୁରୁ,୧୧।୧୧(ପି.ଟି.)**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରେ ଭାରତୀୟ ଦଳ ସପକ୍ଷରେ ସମସ୍ତ ଜିନିଷ ଯାଇଛି। ବର୍ତ୍ତମାନ ସୁଦ୍ଧା ଦଳ ଏହାର ସମସ୍ତ ଗ୍ରୁପ୍ ମ୍ୟାଚ୍‌ରେ ବିଜୟୀ ହୋଇଛି। ରବିବାର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ନେଦରଲାଣ୍ଡ୍ସର ସମ୍ମୁଖୀନ ହେବ ଭାରତ। ଏହି ମ୍ୟାଚ୍‌କୁ ଜିତିବା ସହିତ ଭାରତ ଅପରାଜେୟ ଭାବରେ ନକ୍‌ଆଉଟ ପର୍ଯ୍ୟାୟକୁ ଯିବାକୁ ଚାହିଁବ। ଅନ୍ୟ ପକ୍ଷରେ ଭାରତର ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ ନିକଟରେ ଦିନିକିଆ ଅନ୍ତର୍ଜାତୀୟରେ ୫୦ ତମ ଶତକ ହାସଲ କରିବାର ସୁଯୋଗ ରହିବ। ବେଙ୍ଗାଲୁରୁ କୋହଲିଙ୍କ ପାଇଁ ଦ୍ୱିତୀୟ ଘର ହୋଇଥିବା ବେଳେ ଏଠାରେ କୋହଲି ଦିନିକିଆ କ୍ୟାରିୟରର ଐତିହାସିକ ମୁହୂର୍ତ୍ତ ହାସଲ କରିବାକୁ ଚାହିଁବେ। ଭାରତ ସେମି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଥିବା ବେଳେ ନେଦରଲାଣ୍ଡ୍ସକୁ ହେୟ ମନେ କରିବା ଠିକ୍ ହେବ ନାହିଁ। ଗ୍ରୁପ୍ ପର୍ଯ୍ୟାୟରେ ଏହା ଦକ୍ଷିଣ ଆଫ୍ରିକା ପରି ଶକ୍ତିଶାଳୀ ଦଳକୁ ପରାସ୍ତ କରିଥିଲା। ତେବେ ସେମି ଫାଇନାଲ ପୂର୍ବରୁ ଭାରତ ନିଜର କୋର୍ ଟିମ୍‌କୁ ବିଶ୍ରାମ ଦେବାକୁ ଚାହିଁବ। ପେସ୍ ବୋଲିଂ ବିଭାଗରେ ମହମ୍ମଦ ସିରାଜ କିମ୍ବା ଯଶପ୍ରୀତ୍ ବୁମରାଙ୍କୁ ବିଶ୍ରାମ ଦେଇ ଭାରତ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଖେଳାଇପାରେ। ସେହିପରି ପ୍ରଥମ ମ୍ୟାଚ୍ ପରେ ବେଞ୍ଚରେ ବସିଥିବା ରବିଚନ୍ଦ୍ରନ ଅଶ୍ୱିନଙ୍କୁ ମଧ୍ୟ ଏକ ସୁଯୋଗ ମିଳିପାରେ।

ଏହି ମ୍ୟାଚ୍‌ରେ ଭାରତର ବିଜୟ ସହିତ କୋହଲିଙ୍କ ୫୦ତମ ଶତକକୁ ମଧ୍ୟ ଫ୍ୟାନ୍ ମାନେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ କୋଲକାତାରେ ସେ ୪୯ ତମ ଦିନିକିଆ ଶତକ ସହିତ ତେନ୍ଦୁଲକରଙ୍କ ରେକର୍ଡର ସମକକ୍ଷ ହୋଇଥିଲେ। ଏହା ସହ ପ୍ରଥମ ଥର ବିଶ୍ୱକପରେ ୫୦୦ ରନ୍ ଅତିକ୍ରମ କରିଥିବା କୋହଲି ବିଶ୍ୱକପରେ ସର୍ବାଧିକ ସ୍କୋରର ହେବାକୁ ପ୍ରୟାସ କରିବେ। ପୂର୍ବରୁ ସେ ୨୦୧୧ ବିଶ୍ୱକପରେ ୨୮୨ ରନ୍, ୨୦୧୫ରେ ୩୦୫ ରନ୍ ଓ ୨୦୧୯ରେ ୪୪୩ ରନ୍ ସ୍କୋର କରିଥିଲେ। ଏହା ସହିତ ସେମି ଫାଇନାଲ ପୂର୍ବରୁ କୋହଲି ବ୍ୟକ୍ତିଗତ ଭାବରେ ନିଜ ଫର୍ମ ବଜାୟ ରଖିବାକୁ ଚାହିଁବେ। ଏହି ମ୍ୟାଚ୍‌ରୁ ସେମି ଫାଇନାଲ ମଧ୍ୟରେ ଏକ ସପ୍ତାହର ଅନ୍ତର ରହିଛି।

କୋହଲିଙ୍କ ବ୍ୟତିତ ଭାରତ ସୂର୍ଯ୍ୟକୁମାର ଯାଦବଙ୍କ ନାମରେ କିଛି ରନ୍ ଦେଖିବାକୁ ଚାହିଁବ। ୫ ମ୍ୟାଚ୍ ଖେଳି ସାରିଥିଲେ ମଧ୍ୟ ସେ ମାତ୍ର ୮୫ ରନ୍ ସ୍କୋର କରିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ଆହତ ହେବା ପରେ ସୂର୍ଯ୍ୟ ପ୍ଲେଇଙ୍ଗ ଇଲେଭେନରେ ସାମିଲ ହୋଇଥିଲେ। ତେବେ ମିଳିଥିବା ସୁଯୋଗର ସେ ଏଯାଏ ଫାଇଦା ଉଠାଇ ପାରି ନାହାନ୍ତି। ରୋହିତ ଶର୍ମା ଓ ଶୁବମନ ଗିଲ୍ ଭାରତକୁ ଦ୍ରୁତ ଆରମ୍ଭ ପ୍ରଦାନ କରୁଥିଲେ ମଧ୍ୟ ଏହାକୁ ବଡ ସ୍କୋରରେ ରୂପାନ୍ତର କରି ପାରୁନାହାନ୍ତି। ନକ୍‌ଆଉଟ ପୂର୍ବରୁ ଉଭୟ ଏକ ବଡ ଭାଗୀଦାରି କରିବାକୁ ଚାହିଁବେ।

ମୁମ୍ବାଇର ସେମି ଫାଇନାଲ ପୂର୍ବରୁ ଏହା ଭାରତୀୟ ଦଳର ବେଞ୍ଚ ଷ୍ଟ୍ରେନ୍ଥ ପରୀକ୍ଷଣ ପାଇଁ ଏକ ସୁଯୋଗ ରହିବ। ଚିନ୍ନାସ୍ୱାମୀ ଷ୍ଟାଡିୟମକୁ ବ୍ୟାଟରଙ୍କ ଭୂସ୍ୱର୍ଗ କୁହାଯାଇଥାଏ। ଏପରି ସ୍ଥିତିରେ ଭାରତୀୟ ବ୍ୟାଟରଙ୍କ ନିକଟରୁ ଏକ ଭଲ ଇନିଂସ ଆଶା କରାଯାଏ। ନେଦରଲାଣ୍ଡ୍ସ ନିକଟରେ ଲୋଗାନ୍ ଭାନ୍ ବିକ୍, ପଲ୍ ଭାନଖ ମିକେରାନ୍ ଓ ବାସ୍ ଡି ଲିଡଙ୍କ ଭଳି ବୋଲର ରହିଛନ୍ତି। ତେବେ ଏହାର ଟପ୍ ବ୍ୟାଟର ମାନେ ରନ୍ ପାଇଁ ସଂଘର୍ଷ କରିଥିବା ବେଳେଏହା ଭାରତକୁଫାଇଦାରେ ରଖିବ।



ଅଭ୍ୟାସ ସେସନ ଅବସରରେ ଶୁବମନ ଗିଲ।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଭାରତ ବନାମ ନେଦରଲାଣ୍ଡ୍ସ**

ସ୍ଥାନ: ବେଙ୍ଗାଲୁରୁ,
ସମୟ: ଅପରାହ୍ଣ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ୨୧ରୁ ବଲାଙ୍ଗୀରରେ ଜାତୀୟ ସବ୍‌ଜୁନିୟର ଚାମ୍ପିୟନଶିପ୍



ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମଠାରେ ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ବିଷୟରେ ସୂଚନା ଦିଆଯାଉଛି।

- ଭାଗନେବେ ୪୫୦ରୁ ଊର୍ଦ୍ଧ୍ୱ ଖେଳାଳି
- ୩ ଦିନିଆ ଜାତୀୟ ରେଫରି ତାଲିମ ଓ ପରୀକ୍ଷା

**ବଲାଙ୍ଗୀର, ୧୧।୧୧ (ବୀରେନ୍ଦ୍ର କୁମାର ଝାଙ୍କର)**

ଆସନ୍ତା ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମଠାରେ ଜାତୀୟ ସବ୍‌ଜୁନିୟର (୧୩ ବର୍ଷ ବୟସ ବର୍ଗ) ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଭାରତୀୟ ବ୍ୟାଡ୍‌ମିଣ୍ଟନ ସଂଘ, ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଏବଂ ଜିଲା ବ୍ୟାଡ୍‌ମିଣ୍ଟନ ସଂଘ ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ଚାମ୍ପିୟନଶିପ୍‌ରେ ଦେଶର ସମସ୍ତ ରାଜ୍ୟ ଏବଂ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳର ୪୫୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିବେ। ଶନିବାର ଅପରାହ୍ନ ୪ଟାରେ ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜନ କମିଟି ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଉପରୋକ୍ତ ସୂଚନା ଦେଇଥିଲେ। ବଲାଙ୍ଗୀରରେ ପ୍ରଥମ ଥର ପାଇଁ ଜାତୀୟ ସ୍ତରର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଆୟୋଜନ ହେବା ସମଗ୍ର ବଲାଙ୍ଗୀର ତଥା ରାଜ୍ୟ ପାଇଁ ଗୌରବର ବିଷୟ। ଜିଲା ପ୍ରଶାସନ ତରଫରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ପୂର୍ବରୁ ଏକ ବୈଠକରେ ଜିଲାପାଳ ଚଞ୍ଚଳ ରାଣା ସୂଚନା ଦେଇଛନ୍ତି। ଖେଳାଳି, କୋଚ୍, ରେଫରି, ରାଜ୍ୟ ତଥା ଜାତୀୟ ସଂଘ କର୍ମକର୍ତ୍ତାଙ୍କ ରହଣି, ଖାଇବା,ଗମନାଗମନ ଏବଂ ଖେଳ ପାଇଁ ସମସ୍ତ ସୁବ୍ୟବସ୍ଥା ସରିଛି ବୋଲି ଭାରତୀୟ ବ୍ୟାଡ୍‌ମିଣ୍ଟନ ସଂଘ ଦ୍ୱାରା ନିଯୁକ୍ତ ହୋଇଥିବା ସଂଯୋଜକ ତଥା ବଲାଙ୍ଗୀର ଜିଲା ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ସୁରୁଲାଲ ମଟାରୀ ସୂଚନା ଦେଇଥିଲେ। ଚାମ୍ପିୟନଶିପ୍ ଆରମ୍ଭ ହେବା ପୂର୍ବରୁ ନଭେମ୍ବର ୧୮, ୧୯ ଓ ୨୦ ତାରିଖ ତିନିଦିନ ଧରି ଜାତୀୟ ରେଫରି ତାଲିମ ଅନୁଷ୍ଠିତ ହେବ ଏବଂ ଏହାର ପରୀକ୍ଷା ୨୧, ୨୨, ୨୩ ଓ ୨୪ ତାରିଖ ଖେଳ ସମୟରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ ବାହାରୁ ୩୬ ଜଣ ଏବଂ ଓଡ଼ିଶାରୁ ୩୦ ଜଣ ରେଫରି ପରୀକ୍ଷା ପାଇଁ ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗିତା ସମୟରେ ଭାରତୀୟ ବ୍ୟାଡମିଣ୍ଟନ ସଂଘର ଟୁର୍ନାମେଣ୍ଟ କମିଟି ଆବାହକ ଉମର ରସିଦ୍, ଉପସଭାପତି ଏସ୍. ମୁରଲୀଧରନ୍, ଜାତୀୟ ରେଫରି କମିଟି ଆବାହକ ରାକେଶ ଶେଖର, ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନ ଯୁଗ୍ମ ସମ୍ପାଦକ ପ୍ରଭାକର ରାଓ, ବିଶ୍ୱ ବ୍ୟାଡମିଣ୍ଟନ ଫେଡେରେଶନ୍ ସ୍ୱୀକୃତିପ୍ରାପ୍ତ ଅମ୍ପାୟର ଧନଞ୍ଜୟ ସାଇନି, ଫାଇନ୍ ସି ଦଥାନ୍, ସୁଦୀପ ବାର୍ଭେ, ଆନ୍ତର୍ଜାତିକ କୋଚ୍ ତଥା ଖେଳାଳି ଏମ୍. ଭି. ମୁରଲୀକ୍ରିଷ୍ଣା, ଜାତୀୟ କୋଚ୍ ଗୋବର୍ଦ୍ଧନ ରେଡ୍ଡି ପ୍ରମୁଖ ଉପସ୍ଥିତ ରହିବେ ବୋଲି ସୂଚନା ଦିଆଯାଇଥିଲା। ଆଜିର ଏହି ଆୟୋଜନ କମିଟି ବୈଠକ ତଥା ସାମ୍ବାଦିକ ସମ୍ମିଳନୀରେ ଉପଦେଷ୍ଟା ବୀରେନ୍ଦ୍ର ମିଶ୍ର, ସୁଶାନ୍ତ ଚୋପଦାର, ଧର୍ମେନ୍ଦ୍ର ନନ୍ଦ, ପ୍ରାକ୍ତନ ଖେଳାଳି ନବୀନ ନନ୍ଦ, ଜିଲା ବ୍ୟାଡମିଣ୍ଟନ ସଂଘ ସଭାପତି ଗୋପାଳ ଚନ୍ଦ୍ର ପଣ୍ଡା ଏବଂ ରେଫରୀ ପରୀକ୍ଷା ଦାୟିତ୍ୱରେ ଥିବା ଅନନ୍ତ ବେହେରା ଓ ମାନସ ମହାନ୍ତି ମଞ୍ଚାସୀନ ହୋଇ ଚାମ୍ପିୟନଶିପ୍ ସଫଳତା ଦିଗରେ ମତାମତ ଦେଇଥିଲେ।

# ମେସିଙ୍କ ସମ୍ମାନରେ ପ୍ରଦର୍ଶନୀ ମ୍ୟାଚ୍


ବାଲନ୍ ଡି'ଅର ପୁରସ୍କାର ସହ ଲିଓନେଲ ମେସି।

**ଫୋର୍ଟ ଲାଉଡରଡେଲ୍, ୧୧।୧୧ (ପି.ଟି.)**

ଆର୍ଜେଣ୍ଟିନାର ଲିଓନେଲ ମେସି ରେକର୍ଡ ଅଷ୍ଟମ ଥର ପାଇଁ ବାଲନ୍ ଡି'ଅର ପୁରସ୍କାର ହାସଲ କରିଥିବା ବେଳେ ତାଙ୍କ କ୍ଲବ ଇଣ୍ଟର ମାୟାମି ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳିଛି। ଇଣ୍ଟର ମାୟାମିର ପ୍ରଥମ ଖେଳାଳି ଭାବରେ ମେସି ଏହି ସମ୍ମାନ ଜନକ ପୁରସ୍କାର ହାସଲ କରିଥିଲେ। ଏହା ଫଳରେ ଶୁକ୍ରବାର ରାତିରେ ଇଣ୍ଟର ମାୟାମି ମେସିଙ୍କ ସମ୍ମାନରେ ଏହି ମ୍ୟାଚ୍ ଖେଳିଥିଲା। ଏହି ମ୍ୟାଚ୍ ପୂର୍ବରୁ ମେସିଙ୍କ ପାଇଁ ଏକ ଗୋଲ୍ଡେନ୍ କାର୍ପେଟ୍ ବିଛା ଯାଇଥିଲା। ମେସି ବାମ ହାତରେ ନିଜ ଟ୍ରଫି ଧରି ଷ୍ଟାଡିୟମରେ ପ୍ରବେଶ କରିଥିଲେ। ମେଜର ଲିଗ୍ ସକରର କମିଶନର ଡନ୍ ଗାର୍ବର ମେସିଙ୍କ ସହିତ ଷ୍ଟାଡିୟମରେ ପ୍ରବେଶ କରିଥିଲେ। ନ୍ୟୁୟର୍କ ସିଟି ଏଫ୍‌ସି ସହିତ ଏହି ମ୍ୟାଚ୍‌ଟି ଖେଳା ଯାଇଥିବା ବେଳେ ଇଣ୍ଟର ମାୟାମି ୨-୧ରେ ପରାଜିତ ହୋଇଥିଲା। ଷ୍ଟପେଜ୍ ଟାଇମ୍‌ରେ ମେସିଙ୍କୁ ଫ୍ରି କିକ୍ ମିଳିଥିଲା। ତେବେ ୨୫ ଗଜ ଦୂରରୁ ମରା ଯାଇଥିବା କିକ୍ ପୋଷ୍ଟ ଉପରେ ଚାଲି ଯାଇଥିଲା। ଡନ୍ ଗାର୍ବର ଏହି ମ୍ୟାଚ୍ ପରେ ମେସିଙ୍କୁ ବିଶ୍ୱର ଶ୍ରେଷ୍ଠ ଫୁଟବଲର ଭାବେ ବର୍ଣ୍ଣନା କରିଥିଲେ।

# ଧୀରଜଙ୍କୁ ରୌପ୍ୟ ସହ ଅଲିମ୍ପିକ କୋଟା

**ଏସିଆନ କଣ୍ଟିନେଣ୍ଟାଲ କ୍ୱାଲିଫିକେଶନ ଟୁର୍ନାମେଣ୍ଟ**

**ବ୍ୟାଙ୍କକ୍, ୧୧।୧୧ (ପି.ଟି.)**

ଧୀରଜ ବୋମାଦେବରା ଏଠାରେ ଚାଲିଥିବା ଏସିଆନ କଣ୍ଟିନେଣ୍ଟାଲ କ୍ୱାଲିଫିକେଶନ ଟୁର୍ନାମେଣ୍ଟରେ ଏକ ରୌପ୍ୟ ପଦକ ହାସଲ କରିଛନ୍ତି। ଏଥିସହିତ ସେ ତୀରନ୍ଦାଜୀରେ ଭାରତର ପ୍ରଥମ ପ୍ୟାରିସ ଅଲିମ୍ପିକ କୋଟା ହାସଲ କରିଛନ୍ତି। ସିନିୟର ସାଥୀ ଖେଳାଳି ତରୁଣଦୀପ ରାୟ କ୍ୱାର୍ଟରଫାଇନାଲ ପର୍ଯ୍ୟାୟରୁ ବିଦାୟ ନେବା ପରେ ବୋମାଦେବରା ଏକମାତ୍ର ଭାରତୀୟ ଭାବେ ପ୍ରତିଯୋଗିତାରେ ତିଷ୍ଠି ରହିଥିଲେ। ଏହି ୨୨ ବର୍ଷୀୟ ତୀରନ୍ଦାଜ ନିରାଶ ନ କରି କ୍ରମାଗତ ଦୁଇ ବିଜୟ ସହ ଫାଇନାଲରେ ପ୍ରବେଶ କରିଥିଲେ। ଏସିଆନ କଣ୍ଟିନେଣ୍ଟାଲ କ୍ୱାଲିଫିକେଶନ ଟୁର୍ନାମେଣ୍ଟର ପୁରୁଷ ଓ ମହିଳା ବିଭାଗରେ ଫାଇନାଲ୍‌କୁ ଉନ୍ନୀତ ହୋଇଥିବା ଦୁଇଟି ଦେଶ ପାଇଁ ବ୍ୟକ୍ତିଗତ କୋଟା ରହିଛି। ଧୀରଜ ତାଙ୍କ ଚାଇନିଜ ତାଇପେ ପ୍ରତିଦ୍ୱନ୍ଦ୍ୱୀ ଜିହ-ସିଆଙ୍ଗ ଲିନ୍‌ଙ୍କଠାରୁ ୫-୬ରେ ପରାଜିତ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିବାରେ ବିଫଳ ହୋଇଥିଲେ। କ୍ୱାର୍ଟରଫାଇନାଲରେ ଧୀରଜ ଇରାନର ସାଦେଶ ଆଶ୍ରାଫି ବାଭିଲିଙ୍କୁ ୬-୦ରେ ହରାଇ ଦେଇଥିଲେ। ସେହିପରି ସେମିଫାଇନାଲରେ ସେ ଇରାନର ଅନ୍ୟ ଜଣେ ମହମ୍ମଦ ହୋସେନ ଗୋଲଶାନିଙ୍କୁ ସମାନ ୬-୦ ବ୍ୟବଧାନରେ ପରାସ୍ତ କରିଥିଲେ।

### ଏସିଆନ ହାଫ୍ ମାରାଥନ ଚାମ୍ପିୟନଶିପ୍

# ଭାରତୀୟ ଦଳକୁ ସ୍ୱର୍ଣ୍ଣ ପଦକ

**ଦୁବାଇ, ୧୧।୧୧ (ପି.ଟି.)**

ଏସିଆନ ହାଫ୍ ମାରାଥନ ଚାମ୍ପିୟନଶିପ୍‌ର ପ୍ରଥମ ସଂସ୍କରଣରେ ଭାରତୀୟ ପୁରୁଷ ଦଳ ସ୍ୱର୍ଣ୍ଣ ଜିତିଥିବା ବେଳେ ମହିଳା ଦଳକୁ ବ୍ରୋଞ୍ଜ ପଦକ ହାସଲ କରିଛି। ଭାରତୀୟ ଦଳରେ ସାୱନ ବରୱାଲ, କାର୍ତ୍ତିକ କୁମାର ଓ ଅଭିଷେକ ପାଲ ପ୍ରତିନିଧିତ୍ୱ କରିଥିଲେ। ବରୱାଲ ୧ ଘଣ୍ଟା ୪ ମିନିଟ ୩୦ସେକେଣ୍ଡ ଟାଇମିଂରେ ବ୍ୟକ୍ତିଗତ ବ୍ରୋଞ୍ଜ ଜିତିଥିବା କୁମାର (୧:୦୫:୨୧) ଓ ପାଲ୍ (୧:୦୮:୦୫) ଯଥାକ୍ରମେ ୫ମ ଓ ୧୩ତମ ସ୍ଥାନ ଅଧିକାର କରିଥିଲେ। ସେହିପରି ମହିଳା ଦଳରେ ପୁନମ (୧:୧୯:୨୮ ସେକେଣ୍ଡ), କବିତା (୧:୧୯:୩୩ ସେକେଣ୍ଡ) ଓ ରିମା (୧:୧୯:୪୦ ସେକେଣ୍ଡ) ବ୍ୟକ୍ତିଗତ ଇଭେଣ୍ଟରେ ଯଥାକ୍ରମେ ୯ମ, ୧୦ମ ଓ ୧୧ଶ ସ୍ଥାନରେ ରହିଥିଲେ। ବ୍ୟକ୍ତିଗତ ଆଥଲେଟଙ୍କ ଟାଇମିଂ ଯୋଗ କରି ଟିମ୍ ବିଜେତା ଘୋଷଣା କରାଯାଇଥିଲା।

# ଭାରତର କ୍ରମାଗତ ଚତୁର୍ଥ ବିଜୟ

**ଆଇସି ରଡ୍ ଲାଭର ଜୁନିୟର ଚ୍ୟାଲେଞ୍ଜ ଟେନିସ**

**ସାନ୍ ଡିଏଗୋ (ଆମେରିକା), ୧୧।୧୧**

ଭାରତ ଏଠାରେ ଚାଲିଥିବା ଆଇସି ରଡ୍ ଲାଭର ଜୁନିୟର ଚ୍ୟାଲେଞ୍ଜ ଟେନିସ ପ୍ରତିଯୋଗିତାରେ ୫-୧ରେ ଦକ୍ଷିଣ ଆଫ୍ରିକାକୁ ହରାଇ ଦେଇଛି। ଏଥିସହ ଦଳ କ୍ରମାଗତ ଚତୁର୍ଥ ବିଜୟ ହାସଲ କରିଛି। ଭାରତ ବର୍ତ୍ତମାନ ସ୍ୱର୍ଣ୍ଣ ପଦକ ପାଇଁ ଆର୍ଜେଣ୍ଟିନା ସହ ମୁକାବିଲା କରିବ। ମାନସ ଧାମ୍‌ନେ ଓ ରଶିଲ ଖୋସ୍‌ଲା ଯଥାକ୍ରମେ ସେମାନଙ୍କ ବାଳକ ସିଙ୍ଗଲ୍ସ ମ୍ୟାଚ ଗଏ ଭିକ୍ଟର ଓରୱେର୍କ (୬-୩, ୬-୧) ଏବଂ ସିମ୍‌ଫ୍ୟୁ ଏଙ୍ଗୱେନ୍ୟାଙ୍କୁ (୬-୦, ୬-୨) ପରାସ୍ତ କରି ଭାରତକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଆସ୍‌ମି ଅଦକର ବାଳିକା ସିଙ୍ଗଲ୍ସ ମ୍ୟାଚ ୩-୬, ୧-୬ରେ ମାରି-ଲୋସି ଭାନ୍ ଜିଲ୍‌ଙ୍କଠାରୁ ହାରିଯାଇଥିଲେ। କିନ୍ତୁ ସୋହିନୀ ମହାନ୍ତି ୬-୪, ୭-୬ (୭)ରେ କେଟ୍‌ଲିନ୍ ଲେହ ରାମଦୂତଙ୍କୁ ହରାଇ ଭାରତକୁ ୩-୧ରେ ଅଗ୍ରଣୀ କରାଇଥିଲେ। ପରେ ଡବଲ୍ସରେ ବିଜୟ ସହ ଭାରତ ମୁକାବିଲା ଜିତି ନେଇଥିଲା।

# ଓଡ଼ିଶା ପ୍ରତିଯୋଗୀଙ୍କ ସଫଳତା


ଶୁଭମ ମିଶ୍ର

**ବିଶ୍ୱ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା**

**ଭୁବନେଶ୍ୱର, ୧୧।୧୧ (ବିଜୟ ରଣା)**

ଦକ୍ଷିଣ କୋରିଆରେ ୱାର୍ଲ୍ଡ ବଡିବିଲ୍‌ଡିଂ ସ୍ପୋର୍ଟ୍ସ ଆଣ୍ଡ୍ ଫିଜିକ୍ ସ୍ପୋର୍ଟ୍ସ ଫେଡେରେଶନ ତରଫରୁ ଅନୁଷ୍ଠିତ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ସଫଳତା ହାସଲ କରିଛନ୍ତି। ନାରାୟଣ ବାରିକ ୬୦କେଜି ଶ୍ରେଣୀରେ ରୌପ୍ୟ, ଅମିତ କୁମାର ଭୂୟାଁ ୭୦କେଜି ଶ୍ରେଣୀରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଜଗନ୍ନାଥ ଖୁଣ୍ଟିଆ ୭୦କେଜି ଶ୍ରେଣୀରେ ବେଷ୍ଟ ଫାଇଭ୍ ଏବଂ ଶୁଭମ ମିଶ୍ର ୧୬୫ସେମିରୁ କମ୍ ବର୍ଗରେ ବେଷ୍ଟ ଫାଇଭରେ ସ୍ଥାନ ପାଇପାରିଛନ୍ତି। ଏହାଦ୍ୱାରା ସେମାନେ ରାଜ୍ୟ ତଥା ଦେଶର ଗୌରବ ବୃଦ୍ଧି କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଗୋଆଠାରେ ଅନୁଷ୍ଠିତ ଜାତୀୟ ଆଥଲେଟିକ୍ ଫିଜିକ୍ ଫର୍ ବଡି ବିଲ୍ଡିଂ ଚୟନ ଶିବିରରେ ଯୋଗ ଦେଇ ଏମାନେ ଜାତୀୟ କମିଟି ଦ୍ୱାରା ମନୋନୀତ ହୋଇଥିଲେ। ଏହି ସଫଳତା ପାଇଁ ଓଡ଼ିଶାର ବଡିବିଲ୍ଡିଂ ଫେଡେରେଶନ ସଭାପତି ସୁମିତ୍ରା ତ୍ରିପାଠୀ ଓ ସମ୍ପାଦକ ପ୍ରସନ୍ନ ମହାସୁଆର ସଫଳ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# କିଟ୍ ବିଶ୍ୱବିଦ୍ୟାଳୟ ଚାମ୍ପିୟନ

**ଭୁବନେଶ୍ୱର, ୧୧।୧୧ (ତପନ ସ୍ୱାଇଁ)**

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଅନୁମୋଦନ କ୍ରମେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ (ପୁରୁଷ) ଚାମ୍ପିୟନଶିପ ଶନିବାର ଉଦ୍‌ଯାପିତ ହୋଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଛି। ବାରାଣସୀର ମହାତ୍ମା ଗାନ୍ଧୀ କାଶୀ ବିଦ୍ୟାପୀଠ ଦ୍ୱିତୀୟ, କୋଲକାତାର ଆଦାମାସ ୟୁନିଭର୍ସିଟି ତୃତୀୟ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନ ଅଧିକାର କରିଛି। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ସରନଜିତ ସିଂ, ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି, କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଓ ଗ୍ଲେନମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନର ଇଆନ ଏଲ୍ସ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ତିମ ଦିବସରେ କିଟ୍ ବିଶ୍ୱବିଦ୍ୟାଳୟ ୩-୨ରେ ମହାତ୍ମା ଗାନ୍ଧୀ କାଶୀ ବିଦ୍ୟାପୀଠକୁ ଏବଂ ଆଦାମାସ ୟୁନିଭର୍ସିଟି ୩-୧ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ଏହି ୪ଟି ଦଳ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ, ଆନ୍ତଃ ଜୋନ୍ ଭଲିବଲ (ପୁରୁଷ) ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଏହି ସର୍ବଭାରତୀୟ ପ୍ରତିଯୋଗିତା ଆସନ୍ତା ଡିସେମ୍ବରରେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ।



ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ ଚାମ୍ପିୟନଶିପ ବିଜେତା କିଟ୍ ଦଳ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ